# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୨୮/୨୦୨୦ (୧୨ପୃଷ୍ଠା) | Sambalpur, Monday, September 28/2020 | ★★

୧୬ଶ ଭାଗ ୨୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଛୁଟି କାଟୁଛନ୍ତି ମୌନୀ**

ବଲିଉଡ ଅଭିନେତ୍ରୀ ମୌନୀ ରୟ୍ ଏବେ ସମୟକୁ ବେଶ୍ ଉପଭୋଗ କରୁଛନ୍ତି। ସେ ଏବେ ମାଳଦ୍ୱୀପରେ ଛୁଟି କଟାଉଛନ୍ତି।

୦୨

୧୦

**ଆଜାରେଙ୍କା ଦ୍ୱିତୀୟ ରାଉଣ୍ଡରେ**

ବେଲାରୁଷର ଭିକ୍ଟୋରିଆ ଆଜାରେଙ୍କା ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।



## ୧୬ ପଇସା କମିଲା ଡିଜେଲ

ଭୁବନେଶ୍ୱର,୨୭।୯

ଡିଜେଲ ଦର ଓଡିଶାରେ ରବିବାର ପୁଣି ୧୬ ପଇସା ହ୍ରାସ ହୋଇଛି। ଫଳରେ ଭୁବନେଶ୍ୱରରେ ଏହାର ଲିଟର ପିଛା ଦର ୭୭.୦୪ ଟଙ୍କାକୁ ହ୍ରାସ ପାଇଛି। ତେବେ ପେଟ୍ରୋଲ ଦର ଅପରିବର୍ତ୍ତିତ ୮୧.୬୦ ଟଙ୍କା ରହିଛି। ଦେଶର ମେଟ୍ରୋ ସହରଗୁଡିକରେ ରବିବାର ଡିଜେଲ ୧୩ରୁ ୧୪ ପଇସା ନିମ୍ନରେ ରହିଛି। ନୂଆଦିଲ୍ଲୀରେ ଡିଜେଲ ଦର ୭୦.୮୦ ଟଙ୍କା ରହିଥିବା ବେଳେ ଚେନ୍ନାଇରେ ୭୬.୨୭ ଟଙ୍କା, କୋଲକାତାରେ ୭୪.୩୨ ଟଙ୍କା ଏବଂ ମୁମ୍ବାଇରେ ୭୭.୨୨ ଟଙ୍କା ରହିଛି। ଏହି ସହରଗୁଡିକରେ ପେଟ୍ରୋଲ ଅପରିବର୍ତ୍ତିତ ରହିଥିବା ବେଳେ ଦର ଯଥାକ୍ରମେ ୮୧.୦୬ ଟଙ୍କା, ୮୪.୧୪ ଟଙ୍କା, ୮୨.୫୯ ଟଙ୍କା ଏବଂ ୮୭.୭୪ ଟଙ୍କା ରହିଥିବା ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡିକ ପକ୍ଷରୁ ସୂଚନା ମିଳିଛି। ସୂଚନା ଯୋଗୁ, ଶନିବାର ଭୁବନେଶ୍ୱରରେ ଡିଜେଲ ୧୭ ପଇସା ହ୍ରାସ ହୋଇଥିଲା। ବର୍ତ୍ତମାନ ଏଠାରେ ଇନ୍ଧନ ଦର ନୂଆଦିଲ୍ଲୀଠାରୁ ଉଚ୍ଚରେ ରହିଥିବା ଜଣାପଡିଛି।

# ଫେରିଯିବ ମୌସୁମୀ

## ଓଡ଼ିଶାରେ ୧% କମ୍, ଦେଶରେ ୯% ଅଧିକ ବର୍ଷା

ଭୁବନେଶ୍ୱର,୨୭।୯(ବ୍ୟୁରୋ)



- ଜୁଲାଇରେ ନଗଣ୍ୟ, ଅଗଷ୍ଟରେ ବୁଡ଼ାଇଲା
- ଅକ୍ଟୋବର ପ୍ରଥମ ସପ୍ତାହରେ ଓଡ଼ିଶାରୁ ବିଦାୟ ନେବ

ଦକ୍ଷିଣ-ପଶ୍ଚିମ ମୌସୁମୀ ସୋମବାର ଉତ୍ତର ଭାରତର ରାଜସ୍ଥାନଠାରୁ ଅପସାରଣ ଆରମ୍ଭ କରିବ। ଅକ୍ଟୋବର ପ୍ରଥମ ସପ୍ତାହର ଶେଷ ଭାଗରେ ମୌସୁମୀ ଓଡ଼ିଶାରୁ ବିଦାୟ ନେବ। ରାଜ୍ୟରେ ଆଉ ମୌସୁମୀ ବର୍ଷାର ସମ୍ଭାବନା ନାହିଁ। ସ୍ଥାନୀୟ ଜଳବାୟୁ ଆଧାରରେ କାଁ ଭାଁ କେଉଁଠି ଅଳ୍ପ ବର୍ଷା ହୋଇପାରେ। ମୌସୁମୀ ଏବେ ବଙ୍ଗୋପସାଗର ଉପରେ ରହିଛି। ତାମିଲନାଡୁ ଉପକୂଳ ଦେଇ ଧୀରେ ଧୀରେ ଏହା ଅପସରି ଯିବ।

ଚଳିତବର୍ଷ ମୌସୁମୀ ବର୍ଷା ସ୍ୱାଭାବିକ ରହିଛି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଜୁନ୍ ପହିଲାରୁ ସେପ୍ଟେମ୍ବର ୨୭ ମଧ୍ୟରେ ଦେଶରେ ୯% ଅଧିକ ବର୍ଷା ହୋଇଛି। ଏହି ସମୟ ମଧ୍ୟରେ ଦେଶରେ ସ୍ୱାଭାବିକ ଭାବେ ୮୬୯.୪ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୯୫୧.୩ ମିଲିମିଟର ବର୍ଷା। ଏହି ସମୟ ମଧ୍ୟରେ ଓଡ଼ିଶାରେ ୧% କମ୍ ବର୍ଷା ହୋଇଛି। ଜୁନ୍ ପହିଲାରୁ ସେପ୍ଟେମ୍ବର ୨୭ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଭାବେ ୧୧୪୦.୭ ମିଲିମିଟର ହେବା ସ୍ଥଳେ ହୋଇଛି ୧୧୩୧.୯ ମିଲିମିଟର ବର୍ଷା। ରାଜ୍ୟର ୨୪ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ୨ ଜିଲା କୋରାପୁଟ(୪୪%), ଝାରସୁଗୁଡ଼ା(୨୬%)ରେ ଅଧିକ ଓ ୪ ଜିଲାରେ କମ୍ ବର୍ଷା ହୋଇଛି। ଗଜପତି ଜିଲାରେ ସ୍ୱାଭାବିକଠାରୁ ୨୪% କମ୍ ବର୍ଷା ହୋଇଥିବାବେଳେ ଖୋର୍ଦ୍ଧାରେ ୨୮%, ବାଲେଶ୍ୱର ୨୪% ଏବଂ ପୁରୀରେ ୨୫% କମ୍ ବର୍ଷା ହୋଇଛି। ଜୁନ୍ ପହିଲାରୁ ସେପ୍ଟେମ୍ବର ୨୭ ମଧ୍ୟରେ ବାଲେଶ୍ୱରରେ ସ୍ୱାଭାବିକ ଭାବେ ୧୨୨୪.୪ ମିଲିମିଟର ବର୍ଷା ହେବା ପରିବର୍ତ୍ତେ ହୋଇଛି ୯୨୫.୧ ମିଲିମିଟର, ଗଜପତିରେ ୯୭୦.୯ ମିଲିମିଟର ପରିବର୍ତ୍ତେ ୭୩୯.୪ ମିଲିମିଟର, ଖୋର୍ଦ୍ଧାରେ ୧୦୯୬.୮ ମିଲିମିଟର ପରିବର୍ତ୍ତେ ୭୮୬.୭ ମିଲିମିଟର ଏବଂ ପୁରୀରେ ୯୯୦.୯ ମିଲିମିଟର ସ୍ଥାନରେ ୭୪୦.୭ ମିଲିମିଟର ବର୍ଷା ହୋଇଛି। ଦକ୍ଷିଣ ପଶ୍ଚିମ ମୌସୁମୀ ଜୁନ୍ ୧୧ରେ ରାଜ୍ୟକୁ ☞ପୃଷ୍ଠା-୪

## ପରଲୋକରେ ଯଶୱନ୍ତ ସିଂ

ନୂଆଦିଲ୍ଲୀ,୨୭।୯

- ଭାଜପାର ପ୍ରତିଷ୍ଠା ସଦସ୍ୟ ଥିଲେ
- ବାଜପେୟୀ ସରକାରରେ ଅର୍ଥ, ବହିର୍ବ୍ୟାପାର ଓ ପ୍ରତିରକ୍ଷା ମନ୍ତ୍ରୀ ହୋଇଥିଲେ
- ୨୦୧୪ରେ ଦଳରୁ ହୋଇଥିଲେ ବହିଷ୍କୃତ

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିଂଙ୍କ ରବିବାର ସକାଳ ୬.୫୫ ମିନିଟ୍‌ରେ ଦିଲ୍ଲୀର ଆର୍ମି ରିସର୍ଚ୍ଚ ଆଣ୍ଡ ରେଫେରାଲ ହସ୍ପିଟାଲରେ ହୃଦ୍‌ଘାତରେ ପରଲୋକ ଘଟିଛି। ଏକାଧିକ ଅଙ୍ଗ କାମ ନ କରିବା, ଗୁରୁତର ମସ୍ତିଷ୍କ ଆଘାତ ଯୋଗୁ ସେ ଗତ ଜୁନ୍ ୨୫ରୁ ଉକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ କୋଭିଡ୍ ରିପୋର୍ଟ ନେଗେଟିଭ୍ ରହିଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ତାଙ୍କୁ ୮୨ ବର୍ଷ ହୋଇଥିଲା।



ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଘନିଷ୍ଠ ସହଯୋଗୀ ଥିଲେ। ୧୯୯୬ରୁ ୨୦୦୪ ମଧ୍ୟରେ ବାଜପେୟୀଙ୍କ ସରକାରରେ ସେ ଅର୍ଥ, ବହିର୍ବ୍ୟାପର ଓ ପ୍ରତିରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ସମ୍ଭାଳିବା ସହ ଅନେକ ଜଟିଳ ପ୍ରସଙ୍ଗରେ ଜଣେ ବିଚକ୍ଷଣ ସମସ୍ୟା ନିବାରକ ଭାବେ ଭୂମିକା ନିଭାଇଥିଲେ। ଯଶୱନ୍ତଙ୍କ ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୪

## ବ୍ୟାଙ୍କ ପାଇବେ ୨୦ ହଜାର କୋଟିର ପୁଞ୍ଜି

ନୂଆଦିଲ୍ଲୀ,୨୭।୯

- ମିଳିଛି ପାର୍ଲାମେଣ୍ଟ ମଞ୍ଜୁରୀ
- ତୃତୀୟ ତ୍ରୈମାସରେ ହୋଇପାରେ ଘୋଷଣା

କୋଭିଡ୍-୧୯ ଯୋଗୁ ବ୍ୟାଙ୍କଗୁଡିକ ବର୍ତ୍ତମାନ ବିଭିନ୍ନ ଚ୍ୟାଲେଞ୍ଜ ସ୍ଥିତି ଦେଇ ଗତି କରୁଛନ୍ତି। ଏହାକୁ ଧ୍ୟାନରେ ରଖି ସରକାର ବ୍ୟାଙ୍କଗୁଡିକୁ ପୁଞ୍ଜି ପ୍ରଦାନ କରିବାକୁ ଯୋଜନା ରଖିଛନ୍ତି। ପ୍ରାୟ ୨୦ ହଜାର କୋଟି ଟଙ୍କାର ପୁଞ୍ଜି ବ୍ୟାଙ୍କଗୁଡିକୁ ସରକାର ଯୋଗାଇ ଦେବାର କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ପୁଞ୍ଜୀକରଣ କାର୍ଯ୍ୟକ୍ରମକୁ ପାର୍ଲାମେଣ୍ଟ ନିକଟରେ ମଞ୍ଜୁରୀ ପ୍ରଦାନ କରିଛି। ୨୦୨୦-୨୧ରେ ଅତିରିକ୍ତ ଖର୍ଚ୍ଚ ଦାବି ଅଧୀନରେ ଉକ୍ତ ପ୍ରସ୍ତାବକୁ ଅନୁମୋଦନ ମିଳିଥିବା ଜଣାପଡିଛି। ସୂଚନାଯୋଗ୍ୟ, ସରକାର ୨୦୧୯-୨୦ରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ୭୦ ହଜାର କୋଟି ଟଙ୍କା ପୁଞ୍ଜି ଯୋଗାଇ ଦେଇଥିଲେ। ଅର୍ଥ ବ୍ୟବସ୍ଥାକୁ ଗତି ପ୍ରଦାନ କରିବା ଏବଂ ଋଣ ଯୋଗାଣକୁ ତ୍ୱରାନ୍ୱିତ ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଇଥିଲା।

ଚଳିତ ଆର୍ଥିକବର୍ଷ ତୃତୀୟ ତ୍ରୈମାସରେ ଏହି ପୁଞ୍ଜି ବ୍ୟାଙ୍କଗୁଡିକୁ ମିଳିବା ନେଇ ଆକଳନ କରାଯାଉଛି। ଏହାବାଦ ଚଳିତ ଆର୍ଥିକବର୍ଷରେ ଇକ୍ୱିଟି ଏବଂ ବଣ୍ଡ୍ ଜରିଆରେ ବଜାରରୁ ପୁଞ୍ଜି ଉଠାଇବା ଲାଗି ବ୍ୟାଙ୍କଗୁଡିକ ଅଂଶୀଦାରଙ୍କଠାରୁ ମଞ୍ଜୁରୀ ଲାଭ କରିଛନ୍ତି। ବ୍ୟାଙ୍କ ସେମାନଙ୍କ ଆବଶ୍ୟକତା ମୁତାବକ ବଜାରରୁ ପୁଞ୍ଜି ଉଠାଇବାକୁ ସକ୍ଷମ ହେବେ ବୋଲି ସରକାର ଆଶା ରଖିଥିଲେ। ୨୦୨୦-୨୧ ସାଧାରଣ ବଜେଟରେ ☞ପୃଷ୍ଠା-୪

## ବିଧାନସଭା କୋଭିଡ୍ ଟେଷ୍ଟ: ୧୩୬ ପଜିଟିଭ

ଭୁବନେଶ୍ୱର,୨୭।୯(ବ୍ୟୁରୋ)

**ତାଲିକାରେ ଦେବୀ ମିଶ୍ର, ପ୍ରମିଳା ମଲ୍ଲିକ**



ଆସନ୍ତା ୨୯ ତାରିଖରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହି ଅଧିବେଶନ ପୂର୍ବରୁ ମନ୍ତ୍ରୀ, ବିଧାୟକ, ସେମାନଙ୍କ ଡ୍ରାଇଭର, ସୁରକ୍ଷା କର୍ମୀ, ଖବରଦାତା, ବିଧାନସଭା କର୍ମଚାରୀଙ୍କ ଦୁଇଦିନ ଧରି କୋଭିଡ୍ ପରୀକ୍ଷା କରାଯାଉଛି। ଶନିବାର ୭୫୭ ଜଣଙ୍କ ନମୁନା ସଂଗ୍ରହ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୩୬ ଜଣ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଦେବୀ ମିଶ୍ର ପୂର୍ବରୁ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ସେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ଦ୍ୱିତୀୟ ଥର ପାଇଁ ସେ ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡିଛି। ଯେଉଁ ବିଧାୟକମାନଙ୍କ ନେଗେଟିଭ ରିପୋର୍ଟ ବାହାରିଛି ସେମାନଙ୍କୁ ପୁଣି ଥରେ ୫ ଦିନ ପରେ ଟେଷ୍ଟ କରାଯିବ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସଂସ୍କୃତ ସଂସ୍କୃତି**

**ଆଜିର ମନ୍ତବ୍ୟ**

"କୃଷି ବିଲ୍‌କୁ ରାଷ୍ଟ୍ରପତିଙ୍କ ମୋହର ମାରିବା ଅତ୍ୟନ୍ତ ଦୁଃଖଦ ଓ ଦୁର୍ଭାଗ୍ୟଜନକ।

**-ସୁଖବୀର୍ ସିଂ ବାଦଲ, ଏସ୍‌ଏଡି ମୁଖ୍ୟ**






## ୩ କୃଷି ବିଲ୍‌କୁ ରାଷ୍ଟ୍ରପତିଙ୍କ ମୋହର



- ଜମ୍ମୁକଶ୍ମୀର ସରକାରୀ ଭାଷା ବିଲ୍ -୨୦୨୦କୁ ମଧ୍ୟ ଅନୁମୋଦନ

ନୂଆଦିଲ୍ଲୀ, ୨୭।୯

ନିକଟରେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ଗୃହୀତ ହୋଇଥିବା ୩ଟି କୃଷି ବିଲ୍‌କୁ ନେଇ ଦେଶର ବିଭିନ୍ନ ରାଜ୍ୟ ବିଶେଷକରି ପଞ୍ଜାବ ଓ ହରିୟାଣାରେ ବିରୋଧ ଜାରି ରହିଥିବା ବେଳେ ରବିବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ସେଥିରେ ମୋହର ଲଗାଇଛନ୍ତି। ଏହି ବିଲ୍‌ଗୁଡ଼ିକ ହେଉଛି- ଫାର୍ମର୍ସ ପ୍ରଡ୍ୟୁସ୍ ଟ୍ରେଡ୍ ଆଣ୍ଡ କମର୍ସ (ପ୍ରମୋଶନ ଆଣ୍ଡ ଫାସିଲିଟେଶନ) ବିଲ୍ ୨୦୨୦, ଦି ଫାର୍ମର୍ସ (ଏମ୍ପାୱାରମେଣ୍ଟ ଆଣ୍ଡ ପ୍ରୋଟେକ୍‌ଶନ) ଏଗ୍ରିମେଣ୍ଟ ଅନ୍ ପ୍ରାଇସ୍ ଆସ୍ୟୁରାନ୍ସ ଆଣ୍ଡ ଫାର୍ମ ସର୍ଭିସେସ୍ ବିଲ୍ ୨୦୨୦ ଏବଂ ଦି ଏସେନ୍‌ସିଆଲ୍ କମୋଡିଟିଜ୍ (ଆମେଣ୍ଡମେଣ୍ଟ) ବିଲ୍‌୨୦୨୦। ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇବା ପରେ ଏଗୁଡ଼ିକ ଆଇନରେ ପରିଣତ ହୋଇଛି। ଏ ନେଇ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି।

ଗତ ସପ୍ତାହରେ ପାର୍ଲାମେଣ୍ଟରେ ଏହି ବିଲ୍‌ଗୁଡ଼ିକ ଗୃହୀତ ହେବା ବେଳେ କୁହାଯାଇଥିଲା ଯେ ଏହା ଦ୍ୱାରା କୃଷି କ୍ଷେତ୍ରକୁ ମୁକ୍ତ କରିଦିଆଗଲା। ଫଳରେ ଚାଷୀ ନିଜ ଉତ୍ପାଦକୁ ଉତ୍ତମ ଦରରେ ଯେଉଁଠାରେ ଚାହିଁବେ ସେହିଠାରେ ବିକ୍ରି କରିପାରିବେ। କିନ୍ତୁ ଯେଭଳି ଭାବେ ବିଲ୍‌ଗୁଡ଼ିକୁ ଗୃହୀତ କରାଗଲା ତାହାକୁ ବିରୋଧୀ ସମାଲୋଚନା କରିଥିଲେ। ସଂସଦର ନିୟମ ଭାଙ୍ଗି ଏସବୁକୁ ଅସାମ୍ବିଧାନିକ ଢଙ୍ଗରେ ପାସ୍ କରାଗଲା ବୋଲି ସେମାନେ ଅଭିଯୋଗ ବାଢ଼ିଥିଲେ। ଏପରି କି ବିରୋଧୀ ଦଳ ରାଷ୍ଟ୍ରପତିଙ୍କୁ ଭେଟି ବିଧେୟକଗୁଡ଼ିକରେ ଦସ୍ତଖତ ନ କରିବାକୁ ଅନୁରୋଧ କରିଥିଲେ। ହେଲେ ଏହାର କୌଣସି ପ୍ରଭାବ ପଡ଼ିଲା ନାହିଁ। ସେପଟେ ପଞ୍ଜାବ ଓ ହରିୟାଣାରେ ବିକ୍ଷୋଭ ଜୋରଦାର ହେବା ପରେ ଶନିବାର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରୁ ଏହାର ପୁରୁଣା ସହଯୋଗୀ ଶିରୋମଣି ଅକାଳି ଦଳ (ଏସ୍‌ଏଡି) ସମ୍ପର୍କ ଛିନ୍ନ କରିଦେଇଛି।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏସବୁ ବିଲ୍ ଭାରତୀୟ କୃଷି ଇତିହାସରେ ଏକ ସ୍ୱର୍ଣ୍ଣିମ ମୁହୂର୍ତ୍ତ ହୋଇ ରହିଯିବ ଓ କୃଷକ ସଶକ୍ତୀକରଣ ଦିଗରେ ବିଶେଷ ସହାୟକ ହେବ ବୋଲି କହିଛନ୍ତି। ଏପରି କି ରବିବାର ତାଙ୍କ ମାସିକିଆ ☞ପୃଷ୍ଠା-୪






ପରଲୋକଗତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିଂଙ୍କୁ ନୂଆଦିଲ୍ଲୀରେ ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। ନିକଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ଅଛନ୍ତି। ପ୍ରକାଶ ଥାଉକି, ଯଶୱନ୍ତ ବାଜପେୟୀ ସରକାରରେ ବେଶ୍ ପ୍ରଭାବଶାଳୀ ଥିଲେ। ଅର୍ଥ, ପ୍ରତିରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ସେ ଗୁରୁଦାୟିତ୍ୱ ବହନ କରିଥିଲେ।

# ଶୀତରେ ଚ୍ୟାଲେଞ୍ଜ ଲାଗି ସେନା ପ୍ରସ୍ତୁତ

**ଲେହ/ଡେମ୍‌ଚୋକ, ୨୭ା୯**

ଏଲ୍‌ଏସିରେ ଭାରତ-ଚାଇନା ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ଦୀର୍ଘ ୫ ମାସ ହେବ ସୀମା ଅଶାନ୍ତ ରହିଥିବାବେଳେ ସମାଧାନ ସୂତ୍ର ବାହାରୁ ନାହିଁ। ଜାଣିଶୁଣି ଚାଇନା ବିଭିନ୍ନ ଚାଲ୍ ଖେଳୁଛି। ଭାରତ ମଧ୍ୟ ପରିସ୍ଥିତିକୁ ଦେଖି ନିଜକୁ ପ୍ରସ୍ତୁତ କରିବାରେ ଲାଗିଛି। ଶୀତଋତୁରେ ଚାଇନାର ହୀନ ଚକ୍ରାନ୍ତକୁ ପଣ୍ଡକରିବା ଲାଗି ଭାରତ ଏବେଠାରୁ ସୀମାରେ ପ୍ରସ୍ତୁତି ଆରମ୍ଭ କରିଛି। ପୂର୍ବ ଲଦାଖ ଭଳି ସବୁଠାରୁ ଥଣ୍ଡା ଅଞ୍ଚଳରେ ଭାରତ ପକ୍ଷରୁ ଚାଇନାକୁ କଡ଼ା ଜବାବ ଦେବାକୁ ଟି-୯୦ ଏବଂ ଟି-୭୨ ଟ୍ୟାଙ୍କ ସହିତ ବିଏମ୍‌ପି-୨ ଇନ୍‌ଫାଣ୍ଟ୍ରି କମ୍ବାଟ୍ ଭେହିକିଲ୍ ମଧ୍ୟ ମୁତୟନ

## ଏଲ୍‌ଏସି ନିକଟରେ ଭାରତର ସମରସଜ୍ଜା



କରାଯାଇଛି। ଏହା ମାଇନସ୍ ୪୦ ଡିଗ୍ରୀ ତାପମାତ୍ରାରେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିବ। ଏହାକୁ ପୂର୍ବ ଲଦାଖର ଚୁମାର-ଡେମଚୋକ୍‌ଠାରେ ମୁତୟନ କରାଯାଇଛି। ଶତ୍ରୁ ପକ୍ଷର ମୁକାବିଲା ପାଇଁ ଏସବୁ ଯୁଦ୍ଧ ସରଞ୍ଜାମ ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ୧୪-କପର୍ସ ଚିଫ୍ ଅଫ୍ ଷ୍ଟାପ୍ ମେଜର ଜେନେରାଲ ଅରବିନ୍ଦ କପୁର ସୂଚନା ଦେଇଛନ୍ତି। ସେଠାରେ ସେନା ରହିବା ଲାଗି ବିଭିନ୍ନ ପ୍ରକାର ଆଶ୍ରୟସ୍ଥଳ ମଧ୍ୟ ନିର୍ମାଣ କରାଯାଇଛି। ଶୀତ ଦାଉରୁ ରକ୍ଷା ପାଇବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବ ଲଦାଖ ଅଞ୍ଚଳରେ ଭାରତୀୟ ଯବାନ ଏବଂ ଚାଇନା ସୈନ୍ୟ ମୁହାଁମୁହିଁ ସ୍ଥିତିରେ ଅଛନ୍ତି। ପରିସ୍ଥିତି ଉପରେ ଭାରତୀୟ ପ୍ରତିରକ୍ଷା ବିଭାଗ ପକ୍ଷରୁ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି।

ସୀମା ଆରପଟେ ଚାଇନା ସେନା ମଧ୍ୟ ସତର୍କ ଥିବା ଜଣାପଡ଼ିଛି। ଶୀତ ସୁଯୋଗ ନେଇ ସେମାନେ କିଛି ଅଘଟଣ ଘଟାଇବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏଥିଲାଗି ଭାରତ ପୂର୍ଣ୍ଣ ପ୍ରସ୍ତୁତିରେ ଲାଗିପଡ଼ିଛି। ସୀମାରେ ଜାଗତିଆର ବଢ଼ିବା ସହ ଦକ୍ଷ ସେନାଧିକାରୀମାନଙ୍କୁ ସଜାଗ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ପାଙ୍ଗୋଙ୍ଗ ହ୍ରଦ ନିକଟ ବିଭିନ୍ନ ଅଞ୍ଚଳକୁ ଭାରତ ଦଖଲ କରିବା ପରେ ଚାଇନା ରକ୍ତମୁଖା ହୋଇପଡ଼ିଛି। ସୀମା ନିକଟରେ ଚାଇନାର ସୈନ୍ୟ ମୁତୟନ ପରିସ୍ଥିତିକୁ ଅଧିକ ସମ୍ବେଦନଶୀଳ କରିପକାଇଛି। ଦୁଇଦେଶ ଏକପ୍ରକାର ଯୁଦ୍ଧସମ ପରିସ୍ଥିତିରେ ରହିଛନ୍ତି। ଏଥିଲାଗି ଭାରତ ପୂର୍ଣ୍ଣ ପ୍ରସ୍ତୁତିରେ ଲାଗିପଡ଼ିଛି।



ଉତ୍ତରପ୍ରଦେଶର ନଏଡାସ୍ଥିତ ୟତାହର୍ଥା ହସ୍ପିଟାଲରେ କରୋନା ରୋଗୀଙ୍କୁ ବାହାର ଦୁନିଆ ସହ ଯୋଗସୂତ୍ର ରକ୍ଷା ଲାଗି ଭାରତ ନିର୍ମିତ ରୋବୋକୁ ରବିବାର ବ୍ୟବହାର କରାଯାଇଛି।

# ପଞ୍ଜାବରେ ଏକାକୀ ନିର୍ବାଚନ ଲଢ଼ିବ ଭାଜପା

**ଚଣ୍ଡିଗଡ଼, ୨୭ା୯**

ଭାଜପାର ପୁରୁଣା ସହଯୋଗୀ ଭାବେ ପରିଚିତ ଶିରୋମଣି ଅକାଳି ଦଳ (ଏସ୍‌ଏଡି) ଏନ୍‌ଡିଏରୁ ସମ୍ପର୍କ ତୁଟାଇଛି। କେନ୍ଦ୍ରର କୃଷି ବିଲ୍‌କୁ ବିରୋଧ କରି ଶନିବାର ଅନୁଷ୍ଠିତ କୋର କମିଟି ବୈଠକରେ ଏସ୍‌ଏଡି ଏଭଳି ନିଷ୍ପତ୍ତି ଗ୍ରହଣ କରିଛି। ଆଲୋଚନା ପରେ ଏସ୍‌ଏଡି ନେତା ସୁଖବୀର ସିଂ ବାଦଲ ଏନେଇ ଅବଗତ କରିଥିଲେ।

ଏସ୍‌ଏଡିର ଏଭଳି ନିଷ୍ପତ୍ତି ଦୁଃଖଦାୟକ ବୋଲି ଭାଜପା କହିଛି। ଅନ୍ୟପକ୍ଷରେ ପଞ୍ଜାବର ବରିଷ୍ଠ ଭାଜପା ନେତା ମଦନମୋହନ ମିତ୍ତଲ,

## ଏନ୍‌ଡିଏ ଛାଡ଼ିଲା ଏସ୍‌ଏଡି

ମନୋରଞ୍ଜନ କାଳିଆ ଓ ମାଷ୍ଟର ମୋହନ ଲାଲ୍ ରବିବାର କହିଛନ୍ତି, ୨୦୨୨ ବିଧାନସଭା ନିର୍ବାଚନରେ ଭାଜପା ଏକାକୀ ପଞ୍ଜାବରେ ନିର୍ବାଚନ ଲଢ଼ି ବିଜୟୀ ହୋଇପାରିବ। ଏସ୍‌ଏଡି ସହ ଭାଜପା ସୁସମ୍ପର୍କ ଚାହୁଁଥିବାବେଳେ ଏଭଳି ନିଷ୍ପତ୍ତି ଗ୍ରହଣଯୋଗ୍ୟ ନୁହେଁ। ଭାଜପା ମଧ୍ୟ ଏକାକୀ ନିର୍ବାଚନ ଲଢ଼ି ପଞ୍ଜାବରେ ବିଜୟୀ ହୋଇପାରିବ ବୋଲି କାଳିଆ ପ୍ରକାଶ କରିଛନ୍ତି। ବହୁ ଏସ୍‌ଏଡି ନେତା ଭାଜପା ସହ ଯୋଗାଯୋଗରେ ଥିବା ମିତ୍ତଲ ପ୍ରକାଶ କରିଛନ୍ତି।

# ଉମା ଭାରତୀଙ୍କୁ କରୋନା

**ନୂଆଦିଲ୍ଲୀ, ୨୭ା୯:** ଭାଜପା ସଦସ୍ୟା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଉମା ଭାରତୀଙ୍କ ନମୁନା ପରୀକ୍ଷା ରିପୋର୍ଟ କରୋନା ପଜିଟିଭ୍ ଆସିଛି। ଏନେଇ ରବିବାର ଉମା ଟୁଇଟ୍ କରି ସୂଚନା ଦେଇଛନ୍ତି। ତାଙ୍କ ସହିତ ମିଳାମିଶା କରିଥିବା ବ୍ୟକ୍ତିମାନେ ନମୁନା ପରୀକ୍ଷା କରାଇବାକୁ ସେ ପରାମର୍ଶ ଦେବା ସହିତ ନିଜକୁ କ୍ୱାରାଣ୍ଟାଇନ୍‌ରେ ରଖିଥିବା କହିଛନ୍ତି। ସୂଚନାଯୋଗ୍ୟ, ବାବ୍ରି ମସଜିଦ୍ ଭଙ୍ଗା ମାମଲାରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ପକ୍ଷରୁ ସେପ୍ଟେମ୍ବର ୩୦ରେ ହାଜର ପାଇଁ ଉମାଙ୍କୁ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ଏବେ ଉମା କ୍ୱାରାଣ୍ଟାଇନ୍‌ରେ ଥିବାରୁ କୋର୍ଟରେ ସେ ହାଜର ନ ହେବାର ଆଶଙ୍କା ରହିଛି।

# କ୍ଷମତାକୁ ଆସିଲେ ୧୦ ଲକ୍ଷ ନିଯୁକ୍ତି ପ୍ରତିଶ୍ରୁତି

**ପାଟନା, ୨୭ା୯**

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟରଙ୍କୁ ମନାଇବା ଲାଗି ଆର୍‌ଜେଡି ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ପ୍ରୟାସ କରିଛନ୍ତି। ନିର୍ବାଚନରେ ଦଳ କ୍ଷମତାକୁ ଆସିଲେ ୧୦ ଲକ୍ଷ ଯୁବକଙ୍କୁ କର୍ମନିଯୁକ୍ତି ପ୍ରଦାନ କରାଯିବ ବୋଲି ସେ ରବିବାର ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଥମ କ୍ୟାବିନେଟ ବୈଠକରେ ଏହି ସରକାରୀ ନିଯୁକ୍ତି ଉପରେ ମୋହର ମରାଯିବ ବୋଲି ସେ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ଏଥର ପରିବର୍ତ୍ତନର ହାୱା ବହୁଛି। ଲୋକମାନଙ୍କ ହିତକୁ ଦୃଷ୍ଟିରେ ରଖି



## ତେଜସ୍ୱୀଙ୍କ ନିର୍ବାଚନୀ ଥୋପ

ପଦକ୍ଷେପ ଗ୍ରହଣ କରିବାର ବେଳ ଆସିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ନିୟମାନୁଯାୟୀ ପ୍ରତି ହଜାର ଲୋକଙ୍କ ଲାଗି ଜଣେ ଡାକ୍ତର ନିଯୁକ୍ତି କରାଯିବ ଓ ଖାଲି ପଡ଼ିଥିବା ପଦବୀକୁ ଶୀଘ୍ର ପୂରଣ କରାଯିବ ବୋଲି ତେଜସ୍ୱୀ କହିଛନ୍ତି। ବିହାର ଜନସଂଖ୍ୟା ପ୍ରାୟ ୧୨.୫ କୋଟି ହୋଇଥିବାବେଳେ ୧.୨୫ ଲକ୍ଷ ଡାକ୍ତର ଓ ସହଯୋଗୀଙ୍କ ଆବଶ୍ୟକତା ରହିଛି। ସେହିଭଳି ପୋଲିସ ବିଭାଗରେ ୫୦ ହଜାର ପଦ ଖାଲିପଡ଼ିଛି। ରାଜ୍ୟରେ ୧ ଲକ୍ଷ ଲୋକରେ ୭୭ ପୋଲିସ ଅଛନ୍ତି। ପୋଲିସ- ଜନତା ଅନୁପାତ ବୃଦ୍ଧି କରାଯିବାର ଆବଶ୍ୟକତା ରହିଛି ବୋଲି ମଧ୍ୟ ତେଜସ୍ୱୀ ପ୍ରକାଶ କରିଛନ୍ତି। ରାଜ୍ୟରେ ବେକାରି ସମସ୍ୟା ଭୟଙ୍କର ହେବାରେ ଲାଗିଛି। ରାଜ୍ୟର ପଞ୍ଜୀକୃତ ୨୨ ଲକ୍ଷରୁ ଉର୍ଦ୍ଧ୍ୱ ବେକାର ଯୁବତୀ ଯୁବକ କର୍ମନିଯୁକ୍ତି ନ ପାଇ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସମାଧାନ କରାଯିବା ଜରୁରୀ ବୋଲି ସେ ମତ ଦେଇଛନ୍ତି। ଦାରିଦ୍ର୍ୟ, ଅନାହାର ଭଳି ରାଜ୍ୟରେ ଅନେକ ସମସ୍ୟା ରହିଛି। ରାଜ୍ୟର ୬୦% ଯୁବପିଢ଼ିଙ୍କ ଲାଗି ନିଯୁକ୍ତିର ଆବଶ୍ୟକତା ରହିଛି ଓ ଆର୍‌ଜେଡି କ୍ଷମତାକୁ ଆସିଲେ ଏହିସମସ୍ୟା ଦୂର ଲାଗି କାର୍ଯ୍ୟ କରିବ ବୋଲି ତେଜସ୍ୱୀ ଯାଦବ ପ୍ରତିଶ୍ରୁତି ଦେଇଛନ୍ତି।

# କଂଗ୍ରେସ କରିବ ମହିଳା କ୍ରାନ୍ତି ମହାସମ୍ମିଳନୀ

**ପାଟନା, ୨୭ା୯:** ବିହାର ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ରାଜ୍ୟର ମହିଳା ଭୋଟରଙ୍କୁ ଆକର୍ଷିତ କରିବାର ଯୋଜନା ପ୍ରସ୍ତୁତ କରାଯାଇଛି। ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏନେଇ ମହିଳା କ୍ରାନ୍ତି ମହାସମ୍ମିଳନୀ ଆୟୋଜନ କରିବାକୁ ଯାଉଛନ୍ତି। ଅକ୍ଟୋବର ୫ରୁ ୧୦ ମଧ୍ୟରେ ଭିଡିଓ କନଫରେନ୍ସ ମାଧ୍ୟମରେ ଏକ ଭର୍ଚୁଆଲ୍ ସମ୍ମିଳନୀରେ ପ୍ରିୟଙ୍କା ମହିଳା ସଶକ୍ତୀକରଣ ଉପରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ସମସ୍ତ ଜିଲାରେ ଏହି ମହାସମ୍ମିଳନୀ କରାଯିବା ଲାଗି ପ୍ରସ୍ତୁତି ଜାରି ରହିଛି। ଏନେଇ ରାଜ୍ୟ କଂଗ୍ରେସର ଆଗଧାଡ଼ିର ନେତାମାନେ ଦଳର ବରିଷ୍ଠ ସଦସ୍ୟ, ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କାଙ୍କଠାରୁ ସମୟ ଲୋଡ଼ିଛନ୍ତି। ମହାସମ୍ମିଳନୀ ପାଇଁ ପ୍ରେକ୍ଷାଳୟ ବୁକିଂ କାର୍ଯ୍ୟ ଜାରି ରହିଥିବା ରାଜ୍ୟର କଂଗ୍ରେସ ସୋସିଆଲ୍ ମିଡ଼ିଆ ପ୍ରଭାରୀ ରାଜୀବ ସିଂ କହିଛନ୍ତି।

# ଜେଡିୟୁରେ ବିହାରର ପୂର୍ବତନ ଡିଜିପି

**ପାଟନା, ୨୭ା୯:** ବିଧାନସଭା ନିର୍ବାଚନର ମାସକ ପୂର୍ବରୁ ବିହାରର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଗୁପ୍ତେଶ୍ୱର ପାଣ୍ଡେ ରବିବାର ଜେଡିୟୁରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ୍ କୁମାରଙ୍କ ସରକାରୀ ବାସଭବନରେ ସେ ବିଧିବଦ୍ଧ ଭାବେ ଦଳରେ



ନୀତୀଶ୍ କୁମାର ଗୁପ୍ତେଶ୍ୱର ପାଣ୍ଡେ

ଯୋଗଦେଇଛନ୍ତି। ଗତ ସପ୍ତାହରେ ଗୁପ୍ତେଶ୍ୱର ନିଜ ପଦରୁ ଇସ୍ତଫା ପ୍ରଦାନ କରିଥିଲେ। ରାଜନୀତିରେ ପାଦ ଥାପିଥିବା ଗୁପ୍ତେଶ୍ୱର ବକ୍ସରରୁ ଦଳୀୟ ପ୍ରାର୍ଥୀ ହୋଇପାରନ୍ତି। ରାଜ୍ୟର ୩୪ ଜିଲାରେ ସେ କାର୍ଯ୍ୟ କରି ଜନସମ୍ପର୍କ ବୃଦ୍ଧି କରିଥିବା କହିଛନ୍ତି। ମାଟିର ପୁଅ ହୋଇଥିବାରୁ ବକ୍ସରବାସୀ ମୋତେ ସମର୍ଥନ କରିବେ ବୋଲି ଗୁପ୍ତେଶ୍ୱର ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ଏନ୍‌ଡିଏ ସପକ୍ଷରେ ଜନମତ ବୋହୁଥିବାବେଳେ ଗୁପ୍ତେଶ୍ୱର ଡିଜିପି ପଦରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରି ରାଜନୀତିରେ ପାଦ ଥାପିଛନ୍ତି। ଜେଡିୟୁ ଏଥିରୁ ଫାଇଦା ହାସଲ କରିବାରେ ସକ୍ଷମ ହେବ ବୋଲି କୁହାଯାଉଛି।

## ଫୁରସତ୍

# ଛୁଟି କାଟୁଛନ୍ତି ମୌନୀ

**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତ୍ରୀ ମୌନୀ ରାୟଙ୍କୁ କିଏ ବା ନ ଜାଣେ। ସବୁବେଳେ ସୋସିଆଲ ମିଡିଆରେ ସକ୍ରିୟ ରହିଥାନ୍ତି ସେ। ତାଙ୍କର ଫଟୋ ଏବଂ ଭିଡିଓ ପ୍ରାୟ ଭାଇରାଲ ହୋଇଥାଏ। ମୌନୀ ନିଜ ଷ୍ଟାଇଲ୍‌କୁ ନେଇ ସବୁବେଳେ ଚର୍ଚ୍ଚାରେ। ନିକଟରେ ମୌନୀ ଏକ ଭିଡିଓ ଶେୟାର କରିଛନ୍ତି, ଯାହା ଖୁବ୍ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ତାଙ୍କ ଅନ୍ଦାଜ୍ ଯିଏ ଦେଖିବ ସିଏ ଦିୱାନା ହେଇଯିବ। ମୌନୀ ଏବେ ସମୟକୁ ବେଶ୍ ଉପଭୋଗ କରୁଛନ୍ତି। ସେ ଏବେ ମାଳଦ୍ୱୀପରେ ଛୁଟି କାଟୁଛନ୍ତି। ସେହିଠାରେ ରହି ଫଟୋ ଏବଂ ଭିଡିଓ ଫ୍ୟାନ୍‌ମାନଙ୍କୁ ଶେୟାର କରିଛନ୍ତି। ଏହି ଫଟୋଗୁଡ଼ିକୁ ପ୍ରାୟ ୧୦ଲକ୍ଷରୁ ଅଧିକ ଲୋକ ଦେଖିସାରିଲେଣି। ମାଳଦ୍ୱୀପକୁ ସବୁବେଳେ ସେ ପସନ୍ଦ କରନ୍ତି। ସେ ଏହି ଜାଗାକୁ ବହୁତ ଥର ଗଲେଣି। ଏହି ସ୍ଥାନ ତାଙ୍କୁ ବହୁତ ଭଲ ଲାଗେ। ସେ ଆଉ ମଧ୍ୟ କହିଛନ୍ତି ଯେ, ଜାଗାଟି ସମସ୍ତଙ୍କୁ ନିଶ୍ଚିତ ଭଲ ଲାଗିବ। ଥରେ ମାଳଦ୍ୱୀପ ପ୍ଲାନ କରନ୍ତୁ। ଦେଖିବେ ଆପଣଙ୍କୁ ଆସିବାକୁ ଇଚ୍ଛା ହେବନି। ସୂଚନାଥାଉ କି, ଖୁବ୍‌ଶୀଘ୍ର ମୌନୀଙ୍କୁ ୱେବ୍‌ସିରିଜ୍‌ରେ ଦେଖିବାକୁ ମିଳିବ। ଯାହାର ନାଁ ହେଲା 'ଲଣ୍ଡନ କନ୍‌ଫିଡେନ୍ସିଆଲ'। ଏହାକୁ ଓଟିଟି ପ୍ଲାଟ୍‌ଫର୍ମରେ ରିଲିଜ୍ କରାଯିବ। ଏହି ୱେବ୍ ସିରିଜ୍ କ୍ରାଇମ୍, ଥ୍ରୀଲର୍‌ରେ ଭରପୂର। ଦର୍ଶକଙ୍କୁ ଏହା ଭଲ ଲାଗିବ ବୋଲି ସେ ଆଶାବାଦୀ। ମୌନୀଙ୍କ ବଲିଉଡ୍ କ୍ୟାରିୟର ବିଷୟରେ କହିବାକୁ ଗଲେ ସେ ଅକ୍ଷୟ କୁମାରଙ୍କ ସହ 'ଗୋଲ୍ଡ' ଫିଲ୍ମରୁ ପ୍ରଥମେ ଏଣ୍ଟ୍ରି କରିଥିଲେ। ଏହାପରେ ତାଙ୍କୁ ରାଜକୁମାର ରାଓଙ୍କ ସହ 'ମେଡ୍ ଇନ୍ ଇଣ୍ଡିଆ'ରେ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିଥିଲା।



ମୌନୀ ରାୟ

# ବଦଳିଗଲା ଘରଚଟିଆଙ୍କ ସ୍ୱର

**୨୦୨୦ ଦେଖିଛି ପ୍ରକୃତିର କ୍ରୁର ରୂପ। କରୋନା ମହାମାରୀରେ ଧରାଶାୟୀ ହୋଇଯାଇଛି ବିଶ୍ୱ ଅର୍ଥନୀତି। ପ୍ରଭାବିତ ହୋଇଛି ଜୀବନଜୀବିକା। ମୁଠାଏ ଦାନା ଯୋଗାଡ଼ କରିବା ପାଇଁ ଆରମ୍ଭ ହୋଇଛି ସଂଘର୍ଷ। ଏପରି ଅନେକ ନକାରାତ୍ମକ ଘଟଣା ବହୁଳ ଜୀବନ ଭିତରେ ପୁଣିଥରେ ନିଜ ରୂପକୁ ଫେରୁଛି ପ୍ରକୃତି। ଯାନବାହନ ଚଳାଚଳ କମିଯିବା ପରେ ହ୍ରାସ ପାଇଛି ଶବ୍ଦ ପ୍ରଦୂଷଣ, ଯାହାର ପ୍ରଭାବ ପଡ଼ିଛି ଜୀବଜନ୍ତୁଙ୍କ ଉପରେ। ଲକ୍‌ଡାଉନ୍ ସମୟର ଶାନ୍ତ ପରିବେଶ ଆମେରିକାର ଘରଚଟିଆଙ୍କ ସ୍ୱର ବଦଳାଇଦେଇଛି। ଏକଦା କିଚିରିମିଚିରି ଶବ୍ଦରେ ପରିବେଶ କମ୍ପାଇ ଦେଉଥିବା ଏହି କ୍ଷୁଦ୍ରପକ୍ଷୀ ଏବେ ନିଜ ସାଥୀଙ୍କୁ ଆକର୍ଷିତ କରିବାକୁ ଧିମା ସ୍ୱରରେ ସଙ୍କେତ ପ୍ରଦାନ କରୁଛନ୍ତି।**



## ଲକ୍‌ଡାଉନ୍ ପ୍ରଭାବ

ମହାମାରୀ କରୋନା ଲୋକଙ୍କୁ ଏକ ପ୍ରକାର ଗୃହବନ୍ଦୀ କରିଦେଇଛି। ଏହାର ପ୍ରଭାବରେ ପ୍ରଭାବିତ ହୋଇଛି ଜୀବଜନ୍ତୁଙ୍କ ଜୀବନଶୈଳୀ। ଲକ୍‌ଡାଉନ୍‌ରେ ମନୁଷ୍ୟକୃତ ଗତିବିଧି ହ୍ରାସ ପାଇଥିବାବେଳେ ଏହାର ଫାଇଦା ମିଳିଛି କେତେକ ଜୀବଜନ୍ତୁଙ୍କୁ। ବିଶେଷ କରି ସହରୀ ପରିବେଶରେ ରହୁଥିବା ଘରଚଟିଆଙ୍କ କ୍ଷେତ୍ରରେ ଏହା ବାରି ହୋଇପଡ଼ିଛି। ମାଈ ସାଥୀଙ୍କୁ ଆକର୍ଷିତ କରିବାକୁ ଅଣ୍ଡିରା ଘରଚଟିଆମାନେ ସ୍ୱତନ୍ତ୍ର ସ୍ୱର ବାହାର କରିଥାନ୍ତି। ହେଲେ ଲକ୍‌ଡାଉନ୍ କାରଣରୁ ଶବ୍ଦ ପ୍ରଦୂଷଣ ମାତ୍ରା ଆଶାତୀତ ଭାବେ କମିଯିବା ପରେ ଅଣ୍ଡିରା ଘରଚଟିଆଙ୍କ ଏହି ସ୍ୱରରେ ପରିବର୍ତ୍ତନ ଆସିଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି।

ପ୍ରାଥମିକ ପର୍ଯ୍ୟାୟରେ ଲକ୍‌ଡାଉନ୍ ଲାଗୁ ହେବାପରେ ଆମେରିକାର ସାନଫ୍ରାନ୍‌ସିସ୍‌କୋ ସହରର ଗଳିକନ୍ଦି ଶୂନଶାନ୍ ହୋଇପଡ଼ିଥିଲା। ଏହାର ସିଧାସଳଖ ପ୍ରଭାବ ପଡ଼ିଛି ଘର ଚଟିଆଙ୍କ ଉପରେ। ଏପରି ପରିବେଶଗତ ପରିବର୍ତ୍ତନ ଅଣ୍ଡିରା ଘରଚଟିଆଙ୍କ ଜୀବନଶୈଳୀ ଉପରେ ପଡ଼ିଛି। ମାଈପକ୍ଷୀଙ୍କୁ ଆକର୍ଷିତ କରିବାକୁ ସେମାନେ ସୃଷ୍ଟି କରୁଥିବା ସ୍ୱର ଏବେ ପୂର୍ବାପେକ୍ଷା ଧିମେଇଯାଇଛି।

ଏବେ ମାଈ ସାଥୀଙ୍କୁ ଆକର୍ଷିତ କରିବାକୁ ସେମାନେ ସୁମଧୁର ସ୍ୱର ବାହାର କରୁଛନ୍ତି। କେବଳ ଘରଚଟିଆ ନୁହେଁ, ହ୍ୱେଲ ଶାର୍କ, ଛୋଟ ଗଧିଆଙ୍କ ନିକଟରେ ମଧ୍ୟ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି।

ବ୍ୟବହାରିକ ପରିବେଶ ବିଜ୍ଞାନ ଉପରେ ଅଧ୍ୟୟନ କରୁଥିବା ଟେନେସି ୟୁନିଭର୍ସିଟିର ଏଲିଜାବେଥ୍ ଡେରିବେରି କୁହନ୍ତି, ସହରୀ ପରିବେଶରେ ଅତ୍ୟଧିକ ଧ୍ୱନି କାରଣରୁ ଅଣ୍ଡିରା ଘରଚଟିଆମାନେ ସାଥୀଙ୍କୁ ଆକର୍ଷିତ କରିବାକୁ ଉଚ୍ଚ ସ୍ୱର ବାହାର କରୁଥିଲେ। ଏହା କର୍କଶ ଶୁଣାଯାଉଥିଲା। ହେଲେ ଟ୍ରାଫିକ୍ ଠପ୍ ହୋଇଯିବା ପରେ ହାରାହାରି ୫୦% ଯାଏ ଶବ୍ଦ ପ୍ରଦୂଷଣ ହ୍ରାସ ପାଇଛି। ତେଣୁ ଘରଚଟିଆଙ୍କୁ ଉଚ୍ଚ ସ୍ୱର ସୃଷ୍ଟି କରିବା ଆବଶ୍ୟକ ପଡୁନାହିଁ। ଫଳରେ ସେମାନଙ୍କ ସ୍ୱର ଅଧିକ ମଧୁର ହୋଇଯାଇଛି। ପୂର୍ବରୁ ଏକ ଘରଚଟିଆର ସ୍ୱର ଯେତେ ଦୂର ପର୍ଯ୍ୟନ୍ତ ଶୁଣାଯାଉଥିଲା, ଏବେ ତାହା ଏକତୃତୀୟାଂଶକୁ ହ୍ରାସ ପାଇଛି। ପରିବେଶରେ ପରିବର୍ତ୍ତନ ଆସିଲେ ପଶୁପକ୍ଷୀମାନେ ତଦନୁଯାୟୀ ଏଥିରେ ଖାପଖୁଆଇ ନିଅନ୍ତି। ସେମାନଙ୍କ କ୍ଷେତ୍ରରେ ଏହି ପ୍ରକ୍ରିୟା ଅତି ଦ୍ରୁତ। ଶବ୍ଦ ପ୍ରଦୂଷଣକୁ ନିୟନ୍ତ୍ରଣ କରାଯାଇପାରିଲେ ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କ ଲାଗି ଏହା ଉପଯୋଗୀ ସାବ୍ୟସ୍ତ ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

# ଦୁର୍ଘଟଣା ରୋକିବ ଜୟଙ୍କ ସ୍ମାର୍ଟ ହେଲ୍‌ମେଟ୍

**କୋଚି:** ଚାଳକଙ୍କ ବେପରୁଆ ମନୋଭାବ ଯୋଗୁ ସଡ଼କ ଦୁର୍ଘଟଣା ବୃଦ୍ଧିପାଉଛି। ବିଶେଷକରି ହେଲ୍‌ମେଟ୍ ନ ପିନ୍ଧିବା ଏବଂ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇବା ଯୋଗୁ ଅନେକ ଜୀବନ ଚାଲିଯାଉଛି। ତେଣୁ ଦୁର୍ଘଟଣାକୁ ରୋକିବା ନିମନ୍ତେ କେରଳର ଜଣେ ୧୮ ବର୍ଷୀୟ ଯୁବକ ଏକ ସ୍ମାର୍ଟ ହେଲ୍‌ମେଟ ବିକଶିତ କରିଛନ୍ତି। କୋଚି ସହରର ମାତ୍ତାନ୍‌ଚେରି ଅଞ୍ଚଳର ଆଉନ୍ ଜୟ ଏହି ଅଭିନବ ଏବଂ ସ୍ମାର୍ଟ ହେଲ୍‌ମେଟ ବିକଶିତ କରିଛନ୍ତି। ଏଥିରେ ଲାଗିଥିବା ସେନ୍‌ସରଗୁଡ଼ିକ ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ବାଇକ୍ ସହ ସଂଯୁକ୍ତ କରାଯାଇପାରିବ। ବିନା ହେଲ୍‌ମେଟ୍‌ରେ ବାଇକ୍ ଷ୍ଟାର୍ଟ ହୋଇପାରିବ ନାହିଁ। ଏହି ହେଲ୍‌ମେଟ୍ ବିକଶିତ କରିବା ପାଇଁ ଜୟ ଦୁଇ ବର୍ଷ ଧରି ପ୍ରୟାସ ଜାରି ରଖିଥିଲେ। ତେବେ ନିକଟରେ ତାଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରାଯିବା ପରେ ଏହାକୁ ଅନେକ ଲୋକ ପସନ୍ଦ କରିଛନ୍ତି। ଏକ ଜିପିଏସ୍ ମୋବାଇଲ ଆପ୍ଲିକେଶନ ଦ୍ୱାରା ସମ୍ପୂର୍ଣ୍ଣ ବାଇକ୍ ପରିଚାଳିତ ହେବ। ବିନା ଚାବିରେ ରିମୋଟ କଣ୍ଟ୍ରୋଲ ଦ୍ୱାରା ବାଇକ୍‌କୁ ନିୟନ୍ତ୍ରଣ କରାଯାଇପାରିବ। ମେସେଜ୍ ଦେଇ ଏହି ଆପ୍ଲିକେଶନ ଗାଡ଼ି ଷ୍ଟାର୍ଟ ଏବଂ ବନ୍ଦ କରିବାରେ ମଧ୍ୟ ସାହାଯ୍ୟ କରିବ। ଏହା ବ୍ୟତୀତ ବାଇକ୍‌ର କିକ୍‌ଷ୍ଟାର୍ଟ ସିଷ୍ଟମ୍ ସହ ଆଲ୍‌କହଲ୍ ଡିଟେକ୍ଟିଂ ସୁବିଧା ମଧ୍ୟ ସଂଯୁକ୍ତ ରହିଛି। ଏହାଦ୍ୱାରା ନିଶାସକ୍ତ ବ୍ୟକ୍ତିଙ୍କୁ ଗାଡ଼ି ଚଳାଇବାରୁ ରୋକାଯାଇପାରିବ। ମଦ୍ୟପାନ କରିଥିବା ବ୍ୟକ୍ତି ହେଲ୍‌ମେଟ ପିନ୍ଧିବା ଦ୍ୱାରା ଏହା ମଧ୍ୟରେ ରହିଥିବା ବଜର୍ ବାଜି ସୂଚନା ଦେବ। ସେହିପରି ହେଲ୍‌ମେଟ ପିନ୍ଧିବା ପରେ ଏହାର ଷ୍ଟ୍ରାପ୍‌କୁ ଠିକ୍‌ଭାବେ ବେକରେ ନ ବାନ୍ଧିବା ପର୍ଯ୍ୟନ୍ତ ଗାଡ଼ି ଷ୍ଟାର୍ଟ ହେବନାହିଁ। ଜୟଙ୍କ କହିବା ହେଲା, ଏହି ଜ୍ଞାନକୌଶଳ ଦ୍ୱାରା ଗାଡ଼ି ଚୋରି ହେଲେ ମଧ୍ୟ ତାକୁ ଟ୍ରାକ୍ ଏବଂ କଣ୍ଟ୍ରୋଲ କରାଯାଇପାରିବ। ଏମିତିକି ଦୁର୍ଘଟଣା ଘଟିଲେ ୩୦ ସେକେଣ୍ଡ ମଧ୍ୟରେ ପରିବାର ଲୋକଙ୍କୁ ମେସେଜ୍ ଦେବା ସୁବିଧା ମଧ୍ୟ ରହିଛି। ଏହି ସ୍ମାର୍ଟ ହେଲ୍‌ମେଟର ମୂଲ୍ୟ ୫ହଜାର ଟଙ୍କା ରହିଥିବା ଜୟ କୁହନ୍ତି। ଏଭଳି ଏକ ଅଭିନବ ହେଲ୍‌ମେଟ ତିଆରି ନେଇ ଜୟଙ୍କୁ ମାତ୍ତାନ୍‌ଚେରି ପରିବହନ ବିଭାଗ ପକ୍ଷରୁ ମଧ୍ୟ ପ୍ରଶଂସା କରାଯାଇଛି। ଜୟ ଏବେ 'ସେଲ୍ଫ ଡ୍ରାଇଭିଂ ଇନ୍ କାର୍‌ସ' ପ୍ରକଳ୍ପକୁ ନେଇ ଏକ ଆପ୍ଲିକେଶନ ବିକଶିତ କରିବା ଦିଗରେ କାର୍ଯ୍ୟ କରୁଛନ୍ତି। ଏହା ଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି ସେ କହିଛନ୍ତି।



## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩,୩୧,୮୨,୬୨୪ | ୧୦,୦୦,୩୫୦ | ୨,୪୫,୦୭,୨୧୯ |
| ଭାରତ | ୬୦,୪୧,୬୩୮ | ୯୪,୯୭୧ | ୪୯,୮୧,୦୯୯ |
| ଓଡ଼ିଶା | ୨,୦୯,୩୭୪ | ୭୯୭(+୫୩) | ୧,୭୩,୫୭୧ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ବ୍ୟୋମକେଶ ବିଜେଡି ଯୁବ, ଦେବୀ ରଞ୍ଜନ ଛାତ୍ର ସଭାପତି

ଭୁବନେଶ୍ୱର,୨୭।୯(ବ୍ୟୁରୋ)

ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କୁ ବିଜୁ ଯୁବ ଜନତା ଦଳର ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କୁ ବିଜୁ ଛାତ୍ର ଜନତା ଦଳର ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏହି ନିଯୁକ୍ତି ଦିଆଯାଇଛି। ବିଜେଡି ସାଧାରଣ ସମ୍ପାଦକ(ମିଡିଆ ବ୍ୟାପାର) ମାନସ ରଞ୍ଜନ ମଙ୍ଗରାଜ ରବିବାର ଏ ନେଇ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

ଏଠାରେ ସୂଚନା ଯୋଗ୍ୟ ଯେ ବ୍ୟୋମକେଶ ୨୦୧୨ରୁ ଛାତ୍ର ବିଜେଡି ସଭାପତି ଭାବେ ପୂର୍ବରୁ ଦାୟିତ୍ୱ ତୁଲାଇଥିଲେ। ଓଡିଶାରେ ବିଜେଡି ଛାତ୍ର ସଂଗଠନକୁ ମଜଭୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛନ୍ତି। ଦୀର୍ଘଦିନ ଧରି ଯୁବ ବିଜେଡି ସଭାପତି ଦାୟିତ୍ୱ ସଞ୍ଜୟ କୁମାର ଦାସବର୍ମା ତୁଲାଉଥିଲେ। ବ୍ୟୋମକେଶଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ମାର୍ଗ ଦର୍ଶନରେ ରାଜ୍ୟରେ ଯୁବ ସଂଗଠନଗୁଡିକ ଆହୁରି ସୁଦୃଢ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି।


ବ୍ୟୋମକେଶ ରାୟ।


ଦେବୀ ରଞ୍ଜନ ତ୍ରିପାଠୀ।

## ଛାତ୍ରଙ୍କୁ ଛୁରି ଭୁସି ହତ୍ୟା

ନୟାଗଡ଼ ଅଫିସ/ରଣପୁର, ୨୭।୯(ସ୍ୱ.ପ୍ର.): ନୟାଗଡ଼ ଜିଲା ରଣପୁର ଥାନା ମହତପଲ୍ଲା ଗାଁର ଛାତ୍ର ସୁମନ ବେହେରା(୧୪)ଙ୍କୁ ଶନିବାର ରାତିରେ ହତ୍ୟା କରାଯାଇଛି। ଅଭିଯୋଗ ପରେ ପୋଲିସ ମାମଲା (ନଂ.୨୭୮/୨୦) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ମୃତକଙ୍କ ବଡବାପା ପୁଅ ଭାଇ ସୋମନାଥଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି। ପୂର୍ବ ଶତ୍ରୁତା ଓ ଅର୍ଥ ଲୋଭରୁ ସୁମନଙ୍କୁ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ପ୍ରାପ୍ତ ସୂଚନା ଅନୁସାରେ ମହତପଲ୍ଲାର ସୁମନ ବେହେରା ୯ମ ଶ୍ରେଣୀରେ ପଢ଼ନ୍ତି। ତାଙ୍କ ବାପା ୮ ବର୍ଷ ତଳେ ପ୍ରାଣ ହରାଇଛନ୍ତି। ମା’ ଜୟନ୍ତୀ ବେହେରା ଏକ ସ୍କୁଲରେ ରୋଷେୟା ଭାବେ କାମ କରି ପରିବାର ଚଳାଉଥିଲେ। ସୁମନ ଶନିବାର ଟ୍ୟୁଶନ ଯାଇ ଆଉ ଫେରି ନ ଥିଲେ। ପରବର୍ତ୍ତୀ ସମୟରେ ସ୍କୁଲ ପାଖ ଜମିରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାତିରେ ତାଙ୍କ ମୃତଦେହ ମିଳିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ସୁମନଙ୍କୁ ଛୁରିରେ ଭୁସି ହତ୍ୟା କରାଯାଇଥିବା ଜଣାପଡିଥିଲା। ଏ ନେଇ ସୁମନଙ୍କ ମା’ ଥାନାରେ ଅଭିଯୋଗ କରିଛନ୍ତି।

## ସରିଲା ଜେଇଇ ଆଡ଼ଭାନ୍ସଡ୍, ୫ରେ ରେଜଲ୍ଟ

ଭୁବନେଶ୍ୱର, ୨୭।୯(ବ୍ୟୁରୋ): ଜେଇଇ ଆଡ଼ଭାନ୍ସଡ୍ ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି। ଦେଶର ୨୨୨ଟି ସହରର ୧୧୫୦ କେନ୍ଦ୍ରରେ ପରୀକ୍ଷା ହୋଇଥିବାବେଳେ ମୋଟ ୧,୬୦,୮୬୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଓଡ଼ିଶାର ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା ଆଦି ସହରରେ ହୋଇଥିବା ପରୀକ୍ଷା କେନ୍ଦ୍ରରେ ପ୍ରାୟ ୫ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଛନ୍ତି। ପ୍ରଥମଥର ପାଇଁ ଆଇଆଇଟି ଭୁବନେଶ୍ୱରରେ ଛାତ୍ରୀଛାତ୍ରମାନେ ଜେଇଇ ଆଡ଼ଭାନ୍ସଡ ପରୀକ୍ଷା ଦେଇଛନ୍ତି। ଦୁଇଟି ସିଫ୍ଟରେ ପରୀକ୍ଷା ହୋଇଥିଲା। ପ୍ରଥମଟି ପୂର୍ବାହ୍ନ ୯ଟାରୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ଓ ଦ୍ୱିତୀୟ ସିଫ୍ଟ ଅପରାହ୍ନ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ରହିଥିଲା। ପରୀକ୍ଷା କେନ୍ଦ୍ରରେ କୋଭିଡ୍‌ର ସବୁ ପ୍ରକାର ନିର୍ଦ୍ଦେଶାବଳୀ ପାଳନ କରାଯାଇଥିଲା। ଅକ୍ଟୋବର ୫ରେ ରେଜଲ୍ଟ ପ୍ରକାଶ ପାଇବ।

**ADMISSION OPEN!**
Kalinga Nursing College/School, Kalinga Hospital campus BBSR

- **4 year B.Sc. Nursing**
  Qualification: +2 Sc. with PCB
  Marks - minimum; Gen 45%, SC/ST 40%
- **3 year GNM**
  Qualification: +2 any stream
  Marks - minimum; Gen 40%, SC/ST 35%

*Yearly Stipend / Posting by Kalinga Hospital*

Spot Admission:-
Mob.: 7608924405, 9861294102, 8328931210

**STATE INSTITUTE OF HOTEL MANAGEMENT, BALANGIR**
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

**OPEN FOR SPOT ADMISSION**
**LIMITED SEATS ARE VACANT**

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English as one of the subject (Minimum 50% marks) | 25 Years as on 1st July 2020 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | $1\frac{1}{2}$ Years | 10+2 pass or equivalent | |
| 3. Diploma In Food & Beverage Service | $1\frac{1}{2}$ Years | 10+2 pass or equivalent | |
| 4. Diploma In Food Production | $1\frac{1}{2}$ Years | 10+2 pass or equivalent | |
| 5. Diploma In Housekeeping | $1\frac{1}{2}$ Years | 10+2 pass or equivalent | |
| 6. Craftsmanship Certificate Course In Food Production | $1\frac{1}{2}$ Years | 10th pass | |

Candidates sponsored by the Industry or already working in the Industry, the maximum age limit is 30 years (further relaxable up to 3 years for SC/ST) (Only for Diploma & Certificate Course).

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No.9348849484, 6370180040, 9437140772, 9437030720






## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଆରୟାନ୍
ପରିବାରବର୍ଗ



ସଂଘମିତ୍ରା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଚମକିଲେ କୋରାପୁଟ ଝିଅ ସାନ୍ତ୍ୱନା

## ପାଇଲେ ମିସ୍ ଇଣ୍ଡିଆ ଇଣ୍ଟର ନ୍ୟାଶନାଲ ଫଟୋଜେନିକ ଟାଇଟଲ

**କୋରାପୁଟ,୨୭।୯(ସ୍ୱ.ପ୍ର.)**

କୋରାପୁଟ ଜିଲା ଦାମନଯୋଡିର ଝିଅ ସାନ୍ତ୍ୱନା ବି. ସିମ୍ରନ ପାଇଛନ୍ତି ମିସ୍ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଫଟୋଜେନିକ ଟାଇଟଲ-୨୦୧୯ । ଜାକର୍ତ୍ତାଠାରେ ଅନୁଷ୍ଠିତ ମିସ୍ ଇଣ୍ଡିଆ ଇଣ୍ଟର ନ୍ୟାଶନାଲ ଫଟୋଜେନିକ ସୁନ୍ଦରୀ ପ୍ରତିଯୋଗିତାରେ ପ୍ରାୟ ୨୦ ଜଣ ବିଶ୍ୱସୁନ୍ଦରୀଙ୍କୁ ପଛରେ ପକାଇ ସେ ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି। ପିଲାବେଳୁ ମଡେଲିଂ ପ୍ରତି ରୁଚି ରଖିଥିବା ସାନ୍ତ୍ୱନା ମିସ୍ ଇଣ୍ଡିଆ ଇଣ୍ଟରନ୍ୟାଶନାଲରେ ଭାଗ ନେଇ ଏହି ସଫଳତା ପାଇଛନ୍ତି। ଏହି ସଫଳତା ପାଇଁ ସେ ମାଆବାପାଙ୍କ ସମେତ ଜିଲାବାସୀଙ୍କୁ ଶ୍ରେୟ ଦେଇଛନ୍ତି। ଆଗାମୀ ଦିନରେ ମିସ୍ ଇଣ୍ଡିଆ, ମିସ୍ ୱାର୍ଲଡ ମିସ୍ ୟୁନିଭର୍ସ ଟାଇଟଲ ହାସଲ କରିବା ତାଙ୍କର ଲକ୍ଷ୍ୟ ବୋଲି ସିମ୍ରନ କହିଛନ୍ତି।



ଅତିଥିଙ୍କ ଗହଣରେ ସାନ୍ତ୍ୱନା ବି. ସିମ୍ରନ।

## ଫେରିଯିବ ମୌସୁମୀ

ପ୍ରବେଶ କରିଥିଲା। ଜୁନ୍‌ରେ ସାଧାରଣ ବୃଷ୍ଟିପାତଠାରୁ ୯.୩ ପ୍ରତିଶତ ଅଧିକ ବର୍ଷା ହୋଇଥିବାବେଳେ ଜୁଲାଇରେ ୩୪.୯ ପ୍ରତିଶତ କମ୍ ବର୍ଷା ହୋଇଥିଲା। ଚାଷ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଥିଲା। ତେବେ ଅଗଷ୍ଟରେ ୪୫.୨ ପ୍ରତିଶତରୁ ଅଧିକ ବର୍ଷା ହୋଇଥିଲା। ଯେଉଁ ଜିଲାଗୁଡିକରେ ଜୁଲାଇ ମାସରେ ନିଅଣ୍ଟିଆ ବର୍ଷା ହୋଇଥିଲା ତାହା ଅଗଷ୍ଟରେ ଭରଣା ହୋଇଥିଲା। ଅଗଷ୍ଟରେ ୧୭ ଜିଲାରେ ସାଧାରଣ ବୃଷ୍ଟିପାତ (୧୯ ପ୍ରତିଶତ)ଠାରୁ ଅଧିକ ହୋଇଥିବା ବେଳେ ୧୨ ଜିଲାରେ ସ୍ୱାଭାବିକ ବର୍ଷା ହୋଇଛି। ସେଥିରୁ ୬ ଜିଲାରେ ସାଧାରଣ ବୃଷ୍ଟିପାତଠାରୁ ୧୦୫ ପ୍ରତିଶତରୁ ୧୭୬ ପ୍ରତିଶତ ପର୍ଯ୍ୟନ୍ତ ଅଧିକ ବୃଷ୍ଟିପାତ ହୋଇଛି। କେବଳ ନୂଆପଡା ଜିଲାରେ ୩୧.୯ ପ୍ରତିଶତ କମ୍ ବର୍ଷା ହୋଇଥିଲା। ଅଗଷ୍ଟରେ ୪ଟି ଲଘୁଚାପ ହୋଇଥିଲା। ଲଘୁଚାପ ଜନିତ ବର୍ଷା ଯୋଗୁ ରାଜ୍ୟରେ ମଧ୍ୟମ ଧରଣର ବନ୍ୟା ହୋଇଥିଲା। ଏହି ବନ୍ୟାରେ ଯାଜପୁର, ପୁରୀ, କେନ୍ଦ୍ରାପଡ଼ା, ଭଦ୍ରକ ଜିଲା ଅଧିକ ପ୍ରଭାବିତ ହୋଇଥିଲା।

## ବିଧାନସଭା କୋଭିଡ୍ ...

ଏଥିସହିତ କେତେଜଣ ଖବରଦାତା, ପିଏସ୍‌ଓ, ଡ୍ରାଇଭର ଏବଂ ବିଧାନସଭା କର୍ମଚାରୀ ମଧ୍ୟ କରୋନା ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡିଛି। ରବିବାର ହୋଇଥିବା ଟେଷ୍ଟ ରିପୋର୍ଟ ସୋମବାର ପ୍ରକାଶ କରାଯିବ। ଯେଉଁ ବିଧାୟକମାନଙ୍କ କୋଭିଡ୍ ପଜିଟିଭ ବାହାରିବ ସେମାନଙ୍କୁ ଆସନ୍ତା ବିଧାନସଭା ଅଧିବେଶନ ପାଇଁ ଅନୁମୋଦନ ମିଳିବ ନାହିଁ ବୋଲି ପୂର୍ବରୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଘୋଷଣା କରିସାରିଛନ୍ତି। ଯେଉଁ ବିଧାୟକମାନେ ଅଧିବେଶନରେ ଯୋଗ ଦେବାକୁ ଚାହୁଁ ନାହାନ୍ତି ସେମାନଙ୍କ ପାଇଁ ଜିଲାପାଳଙ୍କ କନ୍‌ଫରେନ୍ସ ହଲ୍‌ରେ ଭିଡଓ କନ୍‌ଫରେନ୍ସ ବ୍ୟବସ୍ଥା କରାଯିବ। ଅଧିବେଶନ ପୂର୍ବରୁ ୩ ଦିନ ଧରି ୯୦୦ ଜଣଙ୍କ କୋଭିଡ୍ ଟେଷ୍ଟ କରାଯିବ ବୋଲି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କମିଶନର ପ୍ରେମ ଚନ୍ଦ୍ର ଚୌଧାରୀ ସୂଚନା ଦେଇଛନ୍ତି।

## ବ୍ୟାଙ୍କ ପାଇବେ ...

ସରକାର ବ୍ୟାଙ୍କଗୁଡିକ ଲାଗି କୌଣସି ପୁଞ୍ଜି ବ୍ୟବସ୍ଥା କରି ନ ଥିବା ଜଣାପଡିଛି। ଗତ ଆର୍ଥିକ ବର୍ଷରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ୧୬,୦୯୧ କୋଟି ଟଙ୍କା ଲାଭ କରିଥିବା ବେଳେ ୟୁନିୟନ ବ୍ୟାଙ୍କ ୧୧,୭୬୮ କୋଟି, କାନାରା ବ୍ୟାଙ୍କ ଏବଂ ଇଣ୍ଡିଆନ ବ୍ୟାଙ୍କ ୬୫୭୧ କୋଟି ଓ ୨୫୩୪ କୋଟି, ଆଲ୍ଲାହାବାଦ ବ୍ୟାଙ୍କ ୨,୧୫୩ କୋଟି, ୟୁନାଇଟେଡ ବ୍ୟାଙ୍କ ୧,୬୬୬ କୋଟି, ଆନ୍ଧ୍ର ବ୍ୟାଙ୍କ ୨୦୦ କୋଟି ଟଙ୍କାର ପୁଞ୍ଜି ଲାଭ କରିଥିଲା। ଏହାବାଦ ବ୍ୟାଙ୍କ ଅଫ୍ ବରୋଦା ୭ ହଜାର କୋଟି ଟଙ୍କାର ପୁଞ୍ଜି ଲାଭ କରିଥିବା ବେଳେ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ୪,୩୬୦ କୋଟି, ୟୁକୋ ବ୍ୟାଙ୍କ ୨,୧୪୨ କୋଟି, ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ ୭୮୭ କୋଟି, ସେଣ୍ଟ୍ରାଲ ବ୍ୟାଙ୍କ ୩,୩୫୩ କୋଟି ଏବଂ ଆଇଡିବିଆଇ ବ୍ୟାଙ୍କ ୪୫୫୭ କୋଟି ଟଙ୍କା ପାଇଥିବା ଜଣାପଡିଛି।

## ପ୍ରଥମ ପୃଷ୍ଠାରୁ...

## ପରଲୋକରେ ...

ଅଶୋକ ଗେହଲଟ, ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସମେତ ବହୁ ରାଜନେତା ଶୋକ ପ୍ରକାଶ କରିଛନ୍ତି। ରାଷ୍ଟ୍ରପତି କୋବିନ୍ଦ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, 'ବରିଷ୍ଠ ସେନା ଅଧିକାରୀ, ଉତ୍କୃଷ୍ଟ ସାଂସଦ, ଅସାଧାରଣ ଜନନେତା ଓ ବୁଦ୍ଧିଜୀବୀ ଯଶୱନ୍ତ ସିଂଙ୍କ ପରଲୋକରେ ବହୁତ ଦୁଃଖ ଲାଗିଲା। ସେ ଅନେକ କଠିନ ଭୂମିକାକୁ ସହଜରେ ଏବଂ ଧୈର୍ଯ୍ୟର ସହ ନିଭାଇ ଥିଲେ। ତାଙ୍କର ପରିବାର ଓ ବନ୍ଧୁଙ୍କୁ ମୋର ସମବେଦନା।' ମୋଦି ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, 'ରାଜନୀତି ଓ ସାମାଜିକ କ୍ଷେତ୍ରରେ ତାଙ୍କ ସ୍ୱତନ୍ତ୍ର ଦୃଷ୍ଟିକୋଣ ପାଇଁ ଯଶୱନ୍ତ ଜୀ ମନେ ରହିବେ। ସେ ଭାଜପାକୁ ମଜବୁତ କରିବାରେ ଯୋଗଦାନ ଦେଇଛନ୍ତି। ତାଙ୍କ ସହ ମୋର ହୋଇଥିବା କଥାବାର୍ତ୍ତାକୁ ସବୁବେଳେ ମନେ ରଖିବି। ତାଙ୍କ ପରିବାର ଓ ସମର୍ଥକଙ୍କ ପ୍ରତି ସମବେଦନା।'

ରାଜସ୍ଥାନ ବାରମେର ଜିଲାର ଜାସୋଲରେ ୧୯୩୮ ଜାନୁୟାରୀ ୩ରେ ଏକ ରାଜପୁତ ପରିବାରରେ ଯଶୱନ୍ତଙ୍କ ଜନ୍ମ। ଆଜମେରର ମାୟୋ କଲେଜରେ ପାଠପଢ଼ା ପରେ ସେ ନ୍ୟାଶନାଲ ଡିଫେନ୍ସ ଏକାଡେମୀରେ ଆଡମିଶନ କରିଥିଲେ। ୧୯୫୭ରେ ଇଣ୍ଡିଆନ ଆର୍ମିର ଦ ସେଣ୍ଟ୍ରାଲ ଇଣ୍ଡିଆ ହର୍ସ ୟୁନିଟ୍‌ରେ ଯୋଗଦେଇ ୧୯୬୨ ଭାରତ-ଚାଇନା ଯୁଦ୍ଧ ଏବଂ ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧରେ ଭାଗନେଇଥିଲେ। ୧୯୬୬ରେ ସେ ମେଜର ର୍‍ୟାଙ୍କରେ ଅବସର ନେଇ ରାଜନୀତିରେ ଯୋଗଦେଇଥିଲେ। ପ୍ରଥମେ ସେ ସ୍ୱାଧୀନ ବିଧାୟକ ଭାବେ ରାଜସ୍ଥାନର ଓସିଆନ ଆସନରେ ଲଢ଼ିଥିଲେ। ହେଲେ ୧୯୭୦ ଦଶକରେ ବିଜୟାରାଜେ ସିନ୍ଧିଆଙ୍କ ଘନିଷ୍ଠ ସହଯୋଗୀ ସର୍ଦ୍ଦାର ଆଙ୍ଗ୍ରେଙ୍କ ଜରିଆରେ ଅଟଳ ବିହାରୀ ବାଜପେୟୀଙ୍କୁ ଭେଟିବା ପରେ ଯଶୱନ୍ତଙ୍କ ରାଜନୈତିକ ଜୀବନରେ ପରିବର୍ତ୍ତନ ଆସିଥିଲା। ସେ ଜନସଂଘରେ ଯୋଗଦେବା ସହ ଭାଜପାର ଅନ୍ୟତମ ପ୍ରତିଷ୍ଠା ସଦସ୍ୟ ହୋଇପାରିଥିଲେ।

ଯଶୱନ୍ତ ୧୯୮୦ରୁ ୨୦୧୪ ମଧ୍ୟରେ କ୍ରମାଗତ ଭାବେ ସଂସଦର ସଦସ୍ୟ ରହିଆସିଥିଲେ। ସେଥିମଧ୍ୟରେ ସେ ଭାଜପା ଟିକେଟ୍‌ରେ ରାଜ୍ୟ ସଭାକୁ ୫ଥର (୧୯୮୦, ୧୯୮୬, ୧୯୯୮, ୧୯୯୯, ୨୦୦୪) ଏବଂ ଲୋକ ସଭାକୁ ୪ଥର (୧୯୯୦, ୧୯୯୧, ୧୯୯୬, ୨୦୦୯) ନିର୍ବାଚିତ ହୋଇଥିଲେ। ଏପରି କି ୨୦୧୨ ଉପରାଷ୍ଟ୍ରପତି ନିର୍ବାଚନରେ ଏନଡିଏର ପ୍ରାର୍ଥୀ ହୋଇଥିଲେ। ସେହିପରି ୧୯୯୮ରୁ ୧୯୯୯ ମଧ୍ୟରେ ଯୋଜନା ଆୟୋଗର ଉପାଧ୍ୟକ୍ଷ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ୨୦୦୪ରେ ଭାଜପା କେନ୍ଦ୍ରରେ କ୍ଷମତା ହରାଇବା ପରେ ସେ ୨୦୦୯ ପର୍ଯ୍ୟନ୍ତ ରାଜ୍ୟ ସଭାରେ ବିରୋଧୀ ଦଳର ନେତା ଭାବରେ କାର୍ଯ୍ୟ କରିଥିଲେ।

ଅର୍ଥମନ୍ତ୍ରୀ ଥିବା ସମୟରେ ଭାରତୀୟ ଅର୍ଥନୀତିକୁ ସ୍ଥିର କରିବା ପାଇଁ ଯଶୱନ୍ତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ। ସେହିପରି ମେ ୧୯୯୮ରେ ଭାରତ ଆଣବିକ ପରୀକ୍ଷଣ କରିଥିଲା। ଫଳରେ ସେହି ସମୟରେ ସୃଷ୍ଟି ହୋଇଥିବା ଅନ୍ତର୍ଜାତୀୟ ପ୍ରତିକ୍ରିୟାକୁ ଯଶୱନ୍ତ ବହିର୍ବ୍ୟାପାର ମନ୍ତ୍ରୀ ଭାବେ ବୁଦ୍ଧିମତ୍ତାର ସହ ସମ୍ଭାଳିଥିଲେ। ବିଶେଷକରି କଥାବାର୍ତ୍ତା ମାଧ୍ୟମରେ ଆମେରିକା ସହ କୂଟନୈତିକ ସମ୍ପର୍କକୁ ସକାରାତ୍ମକ ଦିଗ ଦେଇଥିଲେ। ଏହାସମେତ ୧୯୯୯ରେ ଲାହୋର-ଦିଲ୍ଲୀ ବସ୍ ଚଳାଚଳ, ଚାଇନା ସହିତ ଦ୍ୱିପାକ୍ଷିକ ସୁରକ୍ଷା କଥାବାର୍ତ୍ତା ଆରମ୍ଭ କରିବା ଏବଂ ପାକିସ୍ତାନ ସହ ୫୦ ଦିନିଆ କାର୍ଗିଲ ଯୁଦ୍ଧରେ ଭାରତର ସଫଳତାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ।

୨୦୦୯ରେ ଭାଜପା ଦ୍ୱିତୀୟ ପରାଜୟର ସମ୍ମୁଖୀନ ହେବା ପରେ ଯଶୱନ୍ତ ଦଳୀୟ ସହକର୍ମୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ସେ ଏହି ପରାଜୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବାକୁ ଚାହିଁଥିଲେ। ଏହାର ସପ୍ତାହେ ପରେ ତାଙ୍କ ଦ୍ୱାରା ଲିଖିତ ଏକ ପୁସ୍ତକ 'ଜିନ୍ନା: ଇଣ୍ଡିଆ ପାର୍ଟିଶନ ଇଣ୍ଡିପେଣ୍ଡେନ୍ସ' ମୁକ୍ତିଲାଭ କରିଥିଲା, ଯେଉଁଥିରେ ସେ ଜିନ୍ନାଙ୍କ ପ୍ରତି ସହାନୁଭୂତି ସହ ଲେଖିଥିଲେ। ସେଥିରେ ସେ ଭାରତ-ପାକିସ୍ତାନ ବିଭାଜନ ପାଇଁ ଜିନ୍ନାଙ୍କ ପରିବର୍ତ୍ତେ ଜବାହରଲାଲ ନେହେରୁ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଦାୟୀ କରିଥିଲେ। ଏହାପରେ ଯଶୱନ୍ତ ଦଳରେ ନିଜକୁ ଅଣଦେଖା ହେଉଥିବା ଦେଖିବାକୁ ପାଇଥିଲେ। ଏପରି କି ୨୦୧୪ ଲୋକ ସଭା ନିର୍ବାଚନରେ ଭାଜପା ତାଙ୍କୁ ଟିକେଟ୍ ଦେଇ ନ ଥିଲା। ଫଳରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ବାରମେର-ଜୈସାଲମେର ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ବିରୋଧରେ ଲଢ଼ି ହାରିଯାଇଥିଲେ। ଦଳୀୟ ନିର୍ଦ୍ଦେଶ ନ ମାନି ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନ ଥିବାରୁ ତାଙ୍କୁ ଭାଜପାରୁ ବହିଷ୍କାର କରାଯାଇଥିଲା। ୭ ଅଗଷ୍ଟ ୨୦୧୪ରେ ଯଶୱନ୍ତ ବାଥରୁମ୍‌ରେ ପଡ଼ିଯିବାରୁ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଦିଲ୍ଲୀ ଆର୍ମି ରିସର୍ଚ୍ଚ ଏବଂ ରେଫରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେବେଠାରୁ ଗତ ଜୁନ୍ ମଧ୍ୟରେ ତାଙ୍କୁ ଉକ୍ତ ହସ୍ପିଟାଲରେ ବାରମ୍ବାର ଭର୍ତ୍ତି କରାଯାଇଥିଲା। ଯଶୱନ୍ତ ଶୀତଳ କନୱରଙ୍କୁ ବିବାହ କରିଥିବାବେଳେ ସେମାନଙ୍କ ୨ ପୁଅ ଅଛନ୍ତି। ବଡ଼ପୁଅ ମାନବେନ୍ଦ୍ର ସିଂ ଭାଜପା ଟିକେଟ୍‌ରେ ୨୦୦୪ରେ ବାରମେର-ଜୈସାଲମେର ଲୋକ ସଭା ଆସନରୁ ଏବଂ ୨୦୧୩ରେ ରାଜସ୍ଥାନର ଶିବ ବିଧାନସଭା ଆସନରୁ ବିଜୟୀ ହୋଇଥିଲେ। କିନ୍ତୁ ୨୦୧୪ରେ ବାପା ଯଶୱନ୍ତଙ୍କ ପାଇଁ ଦଳୀୟ ପ୍ରାର୍ଥୀ ବିରୋଧରେ ପ୍ରଚାର କରି ଦଳରୁ ବହିଷ୍କୃତ ହୋଇଥିଲେ। ୨୦୧୮ ଅକ୍ଟୋବରରେ ମାନବେନ୍ଦ୍ର କଂଗ୍ରେସରେ ଯୋଗଦେଇଥିଲେ।

## ୩ କୃଷି ବିଲ୍‌କୁ ...

ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ବିଲ୍‌ଗୁଡ଼ିକର ପ୍ରଶଂସା କରିଛନ୍ତି। ତେବେ ପଞ୍ଜାବର ଚାଷୀମାନେ ଅମୃତସର-ଦିଲ୍ଲୀ ରେଳପଥ ଉପରେ ରବିବାର ବିକ୍ଷୋଭ ଜାରି ରଖିଛନ୍ତି। କିଷାନ ମଜ୍‌ଦୁର ସଂଘର୍ଷ କମିଟି ଅଧୀନରେ ଥିବା ଚାଷୀମାନେ ବୁଧବାରଠାରୁ ରେଳଧାରଣା ଉପରେ ବସି ରହିଛନ୍ତି। କୃଷକମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି ଯେ, ନୂଆ ଆଇନ ଦ୍ୱାରା ସେମାନେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପାଇପାରିବେ ନାହିଁ ଏବଂ ବଡ଼ କମ୍ପାନୀଙ୍କ ଦୟାରେ ସେମାନଙ୍କୁ ଛାଡ଼ିଦିଆଯିବ। ସେହିପରି ଜମ୍ମୁ ଓ କଶ୍ମୀର ସରକାରୀ ଭାଷା ବିଲ୍ ୨୦୨୦କୁ ରାଷ୍ଟ୍ରପତି ଅନୁମୋଦନ କରିଛନ୍ତି। ଏହାଦ୍ୱାରା ଏହି କେନ୍ଦ୍ରଶାସିତ ଅଞ୍ଚଳରେ କଶ୍ମୀର, ଡୋଗ୍ରୀ ଏବଂ ହିନ୍ଦୀ ସରକାରୀ ଭାଷା ହୋଇପାରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଶନି ସହ ଚନ୍ଦ୍ର ଯୋଗରୁ ପାରିବାରିକ ସ୍ଥିତିକୁ ନେଇ ମାନସିକ ସ୍ଥିତି ଭଲ ରହିବନାହିଁ। ବହୁତ ଦିନରୁ ଅଟକି ରହିଯାଇଥିବା ସବୁ କାମ ସୁବିଧାରେ ହେବା ଦୁରୂହ ହୋଇପଡିବ । ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ ନ କଲେ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଶିଥିଳତା ଦେଖାଦେବ।

**ବୃଷ**
କେତୁ ନକ୍ଷତ୍ରସ୍ଥ ଶୁକ୍ର ହେତୁ ଅପୂରଣୀୟ ଆଶା ଓ ଅଭିଳାଷ ମନରେ ଲଘୁ କ୍ରୋଧ ସୃଷ୍ଟି କରିପାରେ। ପୁରୁଣା ସମ୍ପର୍କ, ଜମିଜମା, ଗାଡି ମୋଟରରୁ ଭଲ ଲାଭ ପାଇବେ। ନିର୍ମାଣାଧୀନ କାର୍ଯ୍ୟ ସମସ୍ୟା ବହୁଳ ରହିବ । ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ଉପକୃତ ହେବେ ।

**ମିଥୁନ**
ମଙ୍ଗଳ ଦୃଷ୍ଟ ବୁଧ ହେତୁ ସାଧାରଣ ଘଟଣାରେ ଝଗଡା ଲାଗିଥିବା ଗତକାଲିର ଘଟଣାବଳୀ ମନକୁ ବିବ୍ରତ କରିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପ୍ରାପ୍ତି ହୋଇପାରେ। କର୍ମକ୍ଷେତ୍ରର ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**କର୍କଟ**
ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ରଙ୍କ ଯୋଗୁ ଦୂରଯାତ୍ରା ଓ ବନ୍ଧୁ ମିଳନଜନିତ ସାମୟିକ ଆନନ୍ଦ ଅନୁଭବ କରିବେ। ଦୀର୍ଘଦିନର ଆଶା ଫଳବତୀ ହେବ କିନ୍ତୁ ଏଥି ସକାଶେ ଆପଣଙ୍କୁ କିଛି ଖର୍ଚ୍ଚାନ୍ତ ହେବାକୁ ପଡିପାରେ। ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି ।

**ସିଂହ**
ରାଶିରେ ଶୁକ୍ରଙ୍କ ପ୍ରଭାବରେ ସୁଚିନ୍ତିତ ଯୋଜନାକୁ ବାସ୍ତବରୂପ ଦେବା ଦିଗରେ ଚେଷ୍ଟା କରି ସଫଳ ହେବେ। ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ଲାଗି ରହିଲେ ମଧ୍ୟ ଚେଷ୍ଟାରୁ ବିରତ ହେବେ ନାହିଁ। ବନ୍ଧୁଗହଣରେ ଆଲୋଚନା ପରିସରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**କନ୍ୟା**
ଶୁକ୍ର ଓ ବୁଧଙ୍କ ପ୍ରଭାବରୁ କଳା, ସଙ୍ଗୀତ, କ୍ରୀଡା, ଚଳଚ୍ଚିତ୍ର ଓ ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ । କର୍ମକ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ ।

**ତୁଳା**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ସଙ୍ଗକୁ ସାମାଜିକ ସ୍ତରରେ ଆନୁଷ୍ଠାନିକ କାର୍ଯ୍ୟ ତଥା ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ମିଳିବ । କିନ୍ତୁ ଦ୍ୱିତୀୟ ଭାବ ମଙ୍ଗଳ ଦ୍ୱାରା ପ୍ରଭାବିତ ହୋଇଥିବାରୁ କଠୋର ବାକ୍ୟାଳାପ ଦ୍ୱାରା ସମ୍ପର୍କହାନି ଘଟିପାରେ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ବିଛା**
ଦୁର୍ବଳ ଭାଗ୍ୟାଧିପଜନିତ ପ୍ରତ୍ୟେକ କ୍ଷେତ୍ରର ପରିସ୍ଥିତି ଆପଣଙ୍କ ପାଇଁ ଅନୁକୂଳ ନ ହୋଇପାରେ। ମନୋରଞ୍ଜନ କାର୍ଯ୍ୟରେ ସାମିଲ୍ ହୋଇପାରନ୍ତି, କିନ୍ତୁ ପୂର୍ଣ୍ଣ ଉପଭୋଗ୍ୟ ହୋଇପାରିବ ନାହିଁ । ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବା କାରଣରୁ ମାନସିକ ଅବସାଦ ଯୋଗୁଁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**ଧନୁ**
କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ । ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ, ଅବଶ୍ୟ ସମାଧାନର ପନ୍ଥା ଖୋଜି ପାଇବେ । ଉତ୍ତରାଷାଢା ନକ୍ଷତ୍ର ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିବେ।

**ମକର**
ଯେତେ ସତର୍କରେ ଚଳିଲେ ମଧ୍ୟ ଅନ୍ୟମାନଙ୍କ ଶ୍ରଦ୍ଧାଭାଜନ ହୋଇପାରିବେ ନାହିଁ। ଘରେ ବସି ରହିଥିଲେ ମଧ୍ୟ ବିଭିନ୍ନ ପ୍ରକାରର ମିଥ୍ୟା ଅଭିଯୋଗ ଆପଣଙ୍କ ଉପରକୁ ଆସିପାରେ। ମଙ୍ଗଳ ଷଷ୍ଠାଧିପ ବୁଧ ଦୃଷ୍ଟିରେ ଥିବାରୁ ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ।

**କୁମ୍ଭ**
ବ୍ୟୟସ୍ଥାନରୁ ଶନିଙ୍କ ଦୃଷ୍ଟି ପ୍ରଭାବରୁ ବିଗିଡି ଯାଉଥିବା ଯୋଜନା କ୍ରମଶଃ ସ୍ୱାଭାବିକ ହୋଇପାରେ। କର୍ମକ୍ଷେତ୍ର ପ୍ରତି ଉଦାସୀନ ହେବେ, ଯଦ୍ୱାରା କି ଆପଣଙ୍କୁ ଏଥି ସକାଶେ କେତେକ କଟୁକ୍ତି ଶୁଣିବାକୁ ପଡିପାରେ। ଅଭାବ ସୁଧାରିବାକୁ ଯାଇ ଧାର ଉଧାର କରିବାକୁ ପଡିବ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବାର ଆଶା ରହିଛି ।

**ମୀନ**
ଶନିଙ୍କ ଦୃଷ୍ଟିରୁ ବନ୍ଧୁ ସମ୍ପର୍କ କ୍ଷୁଣ୍ଣ ହୋଇପାରେ। ବନ୍ଧୁମାନଙ୍କ ପରାମର୍ଶ ଅନୁଶାରେ ସମସ୍ୟା ସମାଧାନ ହେବା ଦିଗରେ ଚେଷ୍ଟା କରିପାରନ୍ତି। ନିଜ ଲୋକମାନଙ୍କ ଈର୍ଷାପରାୟଣତା କାରଣରୁ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଆଜି ଆଶ୍ୱିନ ମଳଶୁକ୍ଳପକ୍ଷ ଦ୍ୱାଦଶୀ ସୋମବାର, ସେପ୍ଟେମ୍ବର ୨୮ ତାରିଖ, ବିଶ୍ୱ ଜଳାତଙ୍କ ଦିବସ, କବିବର ରାଧାନାଥଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ଧନିଷ୍ଠା/ମକର, ଦିବା ଘ.୦୯.୪୧ମି. ଗତେ, କୁମ୍ଭ ଚନ୍ଦ୍ର, ମିଥୁନ ରାଶିର ଘାତବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୪୦ମି.ଗତେ ଘ.୦୭.୧୫ମି.ମଧ୍ୟେ, ଘ.୦୮.୫୦ମି. ଗତେ ଘ.୧୧.୧୩ ମି. ମଧ୍ୟେ, ରାତ୍ରି ଘ.୦୭.୫୯ମି. ଗତେ ଘ.୧୧.୧୨ମି. ମଧ୍ୟେ, ଘ.୦୨.୨୬ମି. ଗତେ ଘ.୦୩.୧୫ମି.ମଧ୍ୟେ ଅମୃତବେଳା। ଦିବା ଘ.୦୭.୦୯ମି.ଗତେ ଘ.୦୮.୩୮ମି.ମଧ୍ୟେ ରାହୁକାଳ।

**classifieds Everyday 0674-2580101, 2549302**

**automobile**

**SALE**

Hyundai i20, Indica, Elentra 2005, Bolero-2011, Bolero-2018. Contact: 8249459742, 7381091234. D-69175

**real estate**

**SALE**

Plot sale near AIIMS Hospital, Bhubaneswar with 30' road, 9439206202. D-69174

Residential/Commercial plot for sale near Pitapalli, Baranga bypass infront of Mahavir College. 9438412339. D-18384

3BHK Duplex booking open Paniora near Chhatabar. Price 49lakhs in front of Mahavir College. M: 7681000111. D-18383

BDA yellowzone commercial/residential plot Pahal Jaganath Temple NH-16 30'road, (Ready for construction) sqft.1850/-, 2250/-, 9040033905, 9556492580, 6370719477. D-69167

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69162

Bhubaneswar Simplex, Duplex at Nakhara & Raghunathpur. Ready to move Flat 2/3 BHK at Patia, 9438166120. D-69164

ଭୁବନେଶ୍ୱର ଏୟାରପୋର୍ଟ DAV ପୋଖରୀପୁଟରୁ 5k.m. କୁହା ମୌଜାରେ ଘରବାରି plot 1500sqft. 14,25,000/-, 6370476317. D-69172

Flat sale at Jaganathdham Puri Bed, Matress, AC, LED T.V, celling Diningset free. 7978230118, 9348332283, 9861593321. D-69166

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର, ରଙ୍ଗବଜାର, 2nd BJEM School ନିକଟରେ ଅଗ୍ରିମ boundarywall, Electric ଏବଂ 30feet road sqft- 850/- ଦିଆଯାଉଅଛି। 7008045582, 9692003948. D-18355

ଭୁବନେଶ୍ୱର ସୁନ୍ଦରପଦା Xavier University ନିକଟରେ sqft-199/- plot ବିକ୍ରିହେବ। 9337285332, 6372047313. D-69176

**GENERAL**

**SALE**

1. Fully furnished Flat No. B-506, 5th Floor Gymkhana Palm Height near Sum Hospital, Bhubaneswar, Front South Facing Flat, 1911sqft. 3BHK attached 3 bath.
2. Verna Vehicle (Vehicle No. - OD02AX7761) Registered on 31.08.2018.
3. Bolero Pickup (Vehicle No. - OR02BZ9485) Registered on 28.08.2012.
4. Micra Vehicle (Vehicle No.- OR02BV1467) Registered on 21.01.2012. Contact No. 9873669329, 9437028801. D-18368

**to-let**

Single furnished room for working Executive, 2BHK for Family, Omfed Chhak, Chandrasekharpur. 9337199407. D-68378

2 Room house with attached kitchen near Khandagiri, Bhubaneswar. Contact-9437051142. D-18394

**healthcare**

Refresh your mind and soul with best therapy at Orchid Salon/ Spa, 9937287222. D-69550

Newly open SPA centre smart therapist full body massage: 8114970372. D-59964

Herbal full body massage by smart / expert therapist. Contact: 8338067247. D-69752

Newly open SPA centre smart therapist full body massage: 7205187702. D-59963

Thailand Massage Refreshments Bhubaneswar, Cuttack, Puri. 9853999966, 9853999966, 9853999966, Homeservices 9853999966@gmail.com. D-18258

Newly open SPA centre smart therapist full body massage: 7846814019. D-59962

Get refreshment body massage by expert therapist contact for. 9556978408. D-69755

Rejuvenate and Ayurvedic full body massage by smart therapist. 9348123330. D-69759

Newly open full body massage SPA in Bhubaneswar. Contact: 7205058838. D-69758

Swarna SPA newly open positively health benefits with expert therapist. 7873794731. D-69756

Get good massage for your health the best therapy SPA Station. 7655024727, 8118079281. D-69542

## ଉଦ୍ଭିଦ ବିଜ୍ଞାନରେ ଡକ୍ଟରେଟ୍



ଗବେଷିକା ଜ୍ୟୋତିର୍ମୟୀ ଦାଶ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଉଦ୍ଭିଦ ବିଜ୍ଞାନରେ Ph.D ଉପାଧି ପାଇବା ନିମିତ୍ତ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କର ଗବେଷଣାତ୍ମକ ନିବନ୍ଧର ବିଷୟବସ୍ତୁ ଥିଲା "Influence of Agricultural Practice on Microflora in the Agroecosystem of Nimapara and Adjoining region and its impact on rice production". ଡକ୍ଟର ଜ୍ୟୋତିର୍ମୟୀ Ravenshaw Universityର ଉଦ୍ଭିଦ ବିଜ୍ଞାନ ବିଭାଗର Prof. ଡକ୍ଟର ପ୍ରଦୀପ୍ତ କୁମାର ମହାପାତ୍ରଙ୍କର ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କର ସନ୍ଦର୍ଭଟି ଜିୱାଜି ବିଶ୍ୱବିଦ୍ୟାଳୟ, ଗ୍ୱାଲିୟରର Dr. Kirti Kumar Koel ଏବଂ ଆନ୍ଧ୍ରପ୍ରଦେଶ ବିଶ୍ୱବିଦ୍ୟାଳୟର Dr. Venkateswar Raoଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଅଛି। ଡକ୍ଟର ଜ୍ୟୋତିର୍ମୟୀ ସାକ୍ଷୀଗୋପାଳ ଶ୍ରୀ ରାମଚନ୍ଦ୍ରପୁର ନିବାସୀ ସ୍ୱର୍ଗତ ନନ୍ଦନନ୍ଦନ ଦାଶ ଓ ସୁମନ ଦାଶଙ୍କର ଜ୍ୟେଷ୍ଠା କନ୍ୟା। ଡକ୍ଟର ଜ୍ୟୋତିର୍ମୟୀ ବର୍ତ୍ତମାନ ମହର୍ଷି ମହାବିଦ୍ୟାଳୟରେ ପ୍ରାଧ୍ୟାପିକା ଅଛନ୍ତି। ସେ ତାଙ୍କ ଗବେଷଣାର ଶ୍ରେୟ ତାଙ୍କ ସ୍ୱାମୀ ସୁକାନ୍ତ ଦାଶ, ପୁତ୍ର: ପ୍ରତ୍ୟୁଷ ଓ ପ୍ରତୀକ୍ ଦାଶଙ୍କୁ ଦେଇଛନ୍ତି।

ଧ-୬୯୩୪୮

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଆର୍ମେନିଆ-ଆଜାରବୈଜାନ ମଧ୍ୟରେ ଯୁଦ୍ଧ

ନୂଆଦିଲ୍ଲୀ, ୨୭ା୯: ଏକ ବିବାଦୀୟ ଭୂଖଣ୍ଡକୁ କେନ୍ଦ୍ର କରି ଆର୍ମେନିଆ ଏବଂ ଆଜାରବୈଜାନ ମଧ୍ୟରେ ଭୟଙ୍କର ଯୁଦ୍ଧ ଆରମ୍ଭ ହୋଇଛି। ଉଭୟ ପକ୍ଷ ପରସ୍ପରକୁ ଟ୍ୟାଙ୍କ୍, ଲଢୁଆ ହେଲିକପ୍ଟରରେ ଆକ୍ରମଣ ଜାରି ରଖିଛନ୍ତି। ଏଥିରେ ବହୁ ସୈନ୍ୟ ମୃତାହତ ହୋଇଥିବାବେଳେ ଅନେକ ନାଗରିକଙ୍କ ଜୀବନ ଯାଇଥିବା ଜଣାପଡ଼ିଛି। ସୋଭିଏତ୍ ରୁଷଠାରୁ ଅଲଗା ହୋଇଥିବା ଏହି ଦୁଇ ରାଷ୍ଟ୍ର ପରସ୍ପର ବିରୋଧରେ ଯୁଦ୍ଧ ଘୋଷଣା କରିଛନ୍ତି। ଉଭୟ ପକ୍ଷ 'ନାଗୋର୍ନୋ କାରାବାଖ' କ୍ଷେତ୍ରରେ ମୁହାଁମୁହିଁ ହୋଇଥିବାବେଳେ ଯୁଦ୍ଧ ଟ୍ୟାଙ୍କ, ତୋପ ଏବଂ ଲଢୁଆ ହେଲିକପ୍ଟର ସହାୟତାରେ ପରସ୍ପରକୁ ଆକ୍ରମଣ କରୁଥିବା ଜଣାପଡ଼ିଛି। ଏସବୁ ଭିତରେ ଆର୍ମେନିଆ ମାର୍ଶାଲ ଲ' ଲାଗୁ କରିବା ସହ ସୈନ୍ୟବାହିନୀକୁ ସୀମାବର୍ତ୍ତୀ ଅଞ୍ଚଳକୁ ଯିବାକୁ ନିର୍ଦ୍ଦେଶ ଦେଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି, ଆଜାରବୈଜାନ ପକ୍ଷରୁ ଷ୍ଟେପନକର୍ଟ ଉପରେ ସ୍ଥାନୀୟ ସମୟ ଅନୁଯାୟୀ ସକାଳ ୮ଟା ୧୦ରେ ଆକ୍ରମଣ କରାଯାଇଥିଲା। ଜବାବରେ ଶତ୍ରୁପକ୍ଷର ୨ଟି ହେଲିକପ୍ଟର ଏବଂ ୩ଟି ଡ୍ରୋନ୍‌କୁ ଖସାଇ ଦିଆଯାଇଛି। ସେହିପରି ଆଜାରବୈଜାନ ଏହି ଯୁଦ୍ଧ ପାଇଁ ଆର୍ମେନିଆ ଉପରେ ଦୋଷ ଲଦିଛି। ସୂଚନାଯୋଗ୍ୟ, ଆର୍ମେନିଆ ଏବଂ ଆଜାରବୈଜାନ ସୀମାନ୍ତରେ ୪୪୦୦ ବର୍ଗ କିମି ପରିମିତ ଅଞ୍ଚଳର ରହିଛି ବିବାଦୀୟ କ୍ଷେତ୍ର 'ନାଗୋର୍ନୋ କାରାବାଖ'। ଅନ୍ତର୍ଜାତୀୟ ସୀମା ନିୟମ ଅନୁଯାୟୀ ଏହି ଅଞ୍ଚଳ ଉପରେ ଆଜାରବୈଜାନର ଅଧିକାର ରହିଛି। ହେଲେ ଏହି ସ୍ଥାନକୁ ଆର୍ମେନିଆର ଏକ ସମ୍ପ୍ରଦାୟ କବ୍‌ଜା କରି ରଖିଛନ୍ତି। ୧୯୯୧ରେ ଉକ୍ତ ସମ୍ପ୍ରଦାୟ ଆଜାରବୈଜାନଠାରୁ ନିଜକୁ ସ୍ୱାଧୀନ ଘୋଷଣା କରିବା ସହ ଉକ୍ତ କ୍ଷେତ୍ରକୁ ଆର୍ମେନିଆ ଅଧିକୃତ ଅଂଶ ବୋଲି କହିଥିଲେ। ଏହାକୁ ଆଜାରବୈଜାନ ଖାରଜ କରିଦେବା ପରେ ଉଭୟ ଦେଶ ମଧ୍ୟରେ ଉତ୍ତେଜନା ଲାଗି ରହିଛି।



ଧଉଳିଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ରେଷ୍ଟୁରାଣ୍ଟ ଚେନ୍ 'ନିମନ୍ତ୍ରଣ'ର ଶୁଭାରମ୍ଭ କରୁଛନ୍ତି।



ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ରବିବାର ଭୁବନେଶ୍ୱର ଇନ୍‌ଫୋସିଟି ଛକରୁ ଶାନ୍ତିସ୍ତୂପ ଅଭିମୁଖେ ଯାଉଥିବା ସୁପର ବାଇକର ରାଲି।

# ଅକ୍ଟୋବର ପହିଲାରୁ ଖୋଲିବ ପର୍ଯ୍ୟଟନସ୍ଥଳୀ

ଭୁବନେଶ୍ୱର,୨୭ା୯(ବ୍ୟୁରୋ)

## 'ଓଡ଼ିଶା ବାଇ ରୋଡ୍'ର ଶୁଭାରମ୍ଭ

- ସୁପର୍ ବାଇକ୍ ରାଲିରେ ୮୦ ସୁପର ବାଇକର୍
- ପର୍ଯ୍ୟଟକଙ୍କ ସୁରକ୍ଷା ସହ ଆର୍ଥିକ ବିକାଶକୁ ଗୁରୁତ୍ୱ
- 'ବଣଭୋଜି'ର ମଜା ନେଇପାରିବେ ପର୍ଯ୍ୟଟକ

କୋଭିଡ୍ କଟକଣା ମଧ୍ୟରେ ଆସନ୍ତା ଅକ୍ଟୋବର ପହିଲାରୁ ରାଜ୍ୟର ସମସ୍ତ ପର୍ଯ୍ୟଟନସ୍ଥଳୀକୁ ସର୍ବସାଧାରଣଙ୍କ ପାଇଁ ଖୋଲାଯିବ। ଏ ନେଇ ରବିବାର ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଘୋଷଣା କରିଛନ୍ତି। କରୋନାରେ ପର୍ଯ୍ୟଟନ ବିଭାଗ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଏବେ ନୂତନ ପଦକ୍ଷେପ ଓ ଯୋଜନା ସହ ଓଡ଼ିଶାର ପର୍ଯ୍ୟଟନସ୍ଥଳୀର ପ୍ରଚାରପ୍ରସାର କରାଯିବ। ପର୍ଯ୍ୟଟକମାନଙ୍କର ସ୍ୱାସ୍ଥ୍ୟ ଓ ସୁରକ୍ଷା ସହ ପର୍ଯ୍ୟଟନର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଥିବା ମନ୍ତ୍ରୀ କହିଛନ୍ତି।

ଶାନ୍ତିସ୍ତୂପ ଧଉଳିଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଶୁଣାଇବା ସହ ଓଡ଼ିଶା ଭ୍ରମଣ ପାଇଁ ପର୍ଯ୍ୟଟକଙ୍କୁ ସ୍ୱାଗତ କରିଥିଲେ। ସେ କହିଲେ, ପର୍ଯ୍ୟଟନର ବିକାଶ କ୍ଷେତ୍ରରେ ପରିବେଶ ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ପର୍ଯ୍ୟଟକଙ୍କୁ ବହୁଳ ଭାବେ ଆକୃଷ୍ଟ କରିପାରିଛି। ବିଗତ ୫ବର୍ଷ ମଧ୍ୟରେ ଏଗୁଡ଼ିକ ସ୍ଥାନୀୟ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ ହୋଇ ସଫଳତା ପାଇଛି। ପର୍ଯ୍ୟଟନ ବିଭାଗର ନୂଆ ଯୋଜନା ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ କହିଲେ, କୋଭିଡ୍ ସମୟରେ ଓଡ଼ିଶା ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ 'ଓଡ଼ିଶା ବାଇ ରୋଡ୍' ବା 'ସଡ଼କ ପଥରେ ଓଡ଼ିଶା' କ୍ୟାମ୍ପେନ୍ ଆରମ୍ଭ କରାଯାଇଛି। ରାଜ୍ୟର ସୁଦୂରପ୍ରସାରି ସଡ଼କପଥର ସଦୁପଯୋଗ କରି ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ପ୍ରାକୃତିକ ତଥା ପର୍ଯ୍ୟଟନସ୍ଥଳୀକୁ ପ୍ରସ୍ତୁତ ରଖାଯାଇଛି। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପରିଚାଳିତ ହୋଟେଲ ଏବଂ ଜଙ୍ଗଲ ବିଭାଗ ପରିଚାଳିତ ନେଚର କ୍ୟାମ୍ପରେ ପର୍ଯ୍ୟଟକ ସୁରକ୍ଷିତଭାବେ ରାତି ବିତାଇପାରିବେ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳ ସହ ରାଜ୍ୟ ଅର୍ଥନୀତିର ମଧ୍ୟ ବିକାଶ ହେବ। ଏହାବ୍ୟତୀତ ଲୋକଙ୍କ ମନୋରଞ୍ଜନ ପାଇଁ ଓଟିଡିସି ପକ୍ଷରୁ 'ବଣଭୋଜି' ପ୍ୟାକେଜ୍‌ର ଶୁଭାରମ୍ଭ କରାଯାଇଛି। ଏଥିରେ ପର୍ଯ୍ୟଟକମାନେ ପ୍ରାକୃତିକ ପରିବେଶ ମଧ୍ୟରେ ବଣଭୋଜି କରିବାସହ କ୍ୟାମ୍ପ୍ ଫାୟାର, ସାଇକେଲିଂ, ଟ୍ରେକିଂ ଆଦିର ମଜା ନେଇପାରିବେ। ଏଥିଲାଗି ଯାତାୟାତରୁ ଆରମ୍ଭକରି ରହଣି ପର୍ଯ୍ୟନ୍ତ ଓଟିଡିସି ବୁଝିବ ବୋଲି ମନ୍ତ୍ରୀ କହିଥିଲେ। ଏହା ପୂର୍ବରୁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୮୦ଜଣ ବାଇକର୍‌ଙ୍କୁ ନେଇ ଆୟୋଜିତ ଏକ ସୁପର ବାଇକ ରାଲିକୁ ମନ୍ତ୍ରୀ ଇନ୍‌ଫୋସିଟି ଛକଠାରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶାନ୍ତିସ୍ତୂପ ଧଉଳିଠାରେ ରାଲି ଶେଷ ହେବା ପରେ ସେଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀଙ୍କ ସହ ପର୍ଯ୍ୟଟନ ବିଭାଗ ଶାସନ ସଚିବ ବିଶାଲ କୁମାର ଦେବ, ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ୍ ଆର୍. ଯାଦବ, ପିସିସିଏଫ୍(ୱାଇଲ୍ଡ ଲାଇଫ୍) ଓ ସମସ୍ତ ବାଇକ ଆରୋହୀ ଯୋଗଦେଇଥିଲେ।

### ଆରମ୍ଭ ହେଲା ଓଟିଡିସିର ନୂଆ ରେଷ୍ଟୁରାଣ୍ଟ ଚେନ୍ 'ନିମନ୍ତ୍ରଣ'

ପର୍ଯ୍ୟଟନ ଦିବସ ପାଳନ ଅବସରରେ ଓଡ଼ିଶାର ବ୍ୟଞ୍ଜନ ତଥା ପାରମ୍ପରିକ ଓଡ଼ିଆ ଖାଦ୍ୟର ପ୍ରଚାର ପ୍ରସାର ନିମନ୍ତେ ରେଷ୍ଟୁରାଣ୍ଟ ଚେନ୍ 'ନିମନ୍ତ୍ରଣ'ର ମଧ୍ୟ ଶୁଭାରମ୍ଭ ହୋଇଛି। ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ ଏହାର ବ୍ରୋଚରକୁ ଉନ୍ମୋଚନ କରିଛନ୍ତି। ଓଟିଡିସି ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି ଚେନ୍ ରେଷ୍ଟୁରାଣ୍ଟ ମେନ୍ୟୁରେ ବିଭିନ୍ନ ଜିଲାର ଲୋକପ୍ରିୟ ତଥା ହଜିଯାଉଥିବା ଓଡ଼ିଆ ପିଠା, ତରକାରି ଆଦି ରହିବ। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର, ପୁରୀ ଓ ସମ୍ବଲପୁରରେ ଏହି 'ନିମନ୍ତ୍ରଣ' ରେଷ୍ଟୁରାଣ୍ଟ ଖୋଲିବ। ଏହାପରେ ପର୍ଯ୍ୟାୟକ୍ରମେ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଖୋଲାଯିବ ବୋଲି ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ସୂଚନା ଦେଇଛନ୍ତି।

# ପୁରୀ, କୋଣାର୍କକୁ ଚାଲିଲା 'ମୋ ବସ୍'

ଭୁବନେଶ୍ୱର (ବ୍ୟୁରୋ)/ ପୁରୀ ଅଫିସ/ କୋଣାର୍କ(ଡି.ଏନ୍.ଏ.) ୨୭ା୯

ପର୍ଯ୍ୟଟନ ସହର ପୁରୀ ଓ କୋଣାର୍କକୁ ଗଡ଼ିଲା 'ମୋ ବସ୍'। ରବିବାର ବିଶ୍ୱ ପର୍ଯ୍ୟଟନ ଦିବସରୁ ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ଉପହାର ସ୍ୱରୂପ ଏହି ସେବା ଆରମ୍ଭ ହୋଇଥିବା କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ କୁହାଯାଇଛି। ଏଥିପାଇଁ ଦୁଇଟି ନୂଆ ରୁଟ୍ କରାଯାଇଛି। ରୁଟ୍ ନଂ–୫୦ରେ ମୋ ବସ୍‌ଟି ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ବସ୍‌ଷ୍ଟାଣ୍ଡରୁ ବାହାରି ଜଗନ୍ନାଥ ଧାମ ପୁରୀ ପର୍ଯ୍ୟନ୍ତ ଗସ୍ତ କରିଥିବାବେଳେ ରୁଟ୍ ନଂ.୭୦ରେ କୋଣାର୍କକୁ ସଂଯୋଗ କରାଯାଇଛି। ଏହି ଅବସରରେ କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା କହିଛନ୍ତି, ରାଜ୍ୟ ତଥା ବାହାରୁ ଆସୁଥିବା ପର୍ଯ୍ୟଟକ ଓ ପ୍ରତିଦିନ ଏସବୁ ଅଞ୍ଚଳକୁ ଯାତାୟାତ କରୁଥିବା ଲୋକେ ଏହାଦ୍ୱାରା ଲାଭବାନ ହୋଇପାରିବେ। ପ୍ରାଥମିକ ଭାବେ ଭୁବନେଶ୍ୱରରୁ ଦୁଇଟି ଲେଖାଏ ବସ୍ ଉଭୟ ପୁରୀ ଓ କୋଣାର୍କକୁ ଯାତାୟତ କରିବ। ବର୍ତ୍ତମାନ ପୁରୀକୁ ୭୦ଟଙ୍କା ଓ କୋଣାର୍କକୁ ୬୦ ଟଙ୍କା ଯାତ୍ରୀଭଡ଼ା ଧାର୍ଯ୍ୟ କରାଯାଇଛି।

ତେବେ ରବିବାର ପ୍ରଥମ ଦିନରେ ଭୁବନେଶ୍ୱର ରେଳ ଷ୍ଟେଶନଠାରୁ ୧୫ ଯାତ୍ରୀଙ୍କୁ ଧରି ମୋ ବସ୍ ଯାତ୍ରା ଆରମ୍ଭ କରି ପିପିଲି, ନିମାପଡ଼ା, ଗୋପ ଦେଇ କୋଣାର୍କରେ ପୂର୍ବାହ୍ନ ୧୦ଟାରେ ପହଞ୍ଚିଥିଲା। କୋଣାର୍କ ବସ୍‌ଷ୍ଟାଣ୍ଡରେ ୧ଘଣ୍ଟା ରହିବାପରେ ପୁନଶ୍ଚ ଭୁବନେଶ୍ୱର ଅଭିମୁଖେ ଫେରିଥିଲା। ଆଗାମୀ ଦିନରେ ପର୍ଯ୍ୟଟକଙ୍କ ସ୍ୱାର୍ଥ ଦୃଷ୍ଟିରୁ ନିୟମିତ ଭାବେ ଭୁବନେଶ୍ୱରରୁ କୋଣାର୍କ ମୋ ବସ୍ ସେବା ଜାରି ରହିବ ବୋଲି ଗାଡ଼ି ଚାଳକ ଗଜେନ୍ଦ୍ର କୁମାର ସେଠୀ ପ୍ରକାଶ କରିଛନ୍ତି। ସେହିପରି ସକାଳେ ଭୁବନେଶ୍ୱରରୁ ଆସି ପୁରୀ ବସ୍‌ଷ୍ଟାଣ୍ଡରେ




'ମୋ ବସ୍' ପହଞ୍ଚିଥିଲା। ଯାତ୍ରୀଙ୍କୁ ଛାଡ଼ିବା ପରେ ବସ୍‌ଟି ଶ୍ରୀମନ୍ଦିର ଅଭିମୁଖେ ଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ନିକଟରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ନଡ଼ିଆ ଭାଙ୍ଗି ପୂଜାର୍ଚ୍ଚନା କରିବା ପରେ ପୁଣି ବସ୍‌ଷ୍ଟାଣ୍ଡ ହୋଇ ଭୁବନେଶ୍ୱର ଫେରିଥିଲା। ସୋମବାରଠାରୁ ନିୟମିତ ୨ଟି ବସ୍ ଭୁବନେଶ୍ୱର ଓ ପୁରୀ ମଧ୍ୟରେ ୨ଥର ଲେଖାଏ ଯାତାୟାତ କରିବ।

**NOTICE TO GENERAL PUBLIC**

M/s Bee Pee Rollers Private Limited, registered office at A/11, Lal Building, Kachery Road, Rourkela – 769012, P.S. – Uditnagar, District – Sundargarh claims to be owner of landed property recorded in Khata No. 116 of Mouza – San-Nuagaon under Kalunga R.I, Tahasil-Lathikata, District – Sundargarh as their property and the recording of said Record of Right / Khata in the name of M/s Bee Pee Re Rollers Private Limited through Director Sri. Pitabash Chhotray and Sri. Bishnu Narayan Patra is due to inadvertence and M/s Bee Pee Rollers Private Limited in reality is owner of the said property and has all documents and papers in their custody and in possession of the property by running their industry. Under this circumstances, if anybody claim any right over the said recorded property of Khata No. 116 of Mouza - San-Nuagaon as associated with M/s Bee Pee Re Rollers Private Limited are invited to lodge their claim within **15 days** from the date of publication of this notice. After this period is over no claim against the property shall be entertained.

**M/s Bee Pee Rollers Private Limited**
**through its Director Akhil Agarwal**



# ସଂସ୍କୃତ ସଂସ୍କୃତି

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ଦ୍ଦେଶ କ୍ରମେ ସରକାରୀ ବିଜ୍ଞପ୍ତି ସଂସ୍କୃତ ଭାଷାରେ ପଠାଯିବା ଆରମ୍ଭ ହୋଇଛି । ପୂର୍ବରୁ ଇଂଲିଶ, ହିନ୍ଦୀ ଓ ଉର୍ଦ୍ଦୁ ଭାଷାରେ ଏସବୁ କରାଯାଉଥିଲା । ଏବେ ଚତୁର୍ଥ ଭାଷା ଭାବେ ସଂସ୍କୃତରେ ଯେଉଁ ପ୍ରେସ୍ ରିଲିଜ୍ ବାହାରିବ ତାହାର ଦେଖାରେଖା ଲାଗି କେତେ ଜଣ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ ସଂସ୍କୃତ ପ୍ରତି ଏଭଳି ସ୍ନେହ ଦେଖି ଅଧିକାରୀଙ୍କୁ ପଚରାଯିବା ପରେ ଉତ୍ତର ମିଳିଛି ଯେ, ମୁଲାୟମ ସିଂ ଯାଦବ ମୁଖ୍ୟମନ୍ତ୍ରୀ ଥିବା ବେଳେ ସେ ଉର୍ଦ୍ଦୁ ଭାଷାର ପ୍ରସାର ପାଇଁ ସେଭଳି ପଦକ୍ଷେପ ନେଇଥିଲେ । ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଯୋଗୀ ଚାହିଁବାରୁ ସଂସ୍କୃତକୁ ଏଥିରେ ଯୋଡ଼ାଗଲା ବୋଲି ଜଣେ ଅଫିସର କହିଛନ୍ତି ।

ଉପରଲିଖିତ କଥାକୁ ଦେଖିଲେ ଭାରତରେ ଶାସକଙ୍କ ଏକଚାଟିଆ ନିଷ୍ପତ୍ତି କାର୍ଯ୍ୟକାରୀ ହେଲେ ତାଙ୍କୁ ଖୁସି ଦେଇଥାଏ । କିନ୍ତୁ ବାସ୍ତବ ସ୍ଥିତି ଭିନ୍ନ କାହାଣୀ ରଚେ । ଯେଉଁ ଅଧିକାରୀଙ୍କ ଉପରେ ସଂସ୍କୃତର ବୋଝ ଲଦି ଦିଆଗଲା ସେମାନେ ଅନ୍ୟାନ୍ୟ ସରକାରୀ କାର୍ଯ୍ୟ କରିବାରୁ ବଞ୍ଚିତ ହେଲେ । ଗୋଟେ ଭାଷାର ପ୍ରସାର ହେବାକୁ ବିରୋଧ କରାଯିବା ଉଚିତ ନୁହେଁ । ମାତ୍ର ଯେଉଁ ଭାଷା ଏବେ ପ୍ରଚଳିତ ନାହିଁ ଏବଂ ଆଧୁନିକ ବିଜ୍ଞାନ ଓ ପ୍ରଯୁକ୍ତି ଯୁଗରେ ଯାହାର ବ୍ୟବହାର ଅତ୍ୟନ୍ତ ସୀମିତ, ସେଭଳି ଏକ ଭାଷାକୁ ଜୋରଜବରଦସ୍ତ ପ୍ରୋତ୍ସାହନ ଦେବା କେତେଦୂର ଯୁକ୍ତିଯୁକ୍ତ ତାହା କହିବା କଷ୍ଟକର । ଉଲ୍ଲେଖଯୋଗ୍ୟ ଯେ, ସଂସ୍କୃତ ଏକ ଆର୍ଯ୍ୟ ଭାଷା ହୋଇଥିବା ବେଳେ ଭାରତରେ ଅଣ-ଆର୍ଯ୍ୟ ଜାତି ମଧ୍ୟ ଅଛନ୍ତି । ସଂସ୍କୃତକୁ ହିନ୍ଦୁଙ୍କ ଭାଷାର ଆଖ୍ୟା ଦେଲେ ତାହା ପ୍ରତି ଅବିଚାର ହେବ ବୋଲି କୁହାଯାଇପାରେ ।

ଆଜିର ସ୍ଥିତି ଦେଖିଲେ ଇଂଲିଶ ଭଳି ଏକ ଅନ୍ତର୍ଜାତୀୟ ଭାଷା ଓ ଯାହାର ବ୍ୟବହାର ପ୍ରଯୁକ୍ତିବିଦ୍ୟାଠାରୁ ଆରମ୍ଭ କରି ନିଯୁକ୍ତି କ୍ଷେତ୍ରରେ ବହୁଳ ଆବଶ୍ୟକତା ରହିଛି, ସେଥିରେ ପାରଙ୍ଗମ ବ୍ୟକ୍ତିଙ୍କ ମଧ୍ୟରୁ ଅନେକ ଉଚ୍ଚଶିକ୍ଷିତ ବେକାର ହୋଇଗଲେଣି । କୋଭିଡ୍-୧୯ ମହାମାରୀ ଭାରତବର୍ଷରେ ସର୍ବନିମ୍ନ ୭ କୋଟି ଲୋକଙ୍କ ଚାକିରି ଛଡ଼ାଇ ନେଇଥିବା କୁହାଯାଉଛି । ଏହା ହେଉଛି ସରକାରୀ ଆକଳନ । ସାଧାରଣରେ ସରକାର ଏବେ ସବୁବେଳେ ଅସତ୍ୟ ତଥ୍ୟ ଦେଇ ଚାଲୁଥିବାରୁ ଏହି ସଂଖ୍ୟାକୁ ସହଜରେ ତିନିଗୁଣା କରିହେବ । ମନେପଡ଼େ ଚଳିତବର୍ଷ ପ୍ରାରମ୍ଭରେ ଯୋଗୀ ଆଦିତ୍ୟନାଥ 'ଭାରତୀୟ ଭାଷା ମହୋତ୍ସବ'ରେ ଯୋଗଦେବା ବେଳେ କହିଥିଲେ, ଯିଏ ସଂସ୍କୃତ ପଢ଼ିଥିବେ ସେ କଦାପି ଭୋକିଲା ମରିବେ ନାହିଁ । କାରଣ ଭାରତର ସାଧୁ ସନ୍ନ୍ୟାସୀମାନେ ଏହି ଭାଷା ଶିଖି ଭଲ ନିଯୁକ୍ତି ପାଉଥିଲେ । ପୁରୁଣା କଥାକୁ ଯୋଗୀ ମନେ ପକାଇବା ଓ ସେତେବେଳର ସ୍ଥିତିକୁ ବର୍ତ୍ତମାନ ଦୃଷ୍ଟାନ୍ତ ଭାବେ ଦର୍ଶାଇବା ମଧ୍ୟରେ ଆକାଶପାତାଳ ଫରକ ରହିଛି । ଏବେ ଯାହା ଦୃଶ୍ୟମାନ ହେଉଛି ଓ ଏହାର ପ୍ରଭାବ ନିକଟ ଭବିଷ୍ୟତରେ ରହିବାର ଯେଉଁସବୁ ସଙ୍କେତ ଦେଲାଣି ସଂସ୍କୃତରେ ପାରଙ୍ଗମ ବ୍ୟକ୍ତି ନିଯୁକ୍ତି ପାଇବା କଷ୍ଟକର ହୋଇପାରେ । କାରଣ ଜଣେ ପୂଜକ ସର୍ବନିମ୍ନ ସ୍ତରର ରୋଜଗାର ଯେଉଁ ମନ୍ଦିର ଓ ପୂଜାସ୍ଥଳୀଗୁଡ଼ିକରୁ ପାଇପାରୁଥିଲେ, ତାହା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ସରକାରୀ କଟକଣା କୋହଳ ହୋଇ ଧର୍ମାନୁଷ୍ଠାନଗୁଡ଼ିକୁ ଯେବେ ବି ଆଗକୁ ସମ୍ପୂର୍ଣ୍ଣ ଖୋଲିଦିଆଯିବ, ସେସବୁ ସ୍ଥାନକୁ ଅନେକ ଲୋକ ଯିବାକୁ ଡରିବେ । କୋଭିଡ୍-୧୯ ପରବର୍ତ୍ତୀ ସ୍ଥିତି ଢେର ବର୍ଷ ଧରି ଜନମାନସକୁ ଆନ୍ଦୋଳିତ କରି ରଖିବ । ଲୋକେ ଶାରୀରିକ ସୁସ୍ଥତାକୁ ସର୍ବାଧିକ ଗୁରୁତ୍ୱ ଦେବା ଆରମ୍ଭ କରିଦେଇଥିବାରୁ ସେହି ତୁଳନାରେ ଧର୍ମବିଶ୍ୱାସ ପଛରେ ପଡ଼ିଯାଇପାରେ । ଶଙ୍ଖ ଫୁଙ୍କିବା, ଦୀପ ଜଳାଇବା, ତାଳି ମାରିବାଠାରୁ ଆରମ୍ଭ କରି ଯୋଗ ଅଭ୍ୟାସ କରିବା ପାଇଁ ଦିଆଯାଉଥିବା ସବୁ ବାର୍ତ୍ତା ଏବେ ମିଥ୍ୟା ବୋଲି ପ୍ରମାଣିତ ହେଲାଣି । କୋଭିଡ୍ ଯୋଦ୍ଧାଙ୍କୁ ଉତ୍ସାହିତ କରିବା ଲାଗି ଉପରଲିଖିତ ପଦକ୍ଷେପ ନେବା ଲାଗି ସେତେବେଳେ ଲୋକଙ୍କୁ ଯେଭଳି ଭୁଆଁ ବୁଲାଗଲା, ଏବେ ସମଗ୍ର ଦେଶ ତା'ର କୁଫଳ ଭୋଗୁଛି । ଆଜି ଭାରତରେ ଦିନକୁ ପ୍ରାୟ ୧ ଲକ୍ଷ ଲୋକ ସଂକ୍ରମିତ ହେଲେଣି । ଆଧୁନିକ ପଦ୍ଧତିରେ ନିଜକୁ ପ୍ରସ୍ତୁତ କରିବା ପରିବର୍ତ୍ତେ କେବଳ ଉପରଠାଉରିଆ ପଦକ୍ଷେପ ନିଆଯାଉଛି । ଏହାଦ୍ୱାରା ପୁରୁଣା ଚିନ୍ତାଧାରାକୁ ବାରମ୍ବାର ଲୋକଙ୍କୁ କହି ଦେଶ ଓ ଭାରତୀୟ ସମାଜର ଅଧିକ କ୍ଷତି ଘଟାଯାଉଛି । ସେଥିପାଇଁ ମଣିଷ ଏବେ ଆଧୁନିକ ପଥରେ ଯାଇ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ସତର୍କ ହେଲାଣି ।

ବିଶ୍ୱରେ ପ୍ରାଚୀନ ଭାଷା ଭାବେ ଲାଟିନ୍ ଓ ସଂସ୍କୃତକୁ ଗଣାଯାଇଥାଏ । କୁହାଯାଏ ଅନେକ ଭାଷା ଏଇ ଦୁଇଟିରୁ ଉତ୍ପନ୍ନ ହୋଇଛନ୍ତି । ସମୟକ୍ରମେ ଏସବୁ ପ୍ରାସଙ୍ଗିକତା ହରାଇ ବସିଥିବାରୁ ଜୀବନ ନ ଥିବା ଭାଷା ସ୍ତରକୁ ଆସିଗଲେଣି । ସେହି ଦୃଷ୍ଟିରୁ ଦେଖିଲେ ଯୋଗୀଙ୍କ ଭଳି ଶାସକ ନିଜ ଖିଆଲିକୁ ଛୋଟ ଛୋଟ କଥା ଭିତରେ ସୀମିତ ନ ରଖି ଜନକଲ୍ୟାଣ ଦିଗରେ ଉପଯୋଗ କରିବା ଦରକାର । ସମଗ୍ର ଭାରତବର୍ଷରେ ଆର୍ଥିକ ସ୍ଥିତି ଦୁର୍ବଳ ହୋଇଯାଇଛି । ସ୍ୱାସ୍ଥ୍ୟଜନିତ ସମସ୍ୟା ଦୂର କରିବା ଲାଗି ପର୍ଯ୍ୟାପ୍ତ ଅର୍ଥ ବ୍ୟୟ ହେଉଛି । ଏଭଳି ସ୍ଥଳେ ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ସହ କିଭଳି ନିଯୁକ୍ତି ସୃଷ୍ଟି କରାଯାଇପାରିବ ହେବା କଥା ଶାସକଙ୍କ ମୂଳ ଲକ୍ଷ୍ୟ । ଦେଖାଯାଉଛି ଅନେକ ଶାସକ ଓ ପ୍ରଶାସକ ମୌଳିକ ଲକ୍ଷ୍ୟରୁ ହଟି ଭିନ୍ନ ପ୍ରସଙ୍ଗ ପଛରେ ପଡ଼ିଛନ୍ତି । ଏଭଳି ଚିନ୍ତାଧାରା ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଆହୁରି କ୍ଷତିରେ ପକାଇବ ।

## ସାପ୍ତାହିକ ପଞ୍ଜିକା

**ସେପ୍ଟେମ୍ବର ୨୧:** ନୌସେନାରେ ନିଯୁକ୍ତ ପାଇଲେ ୨ ମହିଳା ଅଧିକାରୀ ।
➢ ଜଗତପୁର (କଟକ)ସ୍ଥିତ କୋଭିଡ୍ ହସ୍ପିଟାଲରେ ଅଗ୍ନିକାଣ୍ଡ ।
**ସେପ୍ଟେମ୍ବର ୨୨:** ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ବିଲ୍ ଗୃହୀତ ।
**ସେପ୍ଟେମ୍ବର ୨୩:** ମହଙ୍ଗା ହେଲା ବିଜୁଳି, ୟୁନିଟ୍ ପିଛା ୨୦ ପଇସା ବୃଦ୍ଧି ।
➢ ବିଦେଶୀ ଅନୁଦାନ ସଂଶୋଧନ ବିଲ୍‌କୁ ଅନୁମୋଦନ ।
➢ ସଂସଦରେ ଶ୍ରମ ସଂସ୍କାର ବିଲ୍ ପାରିତ ।
**ସେପ୍ଟେମ୍ବର ୨୪:** ଲକ୍ସ୍ୟୁରି ବାଇକ୍ ନିର୍ମାଣକାରୀ କମ୍ପାନୀ ହାର୍ଲେ ଡାଭିଡ୍‌ସନ୍ ଭାରତରେ ତା' ଫ୍ୟାକ୍ଟ୍ରି ବନ୍ଦ କଲା ।
**ସେପ୍ଟେମ୍ବର ୨୫:** ପରଲୋକରେ କିମ୍ବଦନ୍ତୀ ପ୍ରଚ୍ଛଦପଟ ଗାୟକ ଏସ୍‌ପି ବାଲସୁବ୍ରମଣ୍ୟମ୍ ।
**ସେପ୍ଟେମ୍ବର ୨୬:** ୟୁକ୍ରେନ୍‌ର ଏକ ସେନା ବିମାନ ଦୁର୍ଘଟଣାରେ ୨୬ ମୃତ ।

## su | do | ku — ସୁ-ଡୋ-କୁ
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 3 | | | 6 | 8 | | | | | | |
| 6 | | 7 | 8 | | | | 4 | | | 3 | | | 5 | |
| | 8 | B | | 9 | A | | | | | | 7 | | E | |
| | | | | | E | B | C | 1 | | A | | | 6 | |
| | 3 | 9 | 5 | | 1 | | E | | | | | | | D |
| | | | A | | D | | | 6 | B | | | | 4 | |
| | | 8 | | 5 | | 4 | B | | | | | | | E |
| | 1 | D | | | | A | | | | | | | 9 | 0 |
| | 7 | 6 | | | 4 | 9 | | 5 | | | D | 3 | | 2 |
| 9 | | 5 | 7 | C | | | | 3 | | | 4 | | | 1 |
| 0 | | | | | | D | | E | | 1 | | | | A |
| | | E | | | | 5 | A | 7 | | | 6 | D | | C |
| 5 | | | | | | | | | | 4 | | | | |
| A | | 1 | | | 3 | | | | | | | E | 2 | |
| | | C | | 2 | | | 8 | | | | 3 | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | A | 7 | 2 | 6 | 9 | 3 | D | 4 | 1 | 5 | 8 | 0 | E | C |
| 5 | E | 3 | 4 | C | B | 1 | 7 | 8 | 0 | 6 | 9 | 2 | D | A |
| 2 | 8 | 6 | E | D | A | B | 0 | 9 | 3 | C | 7 | 5 | 4 | 1 |
| 0 | 4 | 1 | 7 | 5 | 8 | 6 | E | C | D | A | 2 | 3 | 9 | B |
| C | 9 | D | 1 | 0 | 3 | A | 2 | 5 | 4 | E | B | 6 | 7 | 8 |
| 1 | 0 | 8 | D | B | 7 | 5 | 6 | E | A | 2 | 3 | 9 | C | 4 |
| 9 | B | E | C | 2 | 5 | 4 | 3 | 1 | 7 | D | 0 | A | 8 | 6 |
| 6 | 3 | 2 | 9 | 4 | 1 | D | A | 7 | C | 8 | E | B | 5 | 0 |
| 7 | C | 4 | A | E | 0 | 2 | 8 | B | 5 | 9 | 6 | D | 1 | 3 |
| A | D | 5 | 8 | 3 | 6 | C | 9 | 0 | B | 4 | 1 | E | 2 | 7 |
| 8 | 6 | A | 5 | 1 | 4 | 9 | B | D | E | 0 | C | 7 | 3 | 2 |
| E | 1 | 9 | B | 7 | 2 | 8 | C | A | 6 | 3 | D | 4 | 0 | 5 |
| D | 7 | B | 0 | A | C | E | 4 | 3 | 2 | 1 | 5 | 8 | 6 | 9 |
| 3 | 5 | 0 | 6 | 9 | E | 7 | 1 | 2 | 8 | B | 4 | C | A | D |
| 4 | 2 | C | 3 | 8 | D | 0 | 5 | 6 | 9 | 7 | A | 1 | B | E |

ଗତକାଲିର ଉତ୍ତର

# ବିକାଶର ସଂଜ୍ଞା ନୁହେଁ ଘରୋଇକରଣ



ଡ. ଷ୍ଟାଲିନ ମିଶ୍ର

ଗତ କିଛିବର୍ଷ ହେଲା 'ବିକାଶ' ଶବ୍ଦର ବହୁଳ ପ୍ରୟୋଗ ଓ ପ୍ରଚାର ଆପଣମାନେ ଲକ୍ଷ୍ୟ କରୁଥିବେ । ରାଜନୈତିକ ଘୋଷଣା ହେଉ ଅବା ନିର୍ବାଚନ ପ୍ରଚାର, ସରକାରୀ ଯୋଜନା ହେଉ କିମ୍ବା ରାଷ୍ଟ୍ରାୟତ୍ତ ସମ୍ପତ୍ତିଗୁଡ଼ିକର ଘରୋଇକରଣ ସବୁଥିରେ ଏହି ତିନିଅକ୍ଷର ବିଶିଷ୍ଟ ଶବ୍ଦ 'ବିକାଶ'ର ବହୁଳ ବ୍ୟବହାର ଦେଖିବାକୁ ମିଳୁଛି । ରାଜନୈତିକ ଉଦ୍ଦେଶ୍ୟଗୁଡ଼ିକୁ ଚରିତାର୍ଥ କରିବା ପାଇଁ ଉଠାଯାଉଥିବା ଯେକୌଣସି ପଦକ୍ଷେପକୁ ବିକାଶର ସଂଜ୍ଞା ରୂପେ ଦର୍ଶାଯାଉଛି ଓ କରଦାତାଙ୍କ ଅର୍ଥକୁ ଏଥିପାଇଁ ବହୁଳ ମାତ୍ରରେ ବ୍ୟବହାର କରାଯାଉଛି । ହେଲେ ସତରେ କେତେ ବିକାଶ ହୋଇଛି ଅବା ହଉଛି ତାହା ହିସାବ ଠିକ୍ ରୂପେ କେହି ନିରୂପଣ କରିବା ପାଇଁ ସମର୍ଥ ନୁହନ୍ତି । ଦଳମତ ହିସାବରେ ବିକାଶର ସଂଜ୍ଞା ବଦଳିବା ଆମ ଦେଶରେ ଏକ ସାଧାରଣ କଥା । ସରକାରୀ ଦଳ ଓ ବିରୋଧୀଦଳ ପାଇଁ ବିକାଶର ସଂଜ୍ଞା ସମାନ ନୁହେଁ । ଆଜିର ପ୍ରସଙ୍ଗ ଘରୋଇକରଣ ମଧ୍ୟ ବିକାଶର ସଂଜ୍ଞା ବୋଲି ସରକାରୀ କଳ ଦ୍ୱାରା ପ୍ରଚାରପ୍ରସାର ଖୁବ୍ ଜୋର୍ ଧରିଛି । ସରକାର ପରିଚାଳନାଗତ ତ୍ରୁଟିକୁ ସୁଧାରିବା ବାହାନାରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗମାନଙ୍କୁ ଗୋଟେ ପରେ ଗୋଟେ ଘରୋଇ ଲାଭଖୋର ସଂସ୍ଥାମାନଙ୍କ ହାତକୁ ଟେକି ଦେବାକୁ ଶ୍ରେୟସ୍କର ମନେକରୁଛନ୍ତି । ନିଜର ପୋଷା ଗଣମାଧ୍ୟମ, ସ୍ୱନିୟନ୍ତ୍ରିତ ସରକାରୀ ସଂସ୍ଥା, ସରକାରୀ ବିଜ୍ଞାପନ ତଥା ନିଜ ଦଳର ମୁଖପାତ୍ର ଓ ଚାଟୁକାରମାନଙ୍କୁ ନିୟୋଜିତ କରି ନିଜ ସପକ୍ଷରେ ସକାରାତ୍ମକ ପରିବେଶ ସୃଷ୍ଟିକରିବାକୁ ପଛାଉନାହାନ୍ତି ।

ସଂସ୍ଥା ମୁଖ୍ୟତଃ ତିନିପ୍ରକାରର ଯଥା ସାର୍ବଜନୀନ, ଘରୋଇ ଏବଂ ସାମାଜିକ । ରାଷ୍ଟ୍ରାୟତ୍ତ ସଂସ୍ଥା ଦେଶର ଅର୍ଥନୀତିର ଅଂଶବିଶେଷ, ଯାହା ଉଭୟ ଜନସେବାସଂସ୍ଥା ଓ ସାର୍ବଜନୀନ ଉଦ୍ୟୋଗଗୁଡ଼ିକୁ ନେଇ ଗଠିତ । ଏହା ସାର୍ବଜନୀନ ସାମଗ୍ରୀ ଏବଂ ସରକାରୀ ସେବା ଯଥା ଆଇନଶୃଙ୍ଖଳା ବ୍ୟବସ୍ଥା, ବ୍ୟାଙ୍କ, ଭିତ୍ତିଭୂମି (ସଡ଼କ, ବ୍ରିଜ୍, ଟନେଲ୍, ଜଳଯୋଗାଣ, ସ୍ୱେରେଜ୍, ବୈଦ୍ୟୁତିକଗ୍ରୀଡ୍, ଟେଲି ଯୋଗାଯୋଗ ଇତ୍ୟାଦି), ଗମନାଗମନ ଓ ରେଳ ପରିବହନ କ୍ଷେତ୍ର, ଜନଶିକ୍ଷା, ସ୍ୱାସ୍ଥ୍ୟସେବା, ସାମରିକ ବିଭାଗ ଏବଂ ଅନ୍ୟ ସମସ୍ତ ସରକାରୀ ବିଭାଗଗୁଡ଼ିକୁ ବୁଝାଏ । ସାର୍ବଜନୀନ କ୍ଷେତ୍ର ବା ରାଷ୍ଟ୍ରାୟତ୍ତ ସଂସ୍ଥାମାନଙ୍କର ମୂଳ ଲକ୍ଷ୍ୟ ଲାଭ ଆଦାୟ ନୁହେଁ ବରଂ ସମାଜକୁ ସେବା ଯୋଗାଇ ଦେବା ପାଇଁ ଉଦ୍ଦିଷ୍ଟ । ଏଗୁଡ଼ିକ ଘରୋଇ ସାମଗ୍ରୀ ଏବଂ ସେବା ଯୋଗାଉଥିବା ସ୍ୱ-ଆର୍ଥିକ ବ୍ୟବସାୟିକ ଉଦ୍ୟୋଗ ମଧ୍ୟ ଯାହା ସର୍ବସାଧାରଣ ମାଲିକାନା ଅଧୀନରେ ଥାଏ ଓ ମୂଳତଃ ଜନସାଧାରଣଙ୍କୁ ବିଭିନ୍ନ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଏକ ବ୍ୟବସାୟିକ ସଂସ୍ଥା ହିସାବରେ କାର୍ଯ୍ୟ କରିଥାଏ । ଅନ୍ୟ ଅର୍ଥରେ କହିଲେ ରାଷ୍ଟ୍ରାୟତ୍ତ ସଂସ୍ଥା ବା ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ଦେଶର ସମ୍ପତ୍ତି । ଏହାର ସୃଷ୍ଟି ଓ ଲକ୍ଷ୍ୟ ଘରୋଇ କ୍ଷେତ୍ର ପରି ଲାଭ ଉପାର୍ଜନ ପାଇଁ ନୁହେଁ ବରଂ ଜନତାଙ୍କ ସେବା ପାଇଁ ଉଦ୍ଦିଷ୍ଟ । ଯେଉଁ ସଂସ୍ଥାଗୁଡ଼ିକ ସାର୍ବଜନୀନ ବା ରାଷ୍ଟ୍ରାୟତ୍ତ କ୍ଷେତ୍ରର ଅଂଶ ନୁହେଁ ତାହା ଘରୋଇ କ୍ଷେତ୍ର କିମ୍ବା ସ୍ୱେଚ୍ଛାସେବୀ କ୍ଷେତ୍ରର ଅଂଶବିଶେଷ । ଘରୋଇ ସଂସ୍ଥା ବା ଉଦ୍ୟୋଗଗୁଡ଼ିକ ମୁଖ୍ୟତଃ ମାଲିକମାନଙ୍କ ପାଇଁ ଲାଭ ଉପାର୍ଜନ କରିବା ଲାଗି ସୃଷ୍ଟ । ସେହିପରି ସାମାଜିକ ସଂସ୍ଥାଗୁଡ଼ିକ ଅଣ-ଲାଭକାରୀ ସଂସ୍ଥା ଓ ସମାଜ ସେବା ପାଇଁ ସମର୍ପିତ । ଏବେ ଆସନ୍ତୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବା ସଂସ୍ଥାଗୁଡ଼ିକର ଘରୋଇକରଣର ଆବଶ୍ୟକତା ଓ ପରିଣତି ବିଷୟରେ ଜାଣିବା । ସରକାରଙ୍କ ଯୁକ୍ତି ହିସାବରେ କହିବାକୁ ଗଲେ ଯେଉଁ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ କ୍ଷତିରେ ଚାଲିଛି ବା ବହୁ ପ୍ରଚେଷ୍ଟା ପରେ ବି ପରିଚାଳନାଗତ ତ୍ରୁଟିରେ ସୁଧାର ଆସିପାରୁନାହିଁ ଏହାକୁ ଘରୋଇ ସଂସ୍ଥାମାନଙ୍କୁ ବିକ୍ରି କରିଦେବା ଉଚିତ । କିନ୍ତୁ ସରକାର ଏହି ଉଦ୍ୟୋଗଗୁଡ଼ିକର କ୍ଷତି ହେବାର ମୂଳକାରଣ ଖୋଜିବା ଓ ନିରାକରଣ କରିବାରେ କ'ଣ ପଦକ୍ଷେପ ନେଇଛନ୍ତି ? ଯଦି କିଛି ପଦକ୍ଷେପ ନେଇଛନ୍ତି ବିଫଳ କାହିଁକି ହୋଇଛନ୍ତି ତାହାର ତର୍ଜମା କରିଛନ୍ତି କି? ଅନେକ କ୍ଷେତ୍ରରେ ଆପଣ ଲକ୍ଷ୍ୟ କଲେ ଜାଣିବାକୁ ପାଇବେ ଯେ ଦୁର୍ନୀତି, ଶାସକଦଳ ଅନୁଗାମୀ ଘରୋଇ ସଂସ୍ଥାମାନଙ୍କ ପ୍ରତି ଅହେତୁକ ଅନୁକମ୍ପା, ସରକାରଙ୍କ ଭୁଲ୍ ନୀତି, କେବଳ ଭୋଟବ୍ୟାଙ୍କକୁ ପ୍ରଲୋଭିତ କରିବା ପାଇଁ ଯୋଜନା ମାନ ଓ ସରକାରୀ ଉଦ୍ୟୋଗ/ସଂସ୍ଥାଗୁଡ଼ିକର ପରିଚାଳନାରେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ମାତ୍ରାଧିକ ଅନାବଶ୍ୟକ ହସ୍ତକ୍ଷେପ ହିଁ ଏସବୁ ସଂସ୍ଥାମାନଙ୍କର କ୍ଷତିର ମୁଖ୍ୟ କାରଣ । ସରକାର ଏସବୁ ଦିଗ ପ୍ରତି କାହିଁକି ଦୃଷ୍ଟି ଦେଉନାହାନ୍ତି ? ବି.ଏସ.ଏନ.ଏଲ. ସରକାରୀ ସଂସ୍ଥା ହୋଇ ମଧ୍ୟ ଘରୋଇ ଟେଲିଯୋଗାଯୋଗ ସଂସ୍ଥାମାନଙ୍କଠାରୁ ନିମ୍ନମାନ ଓ ବ୍ୟୟବହୁଳ ସେବା ଯୋଗାଇବା, ଘରୋଇ ବିମାନସଂସ୍ଥା ମାନେ ଏ.ଆର. ଇଣ୍ଡିଆ ଠାରୁ କମମୂଲ୍ୟରେ ବିମାନ ସେବା ଯୋଗାଇବା କିପରି ସମ୍ଭବ ହୋଇପାରୁଛି ?

ଆସନ୍ତୁ ଘରୋଇକରଣର କୁପ୍ରଭାବଗୁଡ଼ିକ ଉପରେ ଦୃଷ୍ଟି ନିକ୍ଷେପ କରିବା । ୧. ଘରୋଇକରଣ ଦ୍ୱାରା ସେବାଗୁଡ଼ିକର ମାନ ଖରାପ ହୋଇଥାଏ: ସରକାରୀ ସଂସ୍ଥା ଜନସେବାକୁ ଅଧିକ ଗୁରୁତ୍ୱ ଦେଉଥିବାବେଳେ ବେସରକାରୀ ସଂସ୍ଥା ନିଜ ଲାଭ ପ୍ରତି ଅଧିକ ଧ୍ୟାନ କେନ୍ଦ୍ରିତ କରିଥାନ୍ତି । ଜନସେବା ସେମାନଙ୍କ ପ୍ରତି ଗୌଣ ହୋଇଥାଏ । ୨. ଘରୋଇକରଣ ସେବାଗୁଡ଼ିକୁ ବ୍ୟୟବହୁଳ କରାଏ: ଜନସେବାକୁ ଘରୋଇକରଣ କଲେ ଜନତାଙ୍କୁ ଅଧିକ ଦେୟ ତଥା କାରଦାତାଙ୍କୁ ଅଧିକ ଟିକସ ଦେବାକୁ ପଡିଥାଏ । ଘରୋଇ ସଂସ୍ଥାମାନଙ୍କ ପାଇଁ ଲାଭଗୁଡ଼ିକ ଅଂଶୀଦାରମାନଙ୍କୁ ପ୍ରଦାନ କରାଯାଏ, ଉନ୍ନତସେବା ପାଇଁ ପୁନଃନିବେଶ ନାହିଁ । ବେସରକାରୀ କମ୍ପାନୀଗୁଡ଼ିକେ ପାଇଁ ସରକାରୀ ସଂସ୍ଥାଙ୍କ ତୁଳନାରେ ସୁଧ ହାର ମଧ୍ୟ ଅଧିକ । ଏଥିସହ, ଏକ କୃତ୍ରିମ ବଜାର ସୃଷ୍ଟି ଏବଂ ନିୟନ୍ତ୍ରଣ ପାଇଁ ଅତିରିକ୍ତ ଖର୍ଚ୍ଚର ବନ୍ଦୋବସ୍ତ ସେବାଗୁଡ଼ିକୁ ବ୍ୟୟବହୁଳ କରିଥାଏ । ଆପଣ ଲକ୍ଷ୍ୟ କଲେ ଜାଣିପାରିବେ ଘରୋଇକରଣ ଦ୍ୱାରା ପାଣି ବିଲ୍, ବିଜୁଳି ବିଲ୍, ରେଳ ଏବଂ ବସଭଡ଼ା ଇତ୍ୟାଦି ବୃଦ୍ଧି ପାଇଥାଏ ? ୩. ଘରୋଇ କମ୍ପାନୀଗୁଡ଼ିକୁ ଉତ୍ତରଦାୟୀ କରିପାରିବେ ନାହିଁ : ଯେତେବେଳେ ଏକ ଘରୋଇ କମ୍ପାନୀ କିଛି ଜନସେବା ପରିଚାଳନା କରେ, ସେ ଗଣତାନ୍ତ୍ରିକ ଭାବରେ ଆପଣଙ୍କ ପାଇଁ ଉତ୍ତରଦାୟୀ ନୁହେଁ । ତେଣୁ ଆପଣଙ୍କ ସ୍ୱର କ୍ଷୀଣ ହୁଏ । ସର୍ବସାଧାରଣ ସେବା ଯୋଗାଇବା ପାଇଁ ଘରୋଇ କମ୍ପାନୀ ଏବଂ ସରକାରଙ୍କ ମଧ୍ୟରେ ସହମତର ଚୁକ୍ତିନାମା ପ୍ରାୟତଃ ବନ୍ଦଗୃହରେ ହୋଇଥାଏ । ସେଠାରେ ସ୍ୱଚ୍ଛତା, ଜନସାଧାରଣଙ୍କ ପ୍ରତି ଉତ୍ତରଦାୟିତ୍ୱ କିମ୍ବା ଯାଞ୍ଚର ସମ୍ଭାବନା ବହୁତ କମ୍ ଏବଂ 'ବାଣିଜ୍ୟିକ ଗୋପନୀୟତା' କାରଣରୁ ଜନତା ଏସବୁ ସୂଚନା ପାଇବାକୁ ଅସମର୍ଥ ହୋଇଥାନ୍ତି ମଧ୍ୟ । ଯେତେବେଳେ କୌଣସି ବେସରକାରୀ କମ୍ପାନୀଗୁଡ଼ିକ ସେବା ବିତରଣ କରିବାରେ ବିଫଳ ହୁଅନ୍ତି, ଜନସାଧାରଣଙ୍କର ଏଥିରେ ହସ୍ତକ୍ଷେପ କରିବାର କୌଣସି କ୍ଷମତା ନ ଥାଏ ଏବଂ ସରକାର (ସ୍ଥାନୀୟ ଏବଂ ଜାତୀୟ) ମଧ୍ୟ ସେମାନଙ୍କୁ ନିଜ ପ୍ରତିଜ୍ଞା ପାଳନ କରିବାକୁ ବାଧ୍ୟ କରିବାରେ ସର୍ବଦା ସମର୍ଥ ହୋଇ ନ ଥାନ୍ତି । ୪. ଗଣତାନ୍ତ୍ରିକ ସ୍ୱରର ହନନ ହୁଏ:ଯେତେବେଳେ ଆମେ କୌଣସି ଦୋକାନକୁ ଯାଉ, ଆମେ ଆମ ବ୍ୟକ୍ତିଗତ ନିଷ୍ପତ୍ତି ଅନୁସାରେ ଜିନିଷ କିଣିଥାଉ କିନ୍ତୁ ଜନସେବା ଭିନ୍ନ ପ୍ରସଙ୍ଗ ଅଟେ, ସେମାନେ ଆମକୁ ଏକତ୍ର ହୋଇ କିପରି ସମାଜରେ ରହିବାକୁ ଚାହୁଁଛୁ ତାହାର ନିଷ୍ପତ୍ତି ନେବାକୁ ସୁଯୋଗ ଦେଇଥାନ୍ତି । ଉଦାହରଣ ସ୍ୱରୂପ, ଜନତା ହୁଏତ ନିଜର ଭବିଷ୍ୟତ ପାଇଁ ସ୍ୱଚ୍ଛ, ସବୁଜ ଶକ୍ତି ଚାହେଁ କିନ୍ତୁ ଘରୋଇ କମ୍ପାନୀଗୁଡ଼ିକ ନିଜର ଫାଇଦା ପାଇଁ ଶକ୍ତିବଜାରକୁ ନିୟନ୍ତ୍ରଣ କରିବାକୁ ଆମ ଅଜ୍ଞାତରେ ପରିବେଶ ପ୍ରତିକୂଳ ଉର୍ଜାର ଉତ୍ପାଦନ କରିବାକୁ ପଛାଇ ନ ଥାଏ । ୫. ଘରୋଇକରଣ ଏକ ବିଭାଜିତ ସମାଜ ସୃଷ୍ଟିକରେ : ସରକାରୀ ସେବା ସମସ୍ତଙ୍କ ମୌଳିକ ଆବଶ୍ୟକତା ସମାନ ଭାବେ ପୂରଣ କରିବା ପାଇଁ ଗୁରୁତ୍ୱ ଦେଇଥାଏ, ତେଣୁ ଆମେ ସମସ୍ତେ ସମାନ ବୋଲି ଅନୁଭବ କରିଥାଉ ; ଯେପରି କି ସରକାରୀ ବିଦ୍ୟାଳୟ, ଡାକ୍ତରଖାନା ଇତ୍ୟାଦି କିନ୍ତୁ ଘରୋଇସଂସ୍ଥା ସେବାକୁ ଦେୟ ଆଧାରରେ ଗୁଣବତ୍ତା ନିରୂପଣ କରିଥାଏ, ଯାହାଦ୍ୱାରା ଗରିବ ଓ ଧନୀ ପାଇଁ ସମାନ ସୁବିଧା ଉପଲବ୍ଧ ହୋଇ ନ ଥାଏ । ଯେତେବେଳେ ଅନେକ ବେସରକାରୀ କମ୍ପାନୀ ଏକ ଜନସେବା ପ୍ରଦାନରେ ଜଡିତ ହୁଅନ୍ତି, ଏହା ଏକ ଜଟିଳ, ଖଣ୍ଡବିଖଣ୍ଡିତ ପ୍ରକ୍ରିୟା ସୃଷ୍ଟି କରିଥାଏ । ଯେଉଁଠାରେ କିଏ କ'ଣ କରୁଛି ତାହା ସର୍ବଦା ସ୍ପଷ୍ଟ ହୋଇ ନ ଥାଏ । ଉଦାହରଣ ସ୍ୱରୂପ, ବେସରକାରୀ ଟେଲିକମ ସେବା । ଏକତ୍ର କାର୍ଯ୍ୟକରିବା ଏବଂ ସୂଚନା ବାଣ୍ଟିବା ପାଇଁ ବେସରକାରୀ କମ୍ପାନୀଗୁଡ଼ିକ ଅଧିକ ଉତ୍ସାହ ଦେଖାଇ ନ ଥାନ୍ତି, ଫଳ ସ୍ୱରୂପ ଏକ ସମନ୍ୱିତ ସେବା ଯୋଗାଇବା କଷ୍ଟକର ହୋଇପଡ଼ିଥାଏ । ୬. ଏକଚାଟିଆ ନୀତି: ବେସରକାରୀ ଏକଚାଟିଆ ନୀତି ଦୁନିଆର ସବୁଠୁ ଖରାପ ନୀତି ହୋଇଥାଏ । ଅନ୍ୟ ବିକଳ୍ପ ଅଭାବରେ ଆପଣ ଘରୋଇ ସଂସ୍ଥାର ଏକ ଚାଟିଆ ନୀତିକୁ ମାନିବାକୁ ବାଧ୍ୟ କାରଣ ଗଣତାନ୍ତ୍ରିକ ଉତ୍ତରଦାୟିତ୍ୱ ମାଧ୍ୟମରେ ସେବାକୁ ଉନ୍ନତ କରିବାକୁ ନାଗରିକ ଭାବରେ ଆପଣଙ୍କର ଶକ୍ତି ଘରୋଇକ୍ଷେତ୍ରରେ ପ୍ରଯୁଜ୍ୟ ହୋଇ ନ ଥାଏ । ୭. ଘରୋଇକରଣରେ ନମନୀୟତାର ଅଭାବ : ସରକାରୀ ସଂସ୍ଥା ତୁଳନାରେ ଘରୋଇସଂସ୍ଥାରେ ଜନସାଧାରଣଙ୍କ ଆବଶ୍ୟକତା ପୂରଣ ପାଇଁ ପରିସ୍ଥିତି ପରିବର୍ତ୍ତନ କଠିନ ହୋଇଥାଏ । ଯଦିଏକ ଘରୋଇକମ୍ପାନୀ କୌଣସି ସେବା ଚୁକ୍ତିନାମାର ପରିବର୍ତ୍ତନ ବା ଉନ୍ନତୀକରଣ ଆବଶ୍ୟକ କରେ, ତେବେ ସେଥିପାଇଁ ସରକାରଙ୍କୁ ଅଧିକ ଅର୍ଥ ଦେବାକୁ ପଡିଥାଏ ।

ସାର୍ବଜନୀନ ସମ୍ପତ୍ତି ବିକ୍ରୟ କରିବା କିମ୍ବା ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକର ଘରୋଇକରଣ ଦ୍ୱାରା ଭବିଷ୍ୟତରେ ଜନତାଙ୍କ ଆବଶ୍ୟକତା ପୂରଣ ପାଇଁ ବିକଳ୍ପକୁ କମ୍ କରିବା ଓ ଘରୋଇ ଏକଚାଟିଆର ଶିକାର ହେବାକୁ ବାଧ୍ୟ କରିବ । ଏଣୁ ଘରୋଇକରଣ ବିପଦ । ସରକାର ଏସବୁ ଦିଗ ପ୍ରତି ଯତ୍ନବାନ ହୋଇ ଉଚିତ ପଦକ୍ଷେପ ନେବାକୁ ଅନୁରୋଧ । ଘରୋଇକରଣ ଏକମାତ୍ର ବିକଳ୍ପ ନୁହେଁ ।

ସୂଚନା ପ୍ରଯୁକ୍ତିବିତ୍, ସିଙ୍ଗାପୁର
ମୋ : ୯୩୪୩୯୩୫୩୪୧
Twitter – @DSMOdisha

# ପୋଲାଖିଆ



ଦ୍ୱିତୀ ଚନ୍ଦ୍ର ସାହୁ

ଆଦିବାସୀ ନିଜ ଉଙ୍ଗର ଜମିରେ ଉତ୍ପାଦନ କରୁଥିବା ଜିନିଷକୁ ବିକିବ କେଉଁଠି ? ବଜାର ନ ଥିଲା ସେତେବେଳେ । ସର୍ବଶେଷ ଆଶା ଦେଉଥିଲା ଗାଁର କୁମୁଟି କି ଶୁଣ୍ଢି ସାଉକାର । ଅବଶ୍ୟ ସାଉକାରମାନଙ୍କ ହିସାବ କେବେ ସରୁ ନ ଥିଲା । ଆଦିବାସୀଙ୍କ ଋଣ ଛିଡୁ ନ ଥିଲା । ବାକି ଗଡୁଥିଲା ଖାତାରେ । ବର୍ଷଯାକର ଖଟଣିର ମୂଳରୁ ଯାହା ମାଟି ଦେଉଥିଲା ସବୁତକ ନେଉଥିଲେ ବି ସେ ହିସାବ ଯୁଗ ଯୁଗ ଧରି ଛିଡ଼ିବାର ନାହିଁ । ବାପା ମଲେ ଋଣ ଶୁଝିବ ପୁଅ । ନ ହେଲେ ଋଣ ବାବଦକୁ କେତେବେଳେ ଆଦିବାସୀର ଭିଟାମାଟି ବି ସାଉକାରର ହିସାବଖାତାକୁ ଚାଲି ଆସିଥିବ । ଅଧିକାଂଶ ଆଦିବାସୀ ଅଞ୍ଚଳର ସ୍ଥିତି ଏମିତି କିଛି ଥିଲା । ଉଧାର ଦେଉଥିଲା ମାଣେ । କିନ୍ତୁ ହିସାବ ଥିଲା ବିଚିତ୍ର । ମାପିଲି ମାଣେ, ଦେଲି ମାଣେ, ନେଲୁ ମାଣେ । ମୋଟ ହେଲା ତିନି ମାଣ । ବିଚରା ଅଶିକ୍ଷିତ ଆଦିବାସୀ କି ଜାଣେ ! ମାଣ, ପୁଟି, ନଉତି, ଗଡିଶାର ହିସାବ । ପେଟ ବିକଳରେ ସବୁକିଛି ହଁ ମାରେ । ଥରେ ନେଇଗଲେ ହିସାବ କେବେ ଆଉ ସରେନା । ଆଦିବାସୀଠାରୁ ଜିନିଷ କିଣିଲେ ଅଲଗା । ଆଦିବାସୀଙ୍କୁ ଜିନିଷ ଦେଲେ ଅଲଗା ପ୍ରକାରର କାରବାର । ଘର ବାଟକୁ ମୁଣ୍ଡେଇ ନେଇଥିବା ଉତ୍ପାଦିତ ଶସ୍ୟକୁ ଦେଖିଲେ ସାଉକାର ଦାଣ୍ଡ ପିଣ୍ଡାରୁ ବସି ରଡି ଛାଡେ ପେଦାମ୍ବା । ଆସିଯାଏ ବଡ ମାଣ । ମପା ହୁଏ ଅଧିକା ଅଧିକା । ଆଦିବାସୀକୁ ଦେବାକୁ ହେଲେ ଡାକ ଶୁଭେ ଚିନାମ୍ବା । ଆସେ ଛୋଟ ମାଣ । ଦିଆହୁଏ ଆବଶ୍ୟକତାଠାରୁ କମ । କମ୍ ମୂଲ ଦେଇ ଆଦିବାସୀଙ୍କୁ ଲଗାଇ ପାହାଡ ତଳେ ଜମି ତିଆରି କରେ ଜମିଦାର । ବଡ ଚଲାଖି କରି ବର୍ଷେ କି ଦି' ବର୍ଷ ଚାଷବାସ କରି ଫସଲ ଖାଇବାକୁ କହେ ଜମିଦାର । ଫସଲ ପାଚି ଆସିଲାବେଳେ ଏମିତି ସୂତ୍ର ପକାଏ ଫସଲର ବଡ ଭାଗ ଘରକୁ ଆଣି ଦେଇଯାଏ ଆଦିବାସୀ । ଦି' ବର୍ଷ ବେଳକୁ ଜମି ଚାଷବାସ ପାଇଁ ଅନୁକୂଳ ଲାଗିଲେ ଜମିଦାର ଋଣ ଦେଇ ହେଉ କିମ୍ବା ନାଲି ଆଖି ଦେଖାଇ ନିଜ କବଳକୁ ଆଣେ ଜମିତକକୁ । ସେଠୁ ଆଦିବାସୀ ସେଇ ଜମିରେ ଗୋତି ଖଟେ । ହେଲେ ବର୍ଷ ଶେଷରେ ଖଟିବାର ମୂଳତକ ବି ପାଏନି । ଯାହା ପାଏ ଚାରି ମାସକୁ ନିଅଣ୍ଟ । ବାକି ସମୟ ବଞ୍ଚିବା ଲାଗି ସାଉକାର କି ଜମିଦାରଠାରୁ ଋଣ କରେ । ନ ହେଲେ ଆମ୍ବ ଟାକୁଆ, ସଲପ ଗଛର ମଞ୍ଜି, ଜଙ୍ଗଲି କନ୍ଦା, କରଡି ଆଦିକୁ ବିକଳ୍ପ ଖାଦ୍ୟ ରୂପେ ଗ୍ରହଣ କରେ । ସତୁରି ଦଶକ ଯାଏ ଜନଜାତି ଅଞ୍ଚଳରେ ଏମିତି ପୋଲାଖିଆଙ୍କ ଥିଲା ରାଜୁତି । ଶିକ୍ଷା ଓ ସଚେତନତା ପରେ କିଛି ସୁଧାର ଆସିଲା ସତ, କିନ୍ତୁ ଜନଜାତିଙ୍କ ସାମାଜିକ- ଅର୍ଥନୈତିକ ସ୍ଥିତିର ଯେମିତି ବିକାଶ ହେବା କଥା ସେମିତି ହେଲାନି ।

ଏବେ ପୋଲାଖିଆଙ୍କ ସ୍ୱରୂପ ବଦଳିଛି । ସାଉକାରଙ୍କ ସ୍ଥାନ ନେଇଛନ୍ତି ବେପାରୀ । ବର୍ଷ ଆରମ୍ଭରୁ ଗାଁ ଗାଁ ବୁଲୁଛନ୍ତି ଆନ୍ଧ୍ର, ତାମିଲନାଡୁ ଓ କର୍ଣ୍ଣାଟକ ବେପାରୀ । କପା ଚାଷ ଲାଗି ଆଖିବୁଜି ଜମି ହିସାବରେ ଦିଅନ୍ତି ଆଗୁଆ ଅର୍ଥ । ବିଭିନ୍ନ ସମୟରେ ତା' ସହିତ ଦିଅନ୍ତି ମଞ୍ଜି ଓ ଔଷଧ । ବର୍ଷ ଶେଷରେ ପହଞ୍ଚିଯାଏ ଗାଡ଼ି । ଗାଁ ଗାଁରୁ ଟ୍ରକ ଟ୍ରକ କପା ଉଠାଏ । ହିସାବ ହୁଏ । ନେଲୁ କେତେ । ଦେଲୁ କେତେ । ଯାହା ବଳେ ବର୍ଷତମାମ ସମସ୍ତ ପରିବାରର ଖଟଣି ପଇସାଠାରୁ କମ ମିଳେ । ତଥାପି ଆଦିବାସୀ ଖୁସି । ଅନ୍ୟ ଫସଲ ଅପେକ୍ଷା କପାରେ ଟିକେ ଅଧିକା ମିଳେ ଧନ ହାତକୁ । କିନ୍ତୁ ଯେବେ ପାଗ ପ୍ରତିକୂଳ ଯୋଗୁ କପା ଚାଷ ବିଗିଡି ଯାଏ ସେତେବେଳେ ଖଟିଖିଆ ମଣିଷ ଋଣ ଯନ୍ତାରୁ ମୁକ୍ତି ଲାଗି କପା ଔଷଧ ଖାଇବାକୁ ବାଧ୍ୟ ହୁଏ । ପୋଲାଖିଆଙ୍କ ହିସାବ କିନ୍ତୁ ତୁଟେନି । ଆର ବର୍ଷକୁ ପରିବାରକୁ ଆଗୁଆ ସହାୟତା ଦିଏ ଏବଂ ଆଗପଛର ହିସାବ କରି କପା ଓଜନ କରି ନିଏ । ଧାନ ବେପାରରେ ବି ସେଇ ସେଇ ସମସ୍ୟା । ଖଳା ମୁଣ୍ଡରେ ଧାନ ଗଦା ହୁଏ । ବର୍ଷା କାକର ଖାଇ ଗଜା ହୁଏ । ଏମିତିରେ ବ୍ୟାଙ୍କ ଖାତାକୁ ଅର୍ଥ ଆସିଲାପରେ ଯାହା ସବୁ ଋଣ ଗଣିଲା ବେଳକୁ ବର୍ଷ ଶେଷରେ ଚାଷୀ ପାଖରେ କେବଳ ଥାଏ ଆଖିଏ ଲୁହ । ପୋଲାଖିଆ ଏବେ ବି ଅଛନ୍ତି । ଗାଁ ସହର ସବୁଠି । ରୂପ ଅନେକ । କମ ପରିଶ୍ରମରେ ଅଧିକ ଲାଭ ଉପରେ ପୋଲାଖିଆଙ୍କ ଗୁରୁତ୍ୱ । ହାତକୁ ହାତ ହସ୍ତାନ୍ତର କରିବେ ମଝିରେ ରହି ଫାଇଦା ନେବେ । ଯେତେସବୁ ମଧ୍ୟସ୍ଥ, ଦଲାଲ, ଟାଉଟର ଏଇ ଶ୍ରେଣୀର । ଜମିଜମା, ବିବାହ, ଚିଟ୍‌ଫଣ୍ଡ, କମିଶନ ଏଜେଣ୍ଟମାନେ ଏଇ ପୋଲାଖିଆ ଶ୍ରେଣୀର । କିଛି ଜଣ ସେବା ଯୋଗାଇ ଅର୍ଥ ପାଆନ୍ତି । ଆଉ ବାକି ନେଣଦେଣ କାରବାର କରାଇ ମଝିରେ ଲୁଟି ନିଅନ୍ତି । ଏସବୁ ବାଦେ ସରକାରୀ କାଗଜପତ୍ର କରାଇବା ନାମରେ କିଛି ଟାଉଟର ଦଲାଲ ବି ଗାଁ ଗାଁରେ ସକ୍ରିୟ ଅଛନ୍ତି । ଆଦିବାସୀ ତଥା ଗ୍ରାମୀଣ ଅଞ୍ଚଳରେ ଏମାନଙ୍କ ରାଜୁତି ଚାଲେ । କିଏ କେଉଁ ଚମକରେ ଲୋକଙ୍କୁ ଲୁଟି ନିଅନ୍ତି । ଖାଲି ଗାଁ କାହିଁକି ସହରୀ ମଣିଷଙ୍କୁ ଆଖିରେ ଆଙ୍ଗୁଠି ଗେଞ୍ଜି ଅର୍ଥ ଲୁଟି ନେଉଥିବାର ଘଟଣା ଏବେ କିଛି କମ୍ ନାହିଁ । ଅନ୍‌ଲାଇନ ସାମଗ୍ରୀ କିଣା ହେଉ କି ଧୋକାଧାରୀ ବେନାମୀ କଲ ଜରିଆରେ ହେଉ ଅବା ଇ- କାରବାର ଜରିଆରେ ଲୋକଙ୍କୁ କାଙ୍ଗାଳ କରି ଲୁଟୁଛନ୍ତି ପୋଲାଖିଆ । ଅଧିକାଂଶଙ୍କ ମିଳୁନି ଟେର । ସର୍ବସ୍ୱାନ୍ତ ମଣିଷ ଥାନା ଓ ବ୍ୟାଙ୍କ ହୋଇ କିଛି କାଳ ପାଇଯିବାର ଆଶାରେ ଦୌଡାଦୌଡି କରେ । କିନ୍ତୁ ସମୟକ୍ରମେ ଆଶା ମଉଳି ଯାଏ । ଚେତନା ଜାଗ୍ରତ ହୁଏ । ରାଜନୀତି ନାମରେ ତଳସ୍ତରରେ ନେତାଗିରି ଦେଖାଉଥିବା କିଛି ଟାଉଟର ଏବେ ଅତ୍ୟାଧୁନିକ ପୋଲାଖିଆର ରୂପ । ସରକାରୀ ଯୋଜନା ସବୁ କରେଇ ଦେବାର ନାମରେ ଗରିବଗୁରୁବାଙ୍କୁ ହରିଲୁଟ କରନ୍ତି ଅକ୍ଳେଶରେ । ପରେ କ୍ଷମତାର ଦୁରୁପଯୋଗ କରି ବିଚରା ମଣିଷମାନଙ୍କୁ ଭୁତେଇ ଚାଲନ୍ତି । ନିରୀହ ଲୋକର ଆଖିର ସ୍ୱପ୍ନ ତଥାପି ସରେନି । ଆଶା ମିଳିଯିବ ସରକାରୀ ସହଯୋଗ । ଏମିତି ଆଶା ଓ ଲୋଭମାନେ ଯେତେବେଳେ ଡେଣା ମେଲନ୍ତି ସେତେବେଳେ ପୋଲାଖିଆମାନେ ସକ୍ରିୟ ହୁଅନ୍ତି । ନିମିଷକରେ ଲୁଟି ନେଇପାରନ୍ତି ଆପଣଙ୍କ ଆଖି ସାମ୍ନାରେ । ଆପଣ ହିଁ ସେଥିରେ ଅଂଶୀଦାର ଥିବେ । କିନ୍ତୁ ପଛରେ କିଛି କରିପାରିବେନି । ତା'ପରଠାରୁ ହୁଏତ ଅସହାୟ, ନିରାଶା ଓ ଦୁଃଖ ଭିତରେ ବୁଡି ରହିବାକୁ ବାଧ୍ୟ ହେବେ । ବିଳମ୍ବ ନ କରି ଚିହ୍ନନ୍ତୁ ଆଖପାଖର ପୋଲାଖିଆଙ୍କୁ । ଏଥର ସହଜରେ ଚିହ୍ନିପାରିବେ ଆପଣ । ସେମାନଙ୍କ କବଳରୁ ନିଜେ ବଞ୍ଚନ୍ତୁ ଓ ଅନ୍ୟଙ୍କୁ ବଞ୍ଚାନ୍ତୁ ।

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା
ମୋ-୯୫୫୬୨୮୭୭୭୫

## ଏଇ ଭାରତରେ

ଅଭାବ ଅନଟନର ସମୟକୁ ଏବେ ବି ଭୁଲି ପାରିନାହାନ୍ତି ଆଇଏଏସ୍ ଅଫିସର ରମେଶ ଘୋଲାପ । ମହାରାଷ୍ଟ୍ର ସୋଲାପୁର ଜିଲାର ମହାଗାଁରେ କଟିଥିଲା ତାଙ୍କ ପିଲାଦିନ । ବାପାଙ୍କୁ କମ୍ ବୟସରେ ହରାଇବା ପରେ ସେ ଓ ତାଙ୍କ ଭାଇମାନେ ମା'ଙ୍କ ସହ ଚୁଡ଼ି ବିକ୍ରିକରି ପରିବାର ଚଳାଇବା ସହ ପାଠ ପଢୁଥିଲେ । ପରେ ରମେଶ ଆଇଏଏସ୍ ପାଇ ଏବେ କୋଡେର୍ମାର (ଝାଡ଼ଖଣ୍ଡ) ଡେପୁଟି କମିଶନର୍ ଭାବେ କାର୍ଯ୍ୟରତ । ହେଲେ ସେ ସାମାଜିକ ସ୍ତରରେ ଗରିବ ପିଲାଙ୍କ ଅଭାବକୁ ଠିକ୍ ଭାବେ ଚିହ୍ନିପାରିଛନ୍ତି । ଏଭଳି ପିଲାମାନେ ଯେଭଳି ଶିକ୍ଷାରୁ ବଞ୍ଚିତ ନ ହେବେ ସେଥିପାଇଁ ସେ ଉଦ୍ୟମ କରୁଛନ୍ତି । ପରିବାର ପାଇଁ ବାଧ୍ୟବାଧକତାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ପିଲାମାନଙ୍କୁ ଉଦ୍ଧାର କରି ସେମାନଙ୍କୁ ଥଇଥାନ କରୁଛନ୍ତି । ଏବେ ସୁଦ୍ଧା ୩୫ ଜଣ ଶିଶୁଙ୍କୁ ଉଦ୍ଧାର କରି ସେମାନଙ୍କୁ ସ୍କୁଲ ପଠାଇ ପାରିଛନ୍ତି । ବିଶେଷକରି ହୋଟେଲରେ କାମ କରୁଥିବା ପିଲାମାନଙ୍କୁ ସେ ଉଦ୍ଧାର କରିଛନ୍ତି । କେବଳ ଏତିକି ନୁହେଁ ଉଦ୍ଧାର କରିବା ପରେ ଜଣେ ଅନାଥ ଝିଅର ଅଭିଭାବକ ଭାବେ ତାଙ୍କ ନାଁ ସ୍କୁଲ ରେକର୍ଡରେ ଉଲ୍ଲେଖ କରିଛନ୍ତି । ଅଧିକାଂଶ ପିଲାଙ୍କୁ ସେ ରେସିଡେନ୍ସିଆଲ୍ ସ୍କୁଲରେ ରଖୁଛନ୍ତି । ଅନେକ ସମୟରେ ପିଲାମାନଙ୍କ ଆବଶ୍ୟକତା ରମେଶ ଓ ତାଙ୍କ ସହ କର୍ମଚାରୀମାନେ ବହନ କରୁଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ସେପ୍ଟେମ୍ବର ୧୯୯୫

- ଭାରତ କୋକିଂ କୋଇଲା କମ୍ପାନୀର ଝରିଆ କୋଇଲା କ୍ଷେତ୍ରର ୪ଟି ଖଣିରେ ବର୍ଷାପାଣି ପଶିଯିବା ଯୋଗୁ ୭୪ ଶ୍ରମିକ ପ୍ରାଣ ହରାଇଛନ୍ତି ।
- କୃଷି କ୍ଷେତ୍ରରେ ବୈଜ୍ଞାନିକ ଏବଂ ବୈଷୟିକ ସୂଚନା ଆଦାନପ୍ରଦାନ ପାଇଁ ଭାରତ ଓ ମଙ୍ଗୋଲିଆ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ ।

## ଚିରନ୍ତନୀ

ଯୁବକ ଯୁବତୀ ଧରମ ସେ ତ
ବୟସ ଦାବି
ଗୋପନୀୟ ତେବେ କି ଅଛି ତହିଁ
କହ ତ ଭାବି । -(ପ୍ରାଚୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଓୟୁଏଟି ଜମି ଫେରାଇ ଦିଆଯାଉ

ମହାଶୟ,

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୨୧୩.୮୧ ଏକର ଜମିକୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସାଧାରଣ ପ୍ରଶାସନ (ଜିଏ) ବିଭାଗକୁ ହସ୍ତାନ୍ତର କରିବାର ଖବର ପ୍ରକାଶ ପାଇଛି । ଓୟୁଏଟି ଓଡ଼ିଶାର ଏକମାତ୍ର ଏବଂ ଦେଶର ସବୁଠୁ ପୁରୁଣା କୃଷି ବିଦ୍ୟାଳୟ । କୃଷିକୁ ଅଗ୍ରାଧିକାର ଦେବା ଲକ୍ଷ୍ୟରେ ୧୯୬୨ ମସିହାରେ ଏହି ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଥିଲା । ଏହି କୃଷି ବିଶ୍ୱବିଦ୍ୟାଳୟ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ହଜାର ହଜାର କୃଷି ଗ୍ରାଜୁଏଟ୍ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ୧୫୪ ପ୍ରକାରର ଅଧିକ ଅମଳକ୍ଷମ ଧାନ ବିହନ ମଧ୍ୟ ସୃଷ୍ଟି କରିପାରିଛି । ଏହି ଜମି ଚାଲିଯିବା ପରେ ବିଶ୍ୱବିଦ୍ୟାଳୟର ଅସ୍ତିତ୍ୱ ଏକ ପ୍ରକାର ଲୋପ ପାଇଯିବ । ଓୟୁଏଟି କୁଳପତି ୨୦୧୯ ଡିସେମ୍ବରରେ ରାଜ୍ୟପାଳଙ୍କୁ ଏ ବିଷୟରେ ଜଣାଇଥିଲେ । ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରି ଚିଠି ଲେଖିଥିଲେ । ଆଠ ମାସ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ । ତେଣୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ ଖୁବ୍‌ଶୀଘ୍ର ଏହି ଜମିକୁ ବିଶ୍ୱବିଦ୍ୟାଳୟକୁ ଫେରାଇ ଆଣିବାର ବ୍ୟବସ୍ଥା କଲେ ଓଡ଼ିଶାର କୃଷି ଓ କୃଷକଙ୍କର ଉନ୍ନତି ହେବ ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଆଦିତ୍ୟନାଥଙ୍କ ସଂସ୍କୃତ ପ୍ରେମ**

ଲକ୍ଷ୍ନୌ,୨୭।୯: ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ଦ୍ଦେଶକ୍ରମେ ଉତ୍ତରପ୍ରଦେଶ ସରକାର ସଂସ୍କୃତ ଭାଷାରେ ପ୍ରେସ ରିଲିଜ୍ ବା ବିଜ୍ଞପ୍ତି ପଠାଇବା ଆରମ୍ଭ କରିଛନ୍ତି। ଏଥିସହ ପୂର୍ବ ଭଳି ଇଂଲିଶ୍, ହିନ୍ଦୀ ଓ ଉର୍ଦ୍ଦୁ ଭାଷାରେ ବିଜ୍ଞପ୍ତି ପ୍ରକାଶ ପାଉଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସଂସ୍କୃତ ଭାଷାରେ ପ୍ରେସ ରିଲିଜ୍ ଜାରି କରାଯିବ ବୋଲି ସିଏମ୍‌ଓ ପକ୍ଷରୁ ଟୁଇଟ୍ ଦ୍ୱାରା ଦର୍ଶାଯାଇଛି। କରୋନା ସମ୍ପର୍କିତ ସରକାରଙ୍କ ଦୈନିକ ସମୀକ୍ଷା ବୈଠକ ସମ୍ପର୍କରେ ସଂସ୍କୃତରେ ପ୍ରେସ ରିଲିଜ୍ ଶେୟାର କରାଯାଉଛି। ସମସ୍ତ ପ୍ରମୁଖ ପ୍ରେସନୋଟ୍ ଓ ମୁଖ୍ୟମନ୍ତ୍ରୀଙ୍କ ଭାଷଣ ଏଣିକି ସଂସ୍କୃତ ଭାଷାରେ ରିଲିଜ୍ କରାଯିବ ବୋଲି ସୂଚନା ବିଭାଗର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଏଥିଲାଗି ବିଭାଗର ୨ ଜଣ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି।

## ସଂକ୍ଷେପରେ

### ବିଧାନସଭା ସମୟରେ ରାଲି, ଧାରଣା ପାଇଁ ଅନୁମତି ଦରକାର

ଭୁବନେଶ୍ୱର,୨୭।୯ (ବ୍ୟୁରୋ): ଆସନ୍ତା ୨୯ ତରିଖରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେଉଛି। ତେବେ ଏହି ସମୟରେ ରାଲି, ଧାରଣା କିମ୍ବା କୌଣସି ଆନ୍ଦୋଳନ ପାଇଁ ଅନୁମତି ଦରକାର। କିନ୍ତୁ ଏପର୍ଯ୍ୟନ୍ତ କୌଣସି ସଂଗଠନ କମିଶନରେଟ ପୋଲିସକୁ ଅନୁମତି ପାଇଁ ଆବେଦନ କରିନାହାନ୍ତି। ଯଦି କିଛି ଆବେଦନ ଆସିବ କୋଭିଡ୍ ଗାଇଡ୍ ଲାଇନ୍, ଲୋକ ସଂଖ୍ୟା ଓ ସଂଗଠନର ଗୁରୁତ୍ୱକୁ ଦେଖି ଅନୁମତି ଦେବାକଥା ଚିନ୍ତା କରାଯିବ। ଏହାସହ ସରକାରଙ୍କ ଅନ୍‌ଲକ୍-୪ ଏହି ମାସରେ ଶେଷ ହେଉଛି। ତେଣୁ ନୂତନ ଅନ୍‌ଲକ୍-୫ ଆସୁଥିବାରୁ ସେଥିରେ କ'ଣ ଗାଇଡ୍ ଲାଇନ୍ ରହିବ, ତାହାକୁ ଦେଖି ଅନୁମତି ଦିଆଯିବ ବୋଲି କମିଶନରେଟ ପୋଲିସର ଲୋକସମ୍ପର୍କ ଅଧିକାରୀ ଶିଶିର ମିଶ୍ର କହିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର, ଯୁବକ ଅଟକ

ଭୁବନେଶ୍ୱର,୨୭।୯(ବ୍ୟୁରୋ): ନନ୍ଦନକାନନ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ମାମଲା ରୁଜୁ କରି ଜଣେ ଯୁବକଙ୍କୁ କାବୁ କରି ଥାନାରେ ଅଟକ ରଖିଛି। ଏହାସହ ପୋଲିସ ନାବାଳିକାଙ୍କ ବୟାନ ରେକର୍ଡ କରିଛି। ସୂଚନା ଅନୁଯାୟୀ, ୫ ଦିନ ତଳେ ନାବାଳିକା ଜଣକ ନିଖୋଜ ହୋଇ ଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିଲେ। ବାରଙ୍ଗ ଅଞ୍ଚଳର ଏକ ଘରେ ନାବାଳିକାଙ୍କୁ ବନ୍ଦ ରଖାଯାଇ ବଳାତ୍କାର କରାଯାଉଥିବା ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଥାନାର ଏକ୍ ଟିମ୍ ଉକ୍ତ ଘରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଧରିଥିଲା। ନାବାଳିକାଙ୍କୁ ପୋଲିସ ପଚରାଉଚରା ବେଳେ ସମ୍ପୂର୍ଣ୍ଣ ଘଟଣାର ପର୍ଦ୍ଦାଫାଶ ହୋଇଥିଲା। ନାବାଳିକା ଘର ନିକଟ ବଜାରକୁ ଯାଇଥିବାବେଳେ ଅଭିଯୁକ୍ତ ତାଙ୍କୁ ଏକ କାର୍‌ରେ ଉଠାଇ ନେଇଯାଇଥିଲେ।

### ସମ୍ବଲପୁରୀ ବର୍ଣ୍ଣବୋଧ ଉନ୍ମୋଚିତ

ସମ୍ବଲପୁର, ୨୭।୯ (ବ୍ୟୁରୋ): ସମ୍ବଲପୁର ସମଲେଶ୍ୱରୀ ମନ୍ଦିରରେ ରବିବାର ସମ୍ବଲପୁରୀ ବର୍ଣ୍ଣବୋଧ ଉନ୍ମୋଚିତ ହୋଇଛି। ସଂସ୍କୃତି ଗବେଷକ ଡ. ଶ୍ୟାମସୁନ୍ଦର ଧର, ଡ. ସତ୍ୟନାରାୟଣ ଠାକୁର, ଶିବ ପ୍ରସାଦ ମେହେର, ସଞ୍ଜୟ ସୁପକାର, ଡ. କେଶବରଞ୍ଜନ ପ୍ରଧାନ, ପଙ୍କଜିନୀ ମେହେର ଅତିଥି ଭାବେ ଯୋଗ ଦେଇ ଏହାର ଉନ୍ମୋଚନ କରିଥିଲେ । ତେବେ ସମଲେଶ୍ୱରୀ ମନ୍ଦିରର ପୂଜକ ପ୍ରଥମେ ଏହି ବର୍ଣ୍ଣବୋଧକୁ ମା'ଙ୍କଠାରେ ପୂଜାର୍ଚ୍ଚନା କରିବା ପରେ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ବର୍ଣ୍ଣବୋଧରେ ଅକ୍ଷର, ସଂଖ୍ୟା, ପଣିକିଆ, ପ୍ରାର୍ଥନା, ଜାତୀୟ ସଙ୍ଗୀତ ଇତ୍ୟାଦି ସମ୍ବଲପୁରୀ ଲିପିରେ ଲେଖା ହୋଇଛି। ଛାତ୍ରୀଛାତ୍ର ଏହି ବର୍ଣ୍ଣବୋଧ ପଢ଼ିଲେ ସମ୍ବଲପୁରୀ ଭାଷା ବିଷୟରେ ଜ୍ଞାନ ଆହାରଣ କରିପାରିବେ। ଏଥିସହ ଏହି ଭାଷାର ଅଧିକରୁ ଅଧିକ ପ୍ରଚାରପ୍ରସାର ହୋଇପାରିବ। ସେହିପରି ଲିପି ବିଷୟରେ ମଧ ଜ୍ଞାନ ଆହରଣ କରିପାରିବେ। ଭାଷା ସଂରକ୍ଷଣ ହୋଇପାରିବ ବୋଲି କୁହାଯାଇଛି। ଏହି ବର୍ଣ୍ଣବୋଧର ରଚୟିତା ହେମକାନ୍ତ ସାହୁ ୧୯୯୪ରୁ ୧୯୯୮ ମସିହା ମଧ୍ୟରେ ଲିପିକୁ ନେଇ ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ। ୧୯୯୮ରୁ ୨୦୦୫ ପର୍ଯ୍ୟନ୍ତ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ କରିଥିଲେ। ପରବର୍ତ୍ତୀ ସମୟରେ ପଶ୍ଚିମଓଡିଶାର ସମ୍ବଲପୁରୀ ଭାଷା ଗବେଷକ, ଶିକ୍ଷାବିତ ଓ ଐତିହାସିକମାନଙ୍କ ସହ ଆଲୋଚନା ଓ ପର୍ଯ୍ୟାଲୋଚନା କରି ସମ୍ବଲପୁରୀ ଲିପିରେ ବର୍ଣ୍ଣବୋଧ ପରିକଳ୍ପନା କରିଥିବା ହେମକାନ୍ତ କହିଛନ୍ତି । ଏହି ବର୍ଣ୍ଣବୋଧକୁ ସମ୍ବଲପୁରୀ ଭାଷା ଏକାଡେମୀ ପ୍ରକାଶିତ କରିଛି ।

# 'ବିଶ୍ୱବିଦ୍ୟାଳୟର ସ୍ୱାତନ୍ତ୍ର୍ୟ କ୍ଷୁଣ୍ଣ ହେବନି'

ଭୁବନେଶ୍ୱର, ୨୭।୯(ବ୍ୟୁରୋ)



ୱେବିନାରରେ ଭାଗ ନେଇଥିବା ଅତିଥି।

ଉଚ୍ଚଶିକ୍ଷା ବିଭାଗରେ ଅନେକ ପୂର୍ବପ୍ରଚଳିତ ଆଇନ ସାମ୍ପ୍ରତିକ ସ୍ଥିତିରେ ପ୍ରାସଙ୍ଗିକତା ହରାଇଥିବାରୁ ସେଥିରେ ସଂଶୋଧନର ଆବଶ୍ୟକତା ଅନୁଭବ କରାଯାଇଥିଲା। ଏପରି ସ୍ଥିତିରେ ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରରେ ସୁଧାର ଆଣିବା ନିମନ୍ତେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ୧୯୮୯ର ଆବଶ୍ୟକ ସଂଶୋଧନ ଅଣାଯାଇଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ରବିବାର ଆୟୋଜିତ ୱେବିନାରରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧିତ ଅଧାଦେଶ- ୨୦୨୦ର ବିଭିନ୍ନ ଦିଗ ସମ୍ପର୍କରେ ଶିକ୍ଷାବିତ୍‌ମାନଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ। ଏହି ଅବସରରେ ସେ କହିଲେ, ନୂତନ ସଂସ୍କାର ଫଳରେ ବିଶ୍ୱବିଦ୍ୟାଳୟ ଓ କୁଳପତିଙ୍କର ସ୍ୱାତ୍ୟନ୍ତ୍ର କ୍ଷୁଣ୍ଣ ହେବନାହିଁ। କୁଳପତିଙ୍କ କାର୍ଯ୍ୟକାଳ ୩ବର୍ଷରୁ ୪ବର୍ଷକୁ ବୃଦ୍ଧି ଓ ଅବସର ସମୟସୀମା ୬୭ବର୍ଷକୁ ବୃଦ୍ଧି କରାଯିବା ଫଳରେ ସେମାନେ ବିଶ୍ୱବିଦ୍ୟାଳୟରେ ଦୀର୍ଘମିଆଦୀ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇପାରିବେ। ନୂତନ ଅଧାଦେଶରେ କୁଳପତି ଚୟନ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କର ଭୂମିକା ନାହିଁ। କୁଳପତିଙ୍କ ଦ୍ୱାରା ଗଠିତ କମିଟିର ସୁପାରିଶ ଅନୁଯାୟୀ କୁଳାଧିପତି ୩ଜଣଙ୍କ ମଧ୍ୟରୁ ଜଣଙ୍କୁ କୁଳପତି ଭାବେ ନିଯୁକ୍ତି ଦେଇଥାନ୍ତି। ଏଥିନିମନ୍ତେ ରାଜ୍ୟ ସରକାରଙ୍କ ପରାମର୍ଶ ଆବଶ୍ୟକତା ନାହିଁ କି କୁଳାଧିପତି ରାଜ୍ୟ ସରକାରଙ୍କ ସହମତି ଲୋଡ଼ନ୍ତି ନାହିଁ। ଯେହେତୁ ସିଣ୍ଡିକେଟ୍‌ରେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟର ୧୦ଜଣ ସଦସ୍ୟ ଥାଆନ୍ତି, ସେ କ୍ଷେତ୍ରରେ ସିଣ୍ଡିକେଟ୍ କୁଳପତି ଚୟନ କ୍ଷେତ୍ରରେ ଏକ ଆଗ୍ରହୀ ପକ୍ଷ ଭାବେ ବିବେଚିତ ହୋଇଥାଏ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

**ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧିତ ଅଧାଦେଶ-୨୦୨୦**

ଆହୁରି ମଧ ସେ କହିଲେ, ବିଶ୍ୱବିଦ୍ୟାଳୟ ପରିଚାଳନାରେ ଅନେକ ବର୍ଷ ଧରି ସିନେଟ୍‌ର ଭୂମିକା କେବଳ ଆଳଙ୍କାରିକ ହୋଇଯାଇଥିଲା। ସେହିଭଳି କୌଣସି ବୈଠକ ନ ବସିବା ଦ୍ୱାରା ଏହା ପ୍ରାସଙ୍ଗିକତା ହରାଇ ବସିଥିଲା। ଏପରି ସ୍ଥିତିରେ ବିଶ୍ୱବିଦ୍ୟାଳୟରେ ସିନେଟର ଆବଶ୍ୟକତା ଅନୁଭବ କରାଯାଉ ନ ଥିବା ଯୋଗୁ ଏହାର ଉଚ୍ଛେଦ କରାଯାଇଛି। ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ନିମନ୍ତେ ଅଲଗା ଅଧିନିୟମ ଥିଲା। ସେହିଭଳି ପ୍ରଶାସନିକ ସୁବିଧା ନିମନ୍ତେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଅଧିନିୟମ ୨୦୦୫ ଉଚ୍ଛେଦ କରାଯାଇ ସମସ୍ତ ବିଶ୍ୱବିଦ୍ୟାଳୟକୁ ଗୋଟିଏ ଅଧିନିୟମର ଅନ୍ତର୍ଭୁକ୍ତ କରାଯାଇଛି। ସିନେଟ ବ୍ୟବସ୍ଥା ଉଚ୍ଛେଦ କରାଯାଇ ସିଣ୍ଡିକେଟ୍‌ର ପୁନର୍ଗଠନ କରାଯାଇଛି। ଏହାଦ୍ୱାରା ବିଶ୍ୱବିଦ୍ୟାଳୟ ପରିଚାଳନା ଅଧିକ ବ୍ୟବସ୍ଥିତ ହୋଇପାରିବ। ପୂର୍ବପରି କୁଳପତି ସିଣ୍ଡିକେଟର ଅଧକ୍ଷ ରହିବେ ବୋଲି ମନ୍ତ୍ରୀ କହିଛନ୍ତି। ଏହି ୱେବିନାରରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର ସଂଶୋଧିତ ଅଧାଦେଶର ମୁଖ୍ୟ ଦିଗ ବିଷୟରେ ଆଲୋଚନା କରି ଅନ୍ୟ ରାଜ୍ୟର ବିଶ୍ୱବିଦ୍ୟାଳୟର ଅଧିନିୟମର ଏକ ତୁଳନାତ୍ମକ ଚିତ୍ର ଉପସ୍ଥାପନ କରିଥିଲେ। ଏଥିରେ ପ୍ରାୟ ୧୦୦୦ ଶିକ୍ଷାବିତ ଭାଗ ନେଇଥିଲେ।

# ଛୋଟ ପିଲାଙ୍କ ସୃଜନଶୀଳତା ବୃଦ୍ଧି କରାଏ କାହାଣୀ

ନୂଆଦିଲ୍ଲୀ, ୨୭।୯

**ମୋଦିଙ୍କ ୬୯ତମ ମନ୍ କୀ ବାତ୍**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ୬୯ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ କହିଛନ୍ତି ଯେ, କରୋନା ମହାମାରୀ ସମୟରେ ସମଗ୍ର ବିଶ୍ୱ ପରିବର୍ତ୍ତନର ଏକାଧିକ ଚକ୍ର ଦେଇ ଗତି କରୁଛି। ସମ୍ପ୍ରତି ଦୁଇ ଗଜର ଦୂରତା ଏକ ବାଧତାମୂଳକ ଆବଶ୍ୟକତା ହୋଇପଡ଼ିଛି। ହେଲେ ଏହି ମହାମାରୀ ମଧ ପରିବାର ସଦସ୍ୟଙ୍କୁ ବାନ୍ଧି ରଖିବାରେ ବେଶ୍ ସହାୟକ ହୋଇପାରିଛି। ମୋଦି କହିଛନ୍ତି ଯେ, କାହାଣୀ ଆମର ଭାବନାକୁ ଆଲୋକିତ କରିଥାଏ। ଆନନ୍ଦ ଏବଂ ଦୁଃଖ, ଜିଜ୍ଞାସା କିମ୍ବା ଉଦାସୀନତାକୁ ପରିପ୍ରକାଶ କରିଥାଏ। ଜଣେ ମା' ନିଜ ଛୋଟ ଛୁଆକୁ ଶୁଆଇବା କିମ୍ବା ଖାଇବାକୁ ଦେବା ପାଇଁ କାହାଣୀ ବର୍ଣ୍ଣନା କରୁଥିବାବେଳେ କାହାଣୀର ଶକ୍ତିକୁ ହୃଦୟଙ୍ଗମ କରିହୁଏ। କାହାଣୀ ସମସ୍ତଙ୍କୁ ଭାବିବାକୁ ବାଧ କରେ। ବିଶେଷକରି ପିଲାମାନଙ୍କ ପାଇଁ କାହାଣୀ ସେମାନଙ୍କ ସୃଜନଶୀଳତାକୁ ବୃଦ୍ଧି କରିଥାଏ। ଏପରି କି ସେମାନଙ୍କ ପରିଚୟ, ବ୍ୟକ୍ତିତ୍ୱକୁ ମଧ ବ୍ୟାଖ୍ୟା କରିଥାଏ। ଭାରତରେ କାହାଣୀ କହିବାର ଏକ ସମୃଦ୍ଧ ପରମ୍ପରା ରହିଆସିଛି ବୋଲି ମୋଦି କହିଛନ୍ତି।

ଭାରତର ଗ୍ରାମାଞ୍ଚଳର କାହାଣୀକୁ ଲୋକପ୍ରିୟ କରୁଥିବା ଅନେକ ପଦକ୍ଷେପ ଅଛି। ମରାଠୀରେ ବୈଶାଳୀ ଦେଶପାଣ୍ଡେଙ୍କ ପରି ଲୋକ ଅଛନ୍ତି ଯେଉଁମାନେ ଏହାକୁ ଲୋକପ୍ରିୟ କରୁଛନ୍ତି। ଗୁଜରାଟରେ ଯୋଗୀ ବନ୍‌ସଲ ଆହୁଜା ମଧ କାହାଣୀକୁ ଲୋକପ୍ରିୟ କରିବା କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରୁଛନ୍ତି। ମୋଦି କହିଛନ୍ତି, ଆମେ ଯେତେବେଳେ ସ୍ୱାଧୀନତାର ୭୫ବର୍ଷ ପାଳନ କରିବାକୁ ଯାଉଛୁ। ତେଣୁ କାହାଣୀକୁ ଲୋକପ୍ରିୟ କରୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଅନୁରୋଧ ଯେ, ବ୍ରିଟିଶ ଶାସନ ସମୟର ପ୍ରେରଣାଦାୟୀ କାହାଣୀକୁ ଆମେ ଅଧିକରୁ ଅଧିକ ବଖାଣିବା। ବିଶେଷକରି ୧୮୫୭ରୁ ୧୯୪୭ ପର୍ଯ୍ୟନ୍ତ, ପ୍ରତ୍ୟେକ ଛୋଟ ଘଟଣା ବର୍ତ୍ତମାନ କାହାଣୀ ମାଧ୍ୟମରେ ଆମର ନୂତନ ପିଢ଼ି ସହିତ ପରିଚିତ କରାଇବା। ମୋଦି ଅନୁରୋଧ କରିଛନ୍ତି ଯେ, ପ୍ରତ୍ୟେକ ପରିବାରରେ ପ୍ରତି ସପ୍ତାହରେ କାହାଣୀ ପାଇଁ କିଛି ସମୟ ଦିଆଯାଉ।

କରୋନା ଭଳି ଏହି କଠିନ ସମୟରେ ମଧ ଆମ ଦେଶର କୃଷି କ୍ଷେତ୍ର ପୁନର୍ବାର ନିଜର ଶକ୍ତି ପ୍ରଦର୍ଶନ କରିଛି। ଦେଶର କୃଷି କ୍ଷେତ୍ର, ଆମର କୃଷକ, ଆମ ଗ୍ରାମ, ଆତ୍ମନିର୍ଭରଶୀଳ ଭାରତର ଆଧାର, ଯଦି ସେମାନେ ଶକ୍ତିଶାଳୀ ହେବେ ତେବେ ଆତ୍ମନିର୍ଭରଶୀଳ ଭାରତର ମୂଳଦୁଆ ଦୃଢ଼ ହେବ ବୋଲି ମୋଦି କହିଛନ୍ତି।

ସେପ୍ଟେମ୍ବର ୨୮ରେ ଶହୀଦ ବୀର ଭଗତ ସିଂଙ୍କ ଜନ୍ମ ବାର୍ଷିକୀ ପାଳନ କରାଯିବ। ମୁଁ ସମସ୍ତ ଦେଶବାସୀଙ୍କ ସହ ସାହସ ଏବଂ ବୀରତାର ପ୍ରତୀକ ଶହୀଦ ବୀର ଭଗତ ସିଂଙ୍କୁ ପ୍ରଣାମ କରୁଛି। ଶହୀଦ ଭଗତ ସିଂ ଜଣେ ପଣ୍ଡିତ ଓ ଚିନ୍ତାନାୟକ ଥିଲେ ବୋଲି ମୋଦି କହିଛନ୍ତି। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଏକ ପବିତ୍ର ଏବଂ ପ୍ରେରଣାଦାୟକ ଦିବସ। ଏହି ଦିନରେ ମହାତ୍ମା ଗାନ୍ଧୀ ଏବଂ ଲାଲବାହାଦୁର ଶାସ୍ତ୍ରୀ ଜନ୍ମଗ୍ରହଣ କରିଥିଲେ ବୋଲି ମୋଦି କହିଛନ୍ତି।

# କୋଭିଡ୍ ପରିଚାଳନା ଠିକ୍ ହେଉନି: ଉମା

ଭୁବନେଶ୍ୱର ୨୭।୯(ବ୍ୟୁରୋ)

ବିଜେଡି ବିଧାୟକ ଉମାକାନ୍ତ ସାମନ୍ତରାୟ କୋଭିଡ୍ ପରିଚାଳନାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ବିରୋଧୀ ଯେଉଁ ଅଭିଯୋଗ ଆଣିଛନ୍ତି ତାହା ସମ୍ପୂର୍ଣ୍ଣ ମିଛ ନୁହେଁ। ଯେତିକି ଆଇସିୟୁ ବେଡ୍ ରାଜ୍ୟରେ ଅଛି ତାହା ଯଥେଷ୍ଟ ନୁହେଁ। ଯେଉଁ ହାରରେ ରୋଗୀ ବଢୁଛନ୍ତି ସେଥିଲାଗି ଅଧିକ ଆଇସିୟୁ ବେଡ୍‌ର ଆବଶ୍ୟକତା ଅଛି। ଏ ବିଷୟରେ ଆମେ ବିଧାନସଭାରେ ଆଲୋଚନା କରିବୁ। ଆଇସିୟୁ ବେଡ୍ ଯେତିକି ତା'ଠାରୁ ଅଧିକ ରୋଗୀ ଆସୁଛନ୍ତି। କୋଭିଡ୍ ହୋଇ ନ ଥିବା ରୋଗୀଙ୍କୁ ମଧ ଉପଯୁକ୍ତ ଚିକିତ୍ସା ମିଳୁନାହିଁ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ରେ ମଧ ଲୋକଙ୍କୁ ସୁବିଧା ମିଳୁନାହିଁ। ବିଏସ୍‌କେୱାଇକୁ ଓଏସ୍‌ଟିଏଫ୍ ସହିତ ସମାନ କରିବାକୁ ହେବ। ଆଗରୁ ଗରିବ ଲୋକଙ୍କୁ ଜଟିଳ ରୋଗ ହେଲେ ସେମାନେ ବିଏସ୍‌କେୱାଇ ଏବଂ ଇନ୍‌କମ୍ ସାର୍ଟିଫିକେଟ ଦେଖାଇ ବଡ଼ ହସ୍ପିଟାଲରେ ୫ ଲକ୍ଷ ପର୍ଯ୍ୟନ୍ତ ଚିକିତ୍ସିତ ହୋଇପାରୁଥିଲେ। ବର୍ତ୍ତମାନ ସେଥିରେ ଅସୁବିଧା ହେଉଛି। ସବୁ ହସ୍ପିଟାଲରେ ଆଇସିୟୁ ବେଡ୍ ବୃଦ୍ଧି କରିବାକୁ ପଡ଼ିବ। ଆଇସିୟୁ ଅଧିକ ହେଲେ ଲୋକମାନେ ଫେରିବେ ନାହିଁ। ଯେତିକି କୋଭିଡ୍ ହସ୍ପିଟାଲ ରହିଛି ତାହା ମଧ ଯଥେଷ୍ଟ ନୁହେଁ ବୋଲି ଉମା କହିଛନ୍ତି।

ଭାଜପା ନେତା ଜୟନାରାୟଣ ମିଶ୍ର କହିଛନ୍ତି, କେବଳ ସରକାରୀ ଦଳ ବିଧାୟକ ନୁହନ୍ତି ସରକାର କୋଭିଡ୍ ପରିଚାଳନାରେ ଫେଲ୍ ମାରିଛନ୍ତି ବୋଲି ସମସ୍ତେ କହିବେ। କୋଭିଡ୍ ରୋଗୀମାନେ ଆଦୌ ସେବା ପାଉନାହାନ୍ତି। ହସ୍ପିଟାଲରେ ମଧ ଭଲରେ ଖାଇବା କି ଉଷୁମ ପାଣି ଟିକେ ମିଳୁନାହିଁ। କୋଭିଡ୍‌ରେ ଏ ଶତାବ୍ଦୀର ସବୁଠାରୁ ବଡ଼ ଦୁର୍ନୀତି। ଆଗରୁ କୋଭିଡ୍ ପଜିଟିଭ ହେଲେ ସରକାର ଜବରଦସ୍ତି ନେଉଥିଲେ ଏବେ କାହିଁକି ନେଉନାହାନ୍ତି। ଘରୋଇ ଡାକ୍ତରଖାନା ଲୁଟୁଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଉମା ସାମନ୍ତରାୟ ସତ ସ୍ୱୀକାର କରିଥିବାରୁ ଧନ୍ୟବାଦ। ସେ ଜଣେ ସ୍ପଷ୍ଟବାଦୀ ଲୋକ। କୋଭିଡ୍ ପରିଚାଳନା ଠିକ୍‌ରେ ହୋଇନାହିଁ ବୋଲି ସେ କହିଛନ୍ତି। ଆମେ ମଧ ସେହି କଥା କହୁଛୁ ବୋଲି ବାହିନୀପତି କହିଛନ୍ତି।

# ରାଜ୍ୟରେ ୨,୦୯,୩୭୪ ସଂକ୍ରମିତ, ୭୯୭ ମୃତ

ଭୁବନେଶ୍ୱର,୨୭।୯(ବ୍ୟୁରୋ)

ରାଜ୍ୟରେ କରୋନା ମହାମାରୀ ସଙ୍ଗିନ ପରିସ୍ଥିତି ସୃଷ୍ଟି କରିଥିବାବେଳେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଲାଗିରହିଛି। ବ୍ୟାପକ ଟେଷ୍ଟ ପରେ ଏବେ ଅଧିକ ସଂଖ୍ୟକ ପଜିଟିଭ୍ ଚିହ୍ନଟ ହେଉଛନ୍ତି। କିଛିଦିନ ହେବ ସଂକ୍ରମଣ ୪ହଜାର ଉପରେ ରହୁଥିବାବେଳେ ଶେଷ ୨୪ଘଣ୍ଟାରେ ଆଉ ୩,୯୨୨ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କ୍ୱାରାଣ୍ଟାଇନ ସେଣ୍ଟରରୁ ୨,୩୦୯ଜଣ ଚିହ୍ନଟ କରାଯାଇଥିବାବେଳେ ୧,୬୧୩ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ତେବେ ଏମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୮୧୮ଜଣ ରହିଥିବାବେଳେ କଟକରୁ ୩୮୦, କେନ୍ଦୁଝର ୨୧୨, ଅନୁଗୋଳ ୨୦୦, ପୁରୀ ୧୮୪, ବରଗଡ଼ ୧୫୪, ମୟୂରଭଞ୍ଜ ୧୪୯, ଜଗତ୍‌ସିଂହପୁର ୧୨୩, ସମ୍ବଲପୁର ୧୧୭, ନୂଆପଡ଼ା ୧୧୪, ଝାରସୁଗୁଡ଼ା ୧୦୯, କେନ୍ଦ୍ରାପଡ଼ା ୧୦୭, ଯାଜପୁର ଓ ସୁନ୍ଦରଗଡ଼ରୁ ୧୦୩ଜଣ ଲେଖାଏ ରହିଛନ୍ତି। ବାକି ଅନ୍ୟସବୁ ଜିଲାରେ ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ଏହାଠାରୁ କମ୍ ରହିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୨,୦୯,୩୭୪କୁ ବୃଦ୍ଧି ପାଇଛି।

ସେପଟେ ରାଜ୍ୟରେ ଆଉ ୧୪ଜଣଙ୍କ ଜୀବନ ନେଇଛି କରୋନା। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଓ କଟକରୁ ୩ଜଣ ଲେଖାଏ ଥିବାବେଳେ କେନ୍ଦ୍ରାପଡ଼ା ଓ ଯାଜପୁରରୁ ୨ଜଣ ଲେଖାଏ, ବଲାଙ୍ଗୀର, ସୁବର୍ଣ୍ଣପୁର, ଢେଙ୍କାନାଳ ଓ ଗଜପତିରୁ ଜଣେ ଲେଖାଏ ରହିଛନ୍ତି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୭୯୭ରେ ପହଞ୍ଚିଛି। ଅନ୍ୟପଟେ ରବିବାର ଆଉ ୩,୩୭୮ ରୋଗୀ କରୋନାରୁ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ରାଜ୍ୟରେ ଆରୋଗ୍ୟ ସଂଖ୍ୟା ୧,୭୩,୫୭୧କୁ ବୃଦ୍ଧି ପାଇଛି।

# ଡେପୁଟି କଲେକ୍ଟରଙ୍କ ନାମରେ ସ୍ତ୍ରୀ ଆଣିଲେ ନିର୍ଯାତନା ଅଭିଯୋଗ

ଲଖନପୁର, ୨୭।୯(ଡି.ଏନ୍.ଏ.): ବୌଦ୍ଧ ଜିଲାର ଡେପୁଟି କଲେକ୍ଟର ଶରତ କୁମାର ବାଗଙ୍କ ନାମରେ ସ୍ତ୍ରୀ ଡଲିଆ ଦେବନାଥ ଆଣିଛନ୍ତି ନିର୍ଯାତନା ଅଭିଯୋଗ। ଏ ନେଇ ଡଲିଆ ଝାରସୁଗୁଡା ଜିଲା ବିଟିଏମ୍ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ନେଇ ଝାରସୁଗୁଡା ଥାନାରେ ଏକ ମାମଲା(ନଂ.୬୮୯/୨୦) ରୁଜୁ ହୋଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ ସୁଚିସ୍ମିତା ମହାନ୍ତି କହିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ଦୀର୍ଘବର୍ଷ ହେଲାଣି ତାଙ୍କ ସ୍ୱାମୀ ଅନ୍ୟ ଜଣେ ମହିଳାଙ୍କ ସହ ଅନୈତିକ ସମ୍ପର୍କ ରଖି ତାଙ୍କୁ ନିର୍ଯାତନା ଦେଇଆସୁଛନ୍ତି। ଏନେଇ ସେ ପୂର୍ବରୁ ମଧ ତାଙ୍କ ସ୍ୱାମୀଙ୍କ ନାମରେ ପୋଲିସରେ ଅଭିଯୋଗ କରିଥିଲେ। ଗତ ଶନିବାର ତାଙ୍କ ସ୍ୱାମୀ ସମ୍ପୃକ୍ତା ମହିଳାଙ୍କ ଘର ଝାରସୁଗୁଡାକୁ ଆସିଥିଲେ। ଏହା ଜାଣିବା ପରେ ଡଲିଆ ସେଠାରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଶରତ ଅନ୍ୟ କେତେଜଣଙ୍କ ସହିତ ମିଶି ତାଙ୍କୁ ମାରପିଟ କରିବା ସହ ରିଭଲ୍‌ଭର୍ ଦେଖାଇ ମାରିବାକୁ ଧମକ ଦେଇଥିଲେ। ଏଥିରେ ଡଲିଆ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଝାରସୁଗୁଡା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ପରେ ସେ ଆସି ତାଙ୍କ ସ୍ୱାମୀଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଡେପୁଟି କଲେକ୍ଟର ବାଗ୍‌ଙ୍କୁ ତାଙ୍କ ମୋବାଇଲ୍ ନଂ. ୭୦୦୮୬୨୬୪୩ରେ ଯୋଗାଯୋଗ କରାଯାଇଥିଲା। ହେଲେ ସୁଇଚ ଅଫ ଥିବାରୁ ପ୍ରତିକ୍ରିୟା ମିଳି ପାରିନାହିଁ।

# ତଦନ୍ତକୁ ନେଇ ଅସନ୍ତୋଷ, ଚିନ୍ମୟୀଙ୍କୁ ଜେରା

ଭୁବନେଶ୍ୱର,୨୭।୯ (ବ୍ୟୁରୋ)

**ମାନବପ୍ରେମୀ ଆଦିତ୍ୟ ମୃତ୍ୟୁ ମାମଲା**

- ଫୋନ୍ କଲ୍ ପାଇ ଓକିଲଙ୍କ ସହ ହାଜର ହୋଇଥିଲେ
- କ୍ରାଇମବ୍ରାଞ୍ଚର ତଦନ୍ତ ରିପୋର୍ଟକୁ ଅପେକ୍ଷା କରିଛନ୍ତି ପରିବାର ଲୋକେ

ମାନବପ୍ରେମୀ ଆଦିତ୍ୟ ଦାଶ ମୃତ୍ୟୁ ମାମଲାକୁ ୩ମାସ ବିତିଲାଣି। ଏହାସହ କ୍ରାଇମବ୍ରାଞ୍ଚ ତଦନ୍ତ କରିବାର ୨ମାସ ମଧ ହୋଇଗଲାଣି। ଇତି ମଧ୍ୟରେ କ୍ରାଇମବ୍ରାଞ୍ଚ କେବଳ ଆଦିତ୍ୟ ସ୍ତ୍ରୀ ବିଦ୍ୟାଶ୍ରୀ ଓ ୩ସାଙ୍ଗଙ୍କୁ ଜେରା କରିବା ସହ ପଲିଗ୍ରାଫ ଟେଷ୍ଟ କରି ବସିପଡ଼ିଛି। ହେଲେ ଜିଆର୍‌ପି ଭଳି କ୍ରାଇମବ୍ରାଞ୍ଚର ଏଭଳି ଧିମା ତଦନ୍ତକୁ ନେଇ ଆଦିତ୍ୟଙ୍କ ପରିବାର ଲୋକେ ନାପସନ୍ଦ କରିଛନ୍ତି। ୩ମାସ ହେଲାଣି ପୁଅ ମୃତ୍ୟୁର କାରଣ ଜାଣିପାରୁ ନ ଥିବାରୁ ବାପା ଓ ମା' ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପଟେ ସିବିଆଇ ତଦନ୍ତ ପାଇଁ ପରିବାର ଲୋକେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ମାସେ ମଧ୍ୟରେ ତଦନ୍ତ ରିପୋର୍ଟ ଦେବାକୁ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିବା ପରେ ପରିବାର ଲୋକେ ପରବର୍ତ୍ତୀ ନିଷ୍ପତ୍ତି ନେବେ ବୋଲି ତାଙ୍କ ଓକିଲ ବ୍ୟୋମକେଶ ତ୍ରିପାଠୀ କହିଛି। ତେବେ ହାଇକୋର୍ଟଙ୍କ ନିକଟରେ ରିପୋର୍ଟ ଦାଖଲ ହେବାକୁ ଥିବାରୁ କ୍ରାଇମବ୍ରାଞ୍ଚ ଗତ ୧୮ ତାରିଖରେ ଆଦିତ୍ୟଙ୍କ ବାନ୍ଧବୀ ଚିନ୍ମୟୀ ମହାପାତ୍ରଙ୍କୁ ପଚରାଉଚରା କରିଛି। କୌଣସି ସମନ ନୁହେଁ, ଫୋନ୍ କଲ୍ ପାଇ ଚିନ୍ମୟୀ କ୍ରାଇମବ୍ରାଞ୍ଚରେ ହାଜର ହୋଇଥିଲେ। କ୍ରାଇମବ୍ରାଞ୍ଚର ୩ଜଣିଆ ଟିମ୍ ୨ଘଣ୍ଟା ଧରି ତାଙ୍କୁ ମାରାଥନ ଜେରା କରିଥିଲା। ଏହି ସମୟରେ ଚିନ୍ମୟୀଙ୍କ ସହ ତାଙ୍କ ଓକିଲ ମଧ ଉପସ୍ଥିତ ରହିଥିଲେ।

ମିଳିଥିବା ସୂଚନାନୁସାରେ, କ୍ରାଇମବ୍ରାଞ୍ଚର ଅଧିକାରୀମାନେ ଚିନ୍ମୟୀଙ୍କୁ ଆଦିତ୍ୟଙ୍କ ମୃତ୍ୟୁ ସମ୍ପର୍କିତ ଅନେକ ପ୍ରଶ୍ନ ପଚାରିଥିଲେ। କେମିତି ଆଦିତ୍ୟଙ୍କ ସହ ଭେଟ ହୋଇଥିଲା ? କେତେଥର ଆଦିତ୍ୟଙ୍କୁ ଦେଖା କରିବାକୁ ଆଶ୍ରମ ଯାଇଛ ? ତୁମର ଭଲ ପାଇବା ଏକତରଫା ଥିଲା କି? ଆଦିତ୍ୟଙ୍କ ବିବାହ ଅନ୍ୟତ୍ର ହେଲା ଖବର କିଭଳି ପାଇଲ ? ବିବାହ ପରେ ଆଦିତ୍ୟଙ୍କୁ ବ୍ଲାକ୍‌ମେଲ କରୁଥିଲ କି? ତୁମର କିଛି ମାନସିକ ରୋଗ ଅଛି କି? ଟିକ୍‌ଟକ୍‌ରେ ଦେଖି ନେବାକୁ ଆଦିତ୍ୟଙ୍କୁ ଧମକ ଦେଉଥିଲ କି? ଏଭଳି ଅନେକ ପ୍ରଶ୍ନର ସିଧାସିଧା ଉତ୍ତର ରଖିଥିଲେ ଚିନ୍ମୟୀ। ଏହାସହ ବିଦ୍ୟାଶ୍ରୀ କ୍ରାଇମବ୍ରାଞ୍ଚକୁ ମିଛ ତଥ୍ୟ ଦେଇଥିବା ସେ କହିଛନ୍ତି। ଗଣମାଧ୍ୟମରେ ଚିନ୍ମୟୀଙ୍କ ନାମ ପଦାକୁ ଆସିବା ପରେ କ୍ରାଇମବ୍ରାଞ୍ଚ ଫର୍ମାଲିଟି ଦୃଷ୍ଟିରୁ ତାଙ୍କୁ ପଚରାଉଚରା ପାଇଁ ଡାକିଥିବା କ୍ରାଇମବ୍ରାଞ୍ଚର ଜଣେ ଅଧିକାରୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ବିବାହ ପରେ ଜଣେ ସାଇକୋ ଲେଡି ଆଦିତ୍ୟଙ୍କୁ ବ୍ଲାକ୍‌ମେଲ କରୁଥିବା ବିଦ୍ୟାଶ୍ରୀ ଅଭିଯୋଗ ଆଣିଥିଲେ। ଏପରି କି ଫୋନ୍ କରି ଧମକ ଦେବା ସହ ମେସେଜ୍ କରୁଥିଲେ। ତେଣୁ ଆଦିତ୍ୟଙ୍କ ମୃତ୍ୟୁ ପଛରେ ତାଙ୍କର ହାତଥିବା ବିଦ୍ୟାଶ୍ରୀ ଅଭିଯୋଗ କରିବା ପରେ ଚିନ୍ମୟୀ ଗଣମାଧ୍ୟମକୁ ଆସି ତାଙ୍କ ପ୍ରେମ ସମ୍ପର୍କରେ ମୁହଁ ଖୋଲିଥିଲେ। ଏହାକୁ ନେଇ କିଛିଦିନ ଟଣାଓଟରା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏବେ କ୍ରାଇମବ୍ରାଞ୍ଚ ତା'ର ତଦନ୍ତକୁ ସେହିଦିଗକୁ ନେଇଥିଲେ ମଧ ଆଦିତ୍ୟଙ୍କ ମୃତ୍ୟୁର ଟିକିଏ ବି ସୁରାକ ପାଇପାରୁ ନ ଥିବାରୁ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

E-Mail: serwbpr2004@yahoo.com
Tel.Fax:0680-2404287

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
OFFICE OF THE SUPERINTENDING ENGINEER
RURAL WORKS CIRCLE, BERHAMPUR

At: Ambapua
PO- Engineering School
Near Income Tax Office,
Berhampur-760011

No.O-393:-

NATIONAL COMPETITIVE BIDDING THROUGH e-Procurement
Bid Identification No. Online Tender / 09-2020-21/BPR

| Identification No. | Name of work | No. of works | Approx. estimated cost (In lakh) | Class of contractor | Period of completion |
|---|---|---|---|---|---|
| Online Tender/ 09-2020-21/BPR | Road Works under PERIODICAL MAINTENANCE | 28. Nos. | From Rs.63.05 lakhs to Rs.266.79 lakhs | 'B' Class & 'A' Class as applicable | 04 (Four) calendar months as provided |

| Procurement Officer | Bid identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Circle, Berhampur | Online Tender/09-2020-21/BPR | 12.10.2020 at 10.00 A.M. | 29.10.2020 upto 3.00 P.M. |

(I) EMD/ Bid Security, Cost of bid document is to be transferred through online as per the procedure mentioned in the DTCN.
(II) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & corrigendum if any can be seen from the website: www.tendersodisha.gov.in
Sd./- Superintending Engineer, R.W. Circle, Berhampur
OIPR-25071/11/0008/2021

NATIONAL HEALTH MISSION

ଆନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ
୨୮ ସେପ୍ଟେମ୍ବର,୨୦୨୦

DSPL-63

ମହିଳାମାନଙ୍କ କ୍ଷେତ୍ରରେ ଆବଶ୍ୟକ ସ୍ଥଳେ ନିରାପଦ ଓ ସୁରକ୍ଷିତ ଭାବେ ଗର୍ଭପାତର ସୁବିଧା ଓ ବ୍ୟବସ୍ଥା ଉପଲବ୍ଧ କରାଇବା ଏକ ସାମାଜିକ ଦାୟିତ୍ୱ ଏବଂ ଏଥିପାଇଁ ବ୍ୟାପକ ଜନ ସଚେତନତା ଆବଶ୍ୟକ । ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ୨୮ ସେପ୍ଟେମ୍ବରକୁ "ଆନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ" ଭାବରେ ପାଳନ କରାଯାଉଅଛି । ଚଳିତ ବର୍ଷ ଏହି ଦିବସର ଆହ୍ୱାନ :

"ନିରାପଦ ଗର୍ଭପାତର ସଫଳ ପରିଚାଳନା"

ସୁରକ୍ଷିତ ଗର୍ଭପାତ କରାଇବାର ଉପଯୁକ୍ତ ସମୟ ଓ ବିଧି :
୯ ସପ୍ତାହ ମଧ୍ୟରେ ବଟିକା ସେବନ ଦ୍ୱାରା
୧୨ ସପ୍ତାହ ମଧ୍ୟରେ ଏମ୍.ଭି.ଏ. ପଦ୍ଧତିରେ ଏବଂ
୧୨ ରୁ ୨୦ ସପ୍ତାହ ମଧ୍ୟରେ ଅନୁମୋଦିତ ସ୍ୱାସ୍ଥ୍ୟକେନ୍ଦ୍ରରେ

ଏମ୍.ଟି.ପି. ଅଧିନିୟମ - ୧୯୭୧ ଅନୁଯାୟୀ ୨୦ ସପ୍ତାହ ମଧ୍ୟରେ ଗର୍ଭପାତ କରାଇବା ଆଇନ ସମ୍ମତ ଅଟେ

ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ଆଶା / ଅଙ୍ଗନୱାଡ଼ି / ସ୍ୱାସ୍ଥ୍ୟକର୍ମୀ କିମ୍ବା ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।



ଗର୍ଭପାତ କରାଇବା ସମୟରେ କରୋନା ପ୍ରତିରୋଧ ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ନିଶ୍ଚୟ ପାଳନ କରନ୍ତୁ ।

facebook.com/HFWOdisha http:www.health.odisha.gov.in @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

OIPR-10003/13/0016/2021

## ମହାମାରୀ ଚାପରେ ଷ୍ଟିଲ୍ ସେକ୍ଟର

ମୁମ୍ବାଇ-କରୋନା ମହାମାରୀ ଚାପରୁ ଦେଶର ଇସ୍ପାତ ଉତ୍ପାଦନ କ୍ଷେତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ମକୁଳି ପାରିନାହିଁ। ଏହାର ପ୍ରଭାବ ଘରୋଇ ବଜାରରେ ଲାଗି ରହିଛି। ଅଗଷ୍ଟ ମାସରେ ଦେଶର ଅଶୋଧିତ ଇସ୍ପାତ ଉତ୍ପାଦନ ୪% ହ୍ରାସ ଘଟି ୮୪.୬୮ ଲକ୍ଷ ଟନ୍ ରହିଛି। ୱାର୍ଲଡ ଷ୍ଟିଲ ଆସୋସିଏଶନ ପ୍ରଦାନ କରିଥିବା ସଦ୍ୟତମ ଡାଟା ମୁତାବକ, ଗତ ବର୍ଷ ସମାନ ସମୟରେ ଭାରତ ୮୮.୬୯ ଲକ୍ଷ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ କରିଥିଲା। ବର୍ତ୍ତମାନ ବିଶ୍ୱ ବଜାରରେ ଇସ୍ପାତ ଉତ୍ପାଦନରେ ସୁଧାର ଆସୁଥିବା ଦେଖାଯାଉଛି।

# ଅର୍ଥ ବ୍ୟବସ୍ଥା ପାଇଁ ବଢ଼ୁଛି ଚ୍ୟାଲେଞ୍ଜ

ନୂଆଦିଲ୍ଲୀ,୨୭।୯



କେନ୍ଦ୍ର ସରକାର ବର୍ତ୍ତମାନ ଆତ୍ମନିର୍ଭର ଭାରତ ଯୋଜନା ଉପରେ ଧ୍ୟାନ ଦେଉଥିବା କହୁଛନ୍ତି। ପୂର୍ବରୁ ଗ୍ରହଣ କରାଯାଇଥିବା 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମ ସଫଳ ନ ହେବା ପରେ ପୁଣି ଥରେ ନୂଆ କ୍ୟାମ୍ପେନ ଆରମ୍ଭ ହୋଇଛି। ସରକାର ତାଙ୍କ ଆର୍ଥିକ ନୀତିରେ ବିଫଳ ହେବା ପରେ ସମ୍ମାନ ରକ୍ଷା ଲାଗି ବିଭିନ୍ନ ଆଳ କରୁଥିବା ବଜାର ବିଶେଷଜ୍ଞ କହିଲେଣି। ଭାରତରେ ବିଭିନ୍ନ ନୀତି ଏବଂ ରାଜନୈତିକ ହସ୍ତକ୍ଷେପ ଯୋଗୁ ବାଣିଜ୍ୟର ଉନ୍ନତ ବାତାବରଣ ଏବେ ଯାଏ ସୃଷ୍ଟି ହୋଇପାରିନାହୁଁ। ଏଭଳି ସ୍ଥିତିରେ ଗତ ବର୍ଷର ମାନ୍ଦାବସ୍ଥା ଯୋଗୁ ଘରୋଇ ବଜାରର ଜିଡିପି ଖସିବା କିମ୍ବା ବର୍ତ୍ତମାନର କରୋନା ମହାମାରୀ ପରିଚାଳନାରେ ବିଫଳତା ଯୋଗୁ ପ୍ରଥମ ତ୍ରୈମାସ ଜିଡିପି ହ୍ରାସ ବଜାର ବିଶେଷଜ୍ଞଙ୍କ ଚିନ୍ତା ବଢାଇଛି। ଦେଶର ଅର୍ଥ ବ୍ୟବସ୍ଥା ଲାଗି ବର୍ତ୍ତମାନ ସମସ୍ୟା ଆହୁରି ବଢୁଥିବା ଜଣାପଡିଛି।

ବ୍ଲୁମ୍‌ବର୍ଗ ପକ୍ଷରୁ ପ୍ରକାଶିତ ଏକ ସଦ୍ୟତମ ରିପୋର୍ଟରେ କୁହାଯାଇଛି ଯେ, ଗତ ୬ ବର୍ଷ ହେବ ସରକାର ହେଡ୍‌ଲାଇନ ମ୍ୟାନେଜମେଣ୍ଟରେ ସମୟ ବିତାଇ ଦେଇଛନ୍ତି। ବିମୁଦ୍ରୀକରଣ କିମ୍ବା ଜିଡିପି ହ୍ରାସ ସତ୍ତ୍ୱେ ସରକାର ଏମିତି ତଥ୍ୟକୁ ଦେଖାଇବାକୁ ଚେଷ୍ଟା କରିଛନ୍ତି ଯେଭଳି ଅର୍ଥ ବ୍ୟବସ୍ଥାକୁ କିଛି କ୍ଷତି ପହଞ୍ଚିନାହିଁ। ଏଭଳି ଦେଖେଇହେବା ନୀତି ଯଦି ଅଧିକ ଦିନ ଧରି ଚାଲିବ ମହାମାରୀ ପରେ ଅଭିବୃଦ୍ଧି ଲଗାତର ଖସିବ। ଅର୍ଥ ବ୍ୟବସ୍ଥାର ଚ୍ୟାଲେଞ୍ଜକୁ ସାମ୍ନା କରିବା ଆହୁରି କଷ୍ଟକର ବୋଲି ଏହି ରିପୋର୍ଟରେ ଆକଳନ କରାଯାଇଛି।

ଲକ୍‌ଡାଉନ କଟକଣା କୋହଳ ହୋଇଥିବା ବେଳେ ରୋଜଗାର ହରାଇଥିବା ବ୍ୟକ୍ତି ବିଶେଷ ପୁଣି ଥରେ ନିଯୁକ୍ତି ଆଶାରେ ରହିଛନ୍ତି। ଲୋକଙ୍କ ନିକଟରେ ସାମାଜିକ ସୁରକ୍ଷା ବିଶେଷ ଭାବେ ନାହିଁ। କମ୍ପାନୀଗୁଡିକ ବର୍ତ୍ତମାନ ସମସ୍ୟା ଘେରରେ ରହିଥିବାରୁ ପୁଣି ଥରେ ନିଯୁକ୍ତି ଦେବା ସପକ୍ଷରେ ନାହାନ୍ତି। ଏଣୁ ଚାକିରି ହରାଇଥିବା ଲୋକଙ୍କ ସମସ୍ୟା କାହିଁ କେତେଗୁଣ ବଢିଯାଇଛି। ପ୍ରଥମ ତ୍ରୈମାସ ଜିଡିପି –୨୩.୯% ଖସିଥିବା ଡାଟା କେବଳ ସଙ୍ଗଠିତ କ୍ଷେତ୍ରକୁ ନେଇ ପ୍ରସ୍ତୁତ ହୋଇଛି। ଦେଶର ଅଣ ସଙ୍ଗଠିତ କ୍ଷେତ୍ରରେ କୋଟି କୋଟି ଲୋକ ଜୀବିକା ହରାଇ ଯେଉଁଭଳି ଅସୁବିଧା ସାମ୍ନା କରିଛନ୍ତି ତା'ର ବାସ୍ତବ ଚିତ୍ର ସରକାର ଦେଖାଇବାକୁ ଚାହୁଁ ନାହାନ୍ତି।

ଅର୍ଥ ବିଶେଷଜ୍ଞ କୁହନ୍ତି ଯେ, ଭାରତକୁ ପ୍ରାଥମିକତା ଚୟନ କରିବାକୁ ପଡିବ। ଦେଶକୁ ପକୋଡା ଭିତ୍ତିକ ଅର୍ଥ ବ୍ୟବସ୍ଥା କିମ୍ବା ଟୟୋଟା ଭଳି କମ୍ପାନୀଙ୍କୁ ନେଇ ଅର୍ଥ ବ୍ୟବସ୍ଥା ମଧ୍ୟରୁ କାହାକୁ ବାଛିବାକୁ ପଡିବ ତାହା ବିଚାର କରିବାକୁ ହେବ। ଭାରତ କାର ଉପରେ ସର୍ବାଧିକ ଟିକସ ଲାଗୁ କରିଥିବା ନିକଟରେ ଟୟୋଟୋ ମୋଟର କର୍ପୋରେଶନ ପକ୍ଷରୁ କୁହାଯାଇଥିଲା। କାରକୁ ସରକାର ନିଶା କିମ୍ବା ଅବଗୁଣକାରୀ ସାମଗ୍ରୀ ଭଳି ବିଚାର କରୁଥିବା କମ୍ପାନୀ ମତ ରଖିଥିଲା। ଟିକସ ହାର ଉଚ୍ଚରେ ରହିବା ଯୋଗୁ ଏହା କମ୍ପାନୀଗୁଡିକ ଲାଗି ନିବେଶ ଏବଂ ପରିଚାଳନାରେ ବାଧକ ହେଉଥିବା ଏହା ସ୍ପଷ୍ଟ କରିଥିଲା। ମାତ୍ର ସରକାର ଏହାକୁ ଟାଳିଦେଲେ। ପୂର୍ବ ତୁଳନାରେ କମ୍ ଟିକସ ଲାଗୁ ହେଉଥିବା କଥା ସରକାର କହିଥିଲେ। ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ବିଚାର ନ କରି ଅଟୋମୋବାଇଲ ଶିଳ୍ପ ଉପରେ ଟିକସ ସମସ୍ୟା ଦୂର କରିବା ପରିବର୍ତ୍ତେ ସରକାର ଏହାକୁ ପବ୍ଲିକ ରିଲେଶନର ପ୍ରସଙ୍ଗ ଭାବେ ନେଇଗଲେ। ଟୟୋଟା ଭାରତରେ ନିବେଶ ନ କରିବା ଖବର ଭୁଲ୍ ବୋଲି ସରକାରଙ୍କ ଜଣେ ମନ୍ତ୍ରୀଙ୍କୁ ସଫେଇ ଦେବାକୁ ପଡିଲା। ସୂଚନାଯୋଗ୍ୟ, ଭାରତରେ କାର ଉପରେ ୧ରୁ ୨୨% ଅତିରିକ୍ତ ଲକଜ୍ୟୁରି ଟିକସ ଲାଗୁ ହେଉଛି। ଫଳରେ ବିଶ୍ୱର ୪ର୍ଥ ସବୁଠୁ କାର ବଜାରରେ ଟିକସ ବୋଝ ଅସହ୍ୟ ହେଉଥିବା କମ୍ପାନୀଗୁଡିକ କହୁଛନ୍ତି। ସେହିଭଳି ଏସ୍‌ୟୁଭି ଉପରେ ଟିକସ ୫୦% ପର୍ଯ୍ୟନ୍ତ ପହଞ୍ଚିଯାଉଛି।

ଟିକସ ସଂଗ୍ରହ କମିବା ଯୋଗୁ ରାଜ୍ୟଗୁଡିକ ଅବଗୁଣକାରୀ ଟିକସ ଉପରେ ଅଧିକ ନିର୍ଭରଶୀଳ ହେଉଛନ୍ତି। କମ୍ପାନୀଗୁଡିକ ଅନୁମାନ କରିଥିଲେ ଯେ, ୨୦୨୨ ପରେ ଅତିରିକ୍ତ ଟିକସ ଲାଗୁ ହେବା ବନ୍ଦ ହୋଇଯିବ। ମାତ୍ର ବର୍ତ୍ତମାନ ଟିକସ ସଂଗ୍ରହ କମୁଥିବାରୁ ଅତିରିକ୍ତ ଟିକସ ହଟାଯିବା ନେଇ ବାଟ ଦେଖାଯାଉନାହିଁ। ମେକ୍ ଇନ୍ ଇଣ୍ଡିଆରେ ଇଲେକ୍‌ଟ୍ରୋନିକ୍ସ ଯନ୍ତ୍ରାଂଶ ଏବଂ ଷ୍ଟିଲ ଉପରେ ଆମଦାନୀ ଟିକସ ବଢାଇବା ଲାଗି ବର୍ତ୍ତମାନ ବିଚାର କରାଯାଉଛି। ଏହା ହେଲେ କାର ଦାମ ବଢିଯିବ। ଏହା ହେଲେ କାର ବଜାର ଆହୁରି ସଙ୍କୁଚିତ ହେବ। ଶେଷ ଉପାୟ ବା ସମାଧାନ କ'ଣ ବୋଲି ଏଠାରେ ମନକୁ ପ୍ରଶ୍ନ ଆସେ।

- ନିଯୁକ୍ତି କମୁଛି, ଚିନ୍ତା ବଢୁଛି
- ଉଚ୍ଚଟିକସ ନିବେଶରେ ବାଧକ
- ନିୟମରେ ନାହିଁ ସ୍ଥିରତା

ବଜାର ବିଶେଷଜ୍ଞ କୁହନ୍ତି, ନିୟମରେ ବାରମ୍ବାର ପରିବର୍ତ୍ତନ ଯୋଗୁ ଏହା ନିବେଶକଙ୍କୁ ପ୍ରଭାବିତ କରୁଛି। ଭାରତରେ ସ୍ଥିର ନିୟମର ଆବଶ୍ୟକତା ରହିଛି। ଅନ୍ତତଃ ପକ୍ଷେ ୧୫ ବର୍ଷ ଏହାକୁ ସ୍ଥିର ରଖାଯିବା ଉପରେ ବିଶେଷଜ୍ଞ ମତ ପ୍ରକାଶ କରନ୍ତି।

ବର୍ତ୍ତମାନ ବଜାରରେ ଚାହିଦା ପ୍ରଭାବିତ ସ୍ଥିତିରେ ରହିଛି। କମ୍ପାନୀ ନୂଆ ନିବେଶ କରିବାକୁ ଆଗଭର ହେଉନାହାନ୍ତି। ଫଳରେ ନୂଆ ନିଯୁକ୍ତି ସୃଷ୍ଟି ହେଉନାହିଁ। ଏହାଦ୍ୱାରା ରୋଜଗାର ବଢୁନାହିଁ। ଯେଉଁମାନେ କାର କ୍ରୟ କରୁଛନ୍ତି ସେମାନଙ୍କ ଉପରେ ଉଚ୍ଚ ପରିମାଣର ଟିକସ ଲାଗୁ ହେଉଛି। ସେହିଭଳି ପେଟ୍ରୋଲ, ଡିଜେଲ ଉପରେ ଅତିରିକ୍ତ ଟିକସ ଯୋଗୁ ଏହା ଆମେରିକା ତୁଳନାରେ ୭୫% ଅଧିକ ମହଙ୍ଗା ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୮ରେ କହିଥିଲେ ଯେ, ଯେଉଁ ବ୍ୟକ୍ତିବିଶେଷ ପକୁଡ଼ି ବିକି ଦୈନିକ ୨୦୦ ଟଙ୍କାରୁ ଉର୍ଦ୍ଧ୍ୱ ଆୟ କରୁଛନ୍ତି ତାଙ୍କୁ ରୋଜଗାର କରୁଥିବା ବ୍ୟକ୍ତି ଭାବେ ବିବେଚିତ କରିବା ଆବଶ୍ୟକ। ଏହାଦ୍ୱାରା ସଙ୍ଗଠିତ କ୍ଷେତ୍ରଗୁଡିକରେ ନିଯୁକ୍ତି ସୃଷ୍ଟି ଦିଗରେ ସରକାରଙ୍କର ଉତ୍ତରଦାୟିତ୍ୱ କମିବ। ମାତ୍ର ଗୋଟିଏ କଥା ସରକାରଙ୍କୁ ଏଠାରେ ବିଚାର କରିବାକୁ ହେବ ଯେ, ସଙ୍ଗଠିତ କ୍ଷେତ୍ରଗୁଡିକୁ ପ୍ରୋତ୍ସାହନ ମିଳିଲେ ନୂଆ ରୋଜଗାର ସହ ସାମାଜିକ ସୁରକ୍ଷା ବଢିବ। ଲୋକଙ୍କୁ ରୋଜଗାର ମିଳିଲେ ସେମାନେ ଭଲ ଭାବେ ଖର୍ଚ୍ଚ କରିପାରିବେ। ସେହିଭଳି ଏମିତି କିଛି ନୀତି ନ ଆଣିବା ଆବଶ୍ୟକ ଯାହା ଅଣସଙ୍ଗଠିତ କ୍ଷେତ୍ରର ନିଯୁକ୍ତି ଲାଗି ମାରକ ହେବ।

## ରେଲ୍‌ୱେ ପକ୍ଷରୁ ୧୦ ଲକ୍ଷ କାର୍ଯ୍ୟଦିବସ ସୃଷ୍ଟି

ନୂଆଦିଲ୍ଲୀ,୨୭।୯

କରୋନା ମହାମାରୀ ଯୋଗୁ ବିଭିନ୍ନ ସଂସ୍ଥାରେ କାର୍ଯ୍ୟ ବନ୍ଦ କାରଣରୁ ଶ୍ରମିକମାନେ ଘରେ ହାତ ବାନ୍ଧି ବସିଛନ୍ତି। ଏହି ମହାମାରୀ ସମୟରେ ଭାରତୀୟ ରେଳ ପକ୍ଷରୁ ଦେଶର ପ୍ରମୁଖ ୬ଟି ରାଜ୍ୟରେ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟ ଦିବସ ସୃଷ୍ଟି କରାଯାଇଛି। ବିହାର ଓ ରାଜସ୍ଥାନ ସମେତ ଅନ୍ୟ ୪ଟି ରାଜ୍ୟରେ ରେଲୱେର ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ଶ୍ରମିକମାନଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇଥିବା ରେଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ର ସରକାରଙ୍କ ଗରିବ କଲ୍ୟାଣ ରୋଜଗାର ଅଭିଯାନ ଯୋଜନା ଜରିଆରେ ଭାରତୀୟ ରେଲୱେ ତାର ବିଭିନ୍ନ ରେଳ ଷ୍ଟେଶନଠାରୁ ଆରମ୍ଭ କରି ଲେଭଲ୍ କ୍ରସିଂ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟରେ ପ୍ରବାସୀ ଶ୍ରମିକଙ୍କୁ ନିୟୋଜିତ କରିଛି। ଫଳରେ ପ୍ରବାସୀ ଶ୍ରମିକଙ୍କୁ ରୋଜଗାର ସହ ରେଲୱେର ବିଭିନ୍ନ କାର୍ଯ୍ୟ ମଧ୍ୟ ଯଥା ସମ୍ଭବ ସମ୍ପୂର୍ଣ୍ଣ ହୋଇପାରିଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଯୋଜନାରେ ବିଶେଷ କରି ବିହାର, ଝାଡଖଣ୍ଡ, ମଧ୍ୟପ୍ରଦେଶ, ଓଡ଼ିଶା, ରାଜସ୍ଥାନ ଏବଂ ଉତ୍ତରପ୍ରଦେଶ ଆଦି ରାଜ୍ୟରେ ଏହି ସବୁ କାର୍ଯ୍ୟ ଦିବସ ସୃଷ୍ଟି କରାଯାଇଥିବା ବିଷୟରେ ରେଳ ମନ୍ତ୍ରୀ ପିୟୂଷ ଗୋୟେଲ ବିସ୍ତୃତ ଭାବରେ ସୂଚନା ପ୍ରଦାନ କରିଥିଲେ।

## ରିଲାଏନ୍ସ ଡିଜିଟାଲରେ ଆପଲ ପ୍ରଡକ୍ଟ ପ୍ରିବୁକିଂ

ନୂଆଦିଲ୍ଲୀ,୨୭।୯



ରିଲାଏନ୍ସ ଡିଜିଟାଲ ଷ୍ଟୋରରେ ଆପ୍‌ଲର ବିଭିନ୍ନ ପ୍ରଡକ୍ଟ ପ୍ରିବୁକିଂ ସମ୍ପର୍କରେ ଘୋଷଣା କରାଯାଇଛି। ଆପଲର ନୂଆ ୱାଚ୍ ସିରିଜ ୬, ଆପଲ ୱାଚ୍ ଏସ୍‌ଇ, ଆଇପ୍ୟାଡ ୮ ଜେନ୍ ଏହା ମଧ୍ୟରେ ସାମିଲ ରହିଛି। ଏହାବାଦ୍ ମାଇଁ ଜିଓ ଷ୍ଟୋର ଏବଂ ରିଲାଏନ୍ସ ଡିଜିଟାଲ ଡଟ୍ ଇନ୍‌କୁ ଯାଇ ମଧ୍ୟ ଏହାର ପ୍ରିବୁକିଂ ହୋଇପାରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ରିଲାଏନ୍ସ ଡିଜିଟାଲ ଡଟ୍ ଇନ୍‌ରେ ନିର୍ଦ୍ଦିଷ୍ଟ ବ୍ୟାଙ୍କଗୁଡିକର କାର୍ଡ ଉପରେ ଚଳିତ ମାସ ୩୦ ତାରିଖ ଯାଏ ଆକର୍ଷଣୀୟ କ୍ୟାଶବ୍ୟାକ୍ ସୁବିଧା ମଧ୍ୟ ରହିଛି। ଅକ୍ଟୋବର ୧ରୁ ଆପଲ ୱାଚ୍ ୬ ସିରିଜ ଏବଂ ଆପଲ୍ ୱାଚ୍ ଏସ୍‌ଇର ରିଟେଲ ବିକ୍ରି ଆରମ୍ଭ ହେବ। ଆପ୍‌ଲ ୱାଚ୍ ଏସ୍‌ଇର ବଜାର ଦର ୨୯,୯୦୦ ଟଙ୍କା ରହିଥିବା ବେଳେ ଆପଲ ୱାଚ୍ ସିରିଜ ୬ର ବଜାର ଦର ୪୦,୯୦୦ ଟଙ୍କା ରହିଥିବା ସୂଚନା ରହିଛି। ଷ୍ଟୋରରେ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଉଠାଇବାକୁ ଗ୍ରାହକଙ୍କୁ ରିଲାଏନ୍ସ ଡିଜିଟାଲ ପକ୍ଷରୁ ନିବେଦନ କରାଯାଇଛି।

## ଅପରିବର୍ତ୍ତିତ ରହିପାରେ ସୁଧ ହାର

**ମୁମ୍ବାଇ,୨୭।୯–**ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ରିଜର୍ଭ ବ୍ୟାଙ୍କ ଏହାର ଦ୍ୱିମାସିକ ମୁଦ୍ରା ନୀତି କମିଟି(ଏମ୍‌ପିସି) ବୈଠକରେ ରେପୋ ବା ସୁଧହାରକୁ ଅପରିବର୍ତ୍ତିତ ରଖିପାରେ। ବର୍ତ୍ତମାନ ଯୋଗାଣ ବାଧାପ୍ରାପ୍ତ ସ୍ଥିତିରେ ରହିଥିବା ବେଳେ ମୁଦ୍ରାସ୍ଫୀତି ଉଚ୍ଚରେ ରହିଛି। ଏଭଳି ପ୍ରସଙ୍ଗକୁ ବିଚାର କରି କେନ୍ଦ୍ରୀୟ ବ୍ୟାଙ୍କ ରେପୋକୁ ଅପରିବର୍ତ୍ତିତ ରଖିବ ବୋଲି କୁହାଯାଉଛି। ଚଳିତ ମାସ ୨୯ରୁ ଏମ୍‌ପିସି ବୈଠକ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଅର୍ଥ ବ୍ୟବସ୍ଥାକୁ ଗତି ପ୍ରଦାନ କରିବାକୁ ରିଜର୍ଭ ବ୍ୟାଙ୍କ ନିକଟରେ ବିଭିନ୍ନ ଅସ୍ତ୍ର ରହିଛି। । ଏହାକୁ କେନ୍ଦ୍ରୀୟ ବ୍ୟାଙ୍କ ସମୟ କ୍ରମେ ଗ୍ରହଣ କରିବ ବୋଲି ଗଭର୍ନର ଶକ୍ତିକାନ୍ତ ପୂର୍ବରୁ କହି ସାରିଛନ୍ତି। ଅକ୍ଟୋବର ୧ରେ କେନ୍ଦ୍ରୀୟ ବ୍ୟାଙ୍କ ଘୋଷଣା କଣ ରହୁଛି ତାହା ଦେଖିବାକୁ ବାକି ରହିଲା। ଅଗଷ୍ଟରେ ହୋଇଥିବା ଏମ୍‌ପିସି ବୈଠକରେ କେନ୍ଦ୍ରୀୟ ବ୍ୟାଙ୍କ ଏହାର ସୁଧହାରକୁ ଅପରିବର୍ତ୍ତିତ ରଖିଥିଲା। ମୁଦ୍ରାସ୍ଫୀତି ଉଚ୍ଚରେ ରହିବା ଯୋଗୁ ଆର୍‌ବିଆଇ କୌଣସି ପଦକ୍ଷେପ ନେଇ ନ ଥିଲା। ମୁଦ୍ରାସ୍ଫୀତି ବର୍ତ୍ତମାନ ୬% ସ୍ତରରେ ରହିଛି। ଏପଟେ କରୋନା ମହାମାରୀ ଅର୍ଥ ବ୍ୟବସ୍ଥା ଦୁର୍ବଳ ହୋଇ ପଡିଛି। ବଜାରକୁ ଗତି ପ୍ରଦାନ କରିବା ଲାଗି ବର୍ତ୍ତମାନ ସୁଦ୍ଧା କେନ୍ଦ୍ରୀୟ ବ୍ୟାଙ୍କ ୧୧୫ ବେସିସ୍ ପଏଣ୍ଟ ସୁଧହାର ହ୍ରାସ କରି ସାରିଛି।



ଏଭଳି ସ୍ଥିତିରେ ରିଜର୍ଭ ବ୍ୟାଙ୍କ ସୁଧହାର ହ୍ରାସ କରି ନ ପାରେ ବୋଲି ବଜାର ବିଶେଷଜ୍ଞମାନେ ଆଶା ପ୍ରକଟ କରିଛନ୍ତି।

### ରାଜ୍ୟ ଖବର

## କରୋନା ରୋଗୀଙ୍କ ପାଇଁ ଇମ୍ୟୁନିଟି ବୁଷ୍ଟର

ବଲାଙ୍ଗୀର ଅଫିସ, ୨୭।୯

ସମଗ୍ର ବିଶ୍ୱରେ ମହାମାରୀ କରୋନା କାୟା ବିସ୍ତାର କରିବାରେ ଲାଗିଛି। ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଥିବା ବେଳେ ବର୍ତ୍ତମାନ ସୁଦ୍ଧା ସେଭଳି କୌଣସି ଔଷଧ ବାହାରି ନାହିଁ। ଏସବୁ ଭିତରେ ବଲାଙ୍ଗୀର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପକ୍ଷରୁ କରୋନା ମୁକାବିଲା ପାଇଁ ଆୟୁର୍ବେଦିକ ଇମ୍ୟୁନିଟି ବୁଷ୍ଟର ତିଆରି ହୋଇଛି। ଅଧ୍ୟକ୍ଷ ପ୍ରଫେସର ଡା. ଅରୁଣ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଲେଜର ବିଭିନ୍ନ ବିଭାଗର ପ୍ରଫେସର, ଡାକ୍ତର, ଅଧ୍ୟାପକ ଏହି ବୁଷ୍ଟର ତିଆରି କରିଛନ୍ତି। ଏହି ବୁଷ୍ଟର ମଣିଷ ଶରୀରର ରୋଗ ପ୍ରତିରୋଧକ କ୍ଷେତ୍ରରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଜଙ୍ଗଲରୁ ସଂଗୃହୀତ ଚେରମୂଳି ଏହି ବୁଷ୍ଟର ପ୍ରସ୍ତୁତିରେ ବ୍ୟବହାର କରାଯାଇଛି। ବିଶେଷ କରି କରୋନା ପଜିଟିଭ ରୋଗୀଙ୍କ ପାଇଁ ଏହା ବିଶେଷ ସହାୟକ ହେବ ବୋଲି କଲେଜ ସୂତ୍ରରୁ ଜଣାପଡିଛି। ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣାଙ୍କ ପ୍ରଯୋଜନାରେ ଏହି ବୁଷ୍ଟର ପ୍ରସ୍ତୁତ କରାଯାଇଛି। ଖୁବ୍‌ଶୀଘ୍ର କରୋନା ରୋଗୀଙ୍କୁ ଏହା ପ୍ରଦାନ କରାଯିବ। କାମ ପ୍ରାୟ ଶେଷ ହୋଇଥିବା ବେଳେ ଜିଲା ପ୍ରଶାସନକୁ ଔଷଧ ପ୍ରଦାନ କରାଯିବ। ବୁଷ୍ଟର ନିର୍ମାଣ ପାଇଁ ଇଣ୍ଡିଆନ ରେଡକ୍ରସ ସୋସାଇଟି ପକ୍ଷରୁ ଆୟୁର୍ବେଦିକ କଲେଜକୁ ୨ଲକ୍ଷ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

**ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜ ପ୍ରସ୍ତୁତ କଲା**



ନୂଆ ଇମ୍ୟୁନିଟି ବୁଷ୍ଟର ପ୍ୟାକେଟ୍।

## ଉଡ଼ାନ ଯୋଜନାରେ ଖୁବ୍‌ଶୀଘ୍ର ଜୟପୁରରୁ ହୋଇପାରେ ବିମାନ ଚଳାଚଳ

କୋରାପୁଟ,୨୭।୯,(ସ୍ୱ.ପ୍ର.)

କୋରାପୁଟ ଜିଲା ସୀମାନ୍ତ ତଥା ଛତିଶଗଡ ବସ୍ତର ଜିଲାର ଜଗଦଲପୁରରୁ ରାୟପୁର ଓ ହାଇଦ୍ରାବାଦକୁ ନିକଟରେ ବିମାନ ଚଳାଚଳ ଆରମ୍ଭ ହୋଇଛି। ଫଳରେ ଆଗାମୀ ଦିନରେ କୋରାପୁଟ ଜିଲାର ଜୟପୁରକୁ ବିମାନ ଚଳାଚଳ ଆରମ୍ଭ ହେବା ନେଇ ଆଶା ପ୍ରକାଶ ପାଇଛି। କେନ୍ଦ୍ରସରକାରଙ୍କ ବେସାମରିକ ବିମାନ ଚଳାଚଳ ବିଭାଗ ପକ୍ଷରୁ ଉଡାନ ଯୋଜନାରେ ଗତ ୨୧ରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ବିମାନ ଉଡାଣର ଶୁଭାରମ୍ଭ କରିଥିଲେ। ଏହି ବିମାନ ଚଳାଚଳ ଦ୍ୱାରା ଓଡିଶାର କୋରାପୁଟ, ମାଲକାନାଗିରି, ନବରଙ୍ଗପୁର ଜିଲାବାସୀ ବିଶେଷ ଉପକୃତ ହେବେ। ଜରୁରୀ ସମୟରେ ସେମାନେ ରାୟପୁର ଓ ହାଇଦ୍ରାବାଦ ଯାତାୟାତ କରି ପାରିବେ।

ଏବେ ଏୟାରଲାଇନ୍ସର ଏୟାର ବିମାନ ଜଗଦଲପୁରରୁ ପ୍ରତ୍ୟେହ ପୂର୍ବାହ୍ନ ୧୦ଟା ୫୫ରେ ବାହାରି ରାୟପୁରରେ ୧୨ଟାରେ ପହଞ୍ଚୁଛି। ରାୟପୁରରୁ ପ୍ରତିଦିନ ମଧ୍ୟାହ୍ନ ୧୨ଟା ୩୦ରେ ବାହାରି ଅପରାହ୍ନ ଗୋଟାଏ ୩୫ରେ ଜଗଦଲପୁରରେ ପହଞ୍ଚୁଛି। ସେହିପରି ଜଗଦଲପୁରରୁ ପ୍ରତିଦିନ ଅପରାହ୍ନ ୨ଟା ୫ରେ ବାହାରି ବିମାନ ହାଇଦ୍ରାବାଦରେ ୩ଟା ୪୦ରେ ପହଞ୍ଚୁଛି। ହାଇଦ୍ରାବାଦରୁ ପ୍ରତିଦିନ ସକାଳ ୯ଟାରେ ବାହାରି ଜଗଦଲପୁରରେ ୧୦ଟା ୨୫ରେ ଅବତରଣ କରୁଛି।

ସୂଚନାଯୋଗ୍ୟ ଯେ, କୋରାପୁଟ ସଦର ମହକୁମାରୁ ଜଗଦଲପୁର ଦୂରତା ପ୍ରାୟ ୧୦୦ କିମି ହୋଇଥିବାବେଳେ ନବରଙ୍ଗପୁର ଜିଲା ସଦର ମହକୁମାରୁ ଜଗଦଲପୁର ୮୦ କିମି ଓ ମାଲକାନାଗିରିଠାରୁ ଜଗଦଲପୁର ୧୩୦ କିମି। ଛତିଶଗଡର ଜଗଦଲପୁର ପରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ବିଭାଗ ଉଡାନ ଯୋଜନାରେ ଦକ୍ଷିଣ ଓଡିଶାର କୋରାପୁଟ ଜିଲାର ଜୟପୁର ଏୟାରପୋର୍ଟରୁ ବିମାନ ଚଳାଚଳ ଖୁବ ଶୀଘ୍ର ଆରମ୍ଭ ହୋଇପାରେ ବୋଲି ଜିଲାବାସୀ ଆଶା ପ୍ରକାଶ କରିଛନ୍ତି।

## ନୂତନ କର୍ମକର୍ତ୍ତା

**ଦେବଗଡ଼,୨୭।୯(ଡି.ଏନ୍.ଏ.):** ସ୍ଥାନୀୟ ଗୋପାଳଜୀ ମନ୍ଦିରରେ ଦେବଗଡ ସାର୍ବଜନୀନ ଦୁର୍ଗାପୂଜା କମିଟିର ଏକ ପ୍ରସ୍ତୁତି ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। କମିଟିର ନୂତନ ସଭାପତି ଭାବେ ବିକାଶ ପ୍ରଧାନ, ଉପସଭାପତି ଇସମାଇଲ ହେନେଜ, ସମ୍ପାଦକ ବିରେନ୍ଦ୍ର ଦ୍ୱିବେଦୀ, ସହସମ୍ପାଦକ ନରେନ୍ଦ୍ର ପ୍ରଧାନ ଓ କୋଷାଧ୍ୟକ୍ଷ ଭାବେ ସୁଶୀଲ ନାୟକଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ପୂର୍ବତନ ସଭାପତି ସୁଶୀଲ କପରଦାର, ମନୋଜ ପ୍ରଧାନ, କ୍ଷେତ୍ର ପାତ୍ର, ଦୀପକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୬ହଜାର ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା

**ବରଗଡ଼ ଅଫିସ୍, ୨୭।୯:** ବରଗଡ଼ ଜିଲାରେ ରବିବାର ପୁଣି ୧୫୪ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୫୩ଜଣ ମହିଳା, ୧୦୧ ପୁରୁଷ ଅଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୬୦୧୮ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୧୨ଜଣଙ୍କର ମୃତ୍ୟୁହୋଇ ଥିବାବେଳେ ୫୦୪୧ଜଣ ସୁସ୍ଥ ହୋଇ ସାରିଛନ୍ତି। ଅନ୍ୟ ଆକ୍ରାନ୍ତମାନେ ବିଭିନ୍ନ କୋଭିଡ୍ ହସ୍ପିଟାଲ, ହୋମ ଆଇସୋଲେଶନରେ ରହି ଚିକିତ୍ସାଧୀନ ଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି।

## କୋଭିଡ୍ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସହାୟତା କେନ୍ଦ୍ର ଆରମ୍ଭ

ବଲାଙ୍ଗୀର ଅଫିସ, ୨୭।୯

ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ଜିଲାର କୋଭିଡ ଚିକିତ୍ସାଳୟମାନଙ୍କରେ ୨୪ ଘଣ୍ଟିଆ ସହାୟତା କେନ୍ଦ୍ର ଆରମ୍ଭ କରାଯାଇଛି। ଏହି ସହାୟତା କେନ୍ଦ୍ର ଜରିଆରେ କୋଭିଡ ରୋଗୀଙ୍କ ସବିଶେଷ ସ୍ଥିତି ସମ୍ପର୍କରେ ସେମାନଙ୍କ ପରିବାର ଲୋକମାନେ ବୁଝିପାରିବେ। ଏଥିସକାଶେ ପ୍ରଶାସନ ପକ୍ଷରୁ ୪ଟି ଫୋନ ନମ୍ବର୍ ଜାରି କରାଯାଇଛି। ବଲାଙ୍ଗୀର କୋଭିଡ ହସ୍ପିଟାଲ ପାଇଁ ୬୮୪୬୮୯୭୩୩୪, ବଲାଙ୍ଗୀର କୋଭିଡ କେୟାର ସେଣ୍ଟର ପାଇଁ ୯୫୫୬୮୨୪୧୯୯, ଟିଟିଲାଗଡ଼ କୋଭିଡ କେୟାର ସେଣ୍ଟର ପାଇଁ ୮୧୧୭୯୮୯୪୯୪ ଓ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲର ଆଇସିୟୁ, ଏଚଡିୟୁ ଓ ୱାର୍ଡ ପାଇଁ ୮୪୮୦୬୪୩୧୬୭ ନମ୍ବରରେ ଯୋଗାଯୋଗ କରି ପାରିବେ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ବୌଦ୍ଧ ବିଚାର ବିଭାଗ କର୍ମଚାରୀଙ୍କ କରୋନାରେ ମୃତ୍ୟୁ

**ବୌଦ୍ଧ,୨୭।୯(ସ୍ୱ.ପ୍ର.):** ବୌଦ୍ଧ ବିଚାର ବିଭାଗର ଆଉ ଜଣେ ଯୁବ କର୍ମଚାରୀଙ୍କ କରୋନାରେ ମୃତ୍ୟୁ ଘଟିଛି। ସେ ବୌଦ୍ଧ ଏସଡିଜେଏମଙ୍କ କାର୍ଯ୍ୟାଳୟର ଷ୍ଟେନୋ ଥିଲେ। କରୋନା ଟେଷ୍ଟରେ ପଜିଟିଭ ଚିହ୍ନଟ ହେବାପରେ ବୌଦ୍ଧ କୋଭିଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ତେବେ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ନ ହେବାରୁ ଗତ ୧୩ ତାରିଖ ଦିନ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଏହି ଖବର ବୌଦ୍ଧରେ ପ୍ରଚାରିତ ହେବା ପରେ ବିଚାର ବିଭାଗର ଅଧିକାରୀ,କର୍ମଚାରୀ ଓ ଆଇନଜୀବୀମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ମୃତ କର୍ମଚାରୀଙ୍କ ଘର ବଲାଙ୍ଗୀର ସହରରେ। ସେ ଜଣେ କର୍ତ୍ତବ୍ୟନିଷ୍ଠ କର୍ମଚାରୀ ଭାବେ ଜଣାଶୁଣା ଥିଲେ। ଗତ ୧୧ ତାରିଖ ଦିନ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କାର୍ଯ୍ୟାଳୟର ଜଣେ କିରାଣିଙ୍କ ବୌଦ୍ଧ କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ଘଟିଥିଲା। ଅଳ୍ପଦିନ ବ୍ୟବଧାନରେ ବୌଦ୍ଧ ବିଚାର ବିଭାଗର ଦୁଇଜଣ ଦକ୍ଷ କର୍ମଚାରୀଙ୍କ ଅକାଳ ମୃତ୍ୟୁ ଅନ୍ୟ କର୍ମଚାରୀମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ
9773820765
ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ପ୍ରେମ ବିବାହ ଯାଦୁ ଟୋଣା, ବିବାହ, ମୁଠ୍ କରଣୀ, ନିଜର ହଜିଯାଇଥିବା ପ୍ରେମକୁ ଫେରି ପାଆନ୍ତୁ। ଏ ସବୁ ସମସ୍ୟାର ଶୀଘ୍ର ସମାଧାନ ପାଆନ୍ତୁ ମାତା ଏବଂ ଭଉଣୀ ମାନଙ୍କର ଗୁପ୍ତ ସମସ୍ୟାର ସମାଧାନ। ସ୍ପେଶାଲିଷ୍ଟ-ବଶୀକରଣ, ମନ୍ତ୍ରମନ୍ତ୍ର କଳାଯାଦୁ, ଯଦି କେହି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରୁଥିବା କାମକୁ କାଟି ଦିଅନ୍ତି, ମନ ମୁତାବକ ପୁରସ୍କାର ଦିଆଯିବ। କାମ ନହେଲେ ପଇସା ଫେରସ୍ତ।
9910560681

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

AMBA Finance
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

G-TEL TOWER COMPANY
ଦ୍ୱାରା ଓଡ଼ିଶାରେ ନିଜ ଛାତ, ଜମି, କ୍ଷେତ ଏବଂ ଖାଲି ସ୍ଥାନମାନଙ୍କରେ 4G/5Gର Digital Mobile Network ଲଗାନ୍ତୁ।
ADVANCE - 90 LAKH
ଭଡ଼ା: ୯୦,୦୦୦/– ମାସିକ
20 years Agreement
ତିନି ଦିନରେ ଫଳାଫଳ ପାଆନ୍ତୁ। ଧୋକାବାଜ କମ୍ପାନୀରୁ ସାବଧାନ ରୁହନ୍ତୁ।
7055041635
7599842119

ଋଣ ହିଁ ଋଣ ପାଆନ୍ତୁ
ମାର୍କଶିଟ୍ | ପ୍ରପର୍ଟି | ବ୍ୟବସାୟ | ପର୍ସନାଲ
ସମସ୍ତ ଋଣ
0% ସୁଧ 40% ସବ୍‌ସିଡି
ରୁଚିତା :- 7649061623
ପୂଜା :- 7587660596
ପାୟଲ:- 7772806247

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ।
Bausnpola, Bijepur, Bargarh
7656825220
7656825217

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣି
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

MICRO FINANCE LIMITED
ଆଧାରକାର୍ଡ, ସାର୍ଟିଫିକେଟ୍, ରାଶନକାର୍ଡ, ପର୍ସନାଲ, ବ୍ୟବସାୟ, ଏଗ୍ରିକଲ୍ଚର, ମାଛଚାଷ, ସମସ୍ତ ଋଣ
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ
1% ସୁଧ, 50% ରିହାତି
ହେଲ୍‌ପଲାଇନ୍
09709055823
09709055823

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବାଇକ୍ ଧକ୍କାରେ ଯୁବକ ଗୁରୁତର

**ବିନିକା:** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ମୁଖ୍ୟରାସ୍ତାରେ ରବିବାର ରାତି ପ୍ରାୟ ୭ଟା ସମୟରେ ଏକ ବାଇକ୍ ଧକ୍କାରେ ଚରଦା ଗ୍ରାମର ସତ୍ୟ ଝାଙ୍କର (୪୦) ଗୁରୁତର ଆହତ ହୋଇଛନ୍ତି । ତାଙ୍କ ହାତ ଭାଙ୍ଗି ଯାଇଛି । ତାଙ୍କୁ ବିନିକା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣା ଘଟାଇ ବାଇକ୍ ଚାଳକ ଫେରାର ହୋଇଯାଇଛି ।

# ଯେତେ ଖୁସି ଥିଲା ଏବେ ସେତେ ଚିନ୍ତା

- ନିର୍ମାଣାଧୀନ ହକି ମିନି ଷ୍ଟାଡିୟମରେ ନିମ୍ନମାନର କାମ
- ବିଳମ୍ୱ ହେଉଛି ପ୍ରକଳ୍ପ କାମ
- ନଷ୍ଟ ହେଉଛି ହକି ଟର୍ଫ

**ଶୁଭାଶିଷ ପାଢ଼ୀ**
**ସମ୍ବଲପୁର, ୨୭।୯ (ବ୍ୟୁରୋ)**

କ୍ରୀଡାର ବିକାଶ ପାଇଁ ରାଜ୍ୟ ସରକାର ମିନି ଷ୍ଟାଡିୟମ ନିର୍ମାଣ କରୁଛନ୍ତି। ଏହିକ୍ରମରେ ସମ୍ବଲପୁର ଜିଲା ଯୁଯୁମୁରାରେ ୩ କୋଟି ୬୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ହକି ମିନି ଷ୍ଟାଡିୟମ ନିର୍ମାଣ ଚାଲିଛି। ହେଲେ ସେଠାରେ ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଛି। ଏହି ମିନି ଷ୍ଟାଡିୟମ ନିର୍ମାଣ ହେବା ନେଇ ଅଞ୍ଚଳବାସୀ ଓ କ୍ରୀଡା ପ୍ରେମୀ ଯେତିକି ଖୁସି ଥିଲେ ଏବେ ସେତିକି ଚିନ୍ତିତ। ଏପଟେ ବିଳମ୍ୱ, ସେପଟେ ଅନିୟମିତତା। ନିମ୍ନମାନର କାମକୁ ନେଇ ଆରମ୍ଭରୁ ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ନିର୍ମାଣ କାମ ଆରମ୍ଭ(ନିଅଁ)ରୁ ଏବେ ଛାତ ଢଳେଇ ପର୍ଯ୍ୟନ୍ତ ଅନିୟମିତତାକୁ ନେଇ ଅଭିଯୋଗ ହୋଇ ଆସୁଛି । ଦୁଇଦିନ ହେଲା ଢଳେଇ କାମ ଚାଲିଛି। ହେଲେ ଏଥିରେ ଆବଶ୍ୟକ, ସିମେଣ୍ଟ, ବାଲି, ଲୁହା ଛଡ ବ୍ୟବହାର କରାଯାଉନାହିଁ । ନିୟମ ଅନୁସାରେ ମିଲର ମେଶିନ ବ୍ୟବହାର କରି ଢଳେଇ ପକାଇବା କଥା। ହେଲେ ଏଠାରେ ସାଧାରଣ ମେଶିନ ବ୍ୟବହାର କରି ଛାତ ପକାଯାଉଛି। ଠିକାଦାର ଯାହା କହୁଛନ୍ତି ସେହିଭଳି ଭାବେ ମିଶ୍ରଣ କରାଯାଉଛି । ଗୋଟିଏ କଢେଇ ସିମେଣ୍ଟରେ ଗୋଟିଏ କଢେଇ ବାଲି ଓ ୨ କଢେଇ ଗେଟି ମିଶ୍ରଣ ହେବା ନିୟମ ଥିବା ବେଳେ ଗୋଟିଏ କଢେଇ ସିମେଣ୍ଟକୁ ୮ କଢେଇ ବାଲି ଓ ୭ରୁ ୯ କଢେଇ ଗେଟି ମିଶ୍ରଣ କରାଯାଉଥିବା କାମ କରୁଥିବା ଶ୍ରମିକମାନେ କହୁଛନ୍ତି । ଏଥିରୁ କାମ କିପରି ଚାଲିଛି ତାହା ସ୍ପଷ୍ଟ ହେଉଛି ।

ଅପରପକ୍ଷରେ ନିର୍ମାଣ କାମ ବିଳମ୍ୱ ହେବାରୁ ଷ୍ଟାଡିୟମରେ ବିଛାଇବାକୁ ଆସିଥିବା ଟର୍ଫ ବ୍ଲକ ଅଫିସ ପରିସରରେ ଖରା, ବର୍ଷାରେ ପଡି ନଷ୍ଟ ହେବାକୁ ବସିଲାଣି। ତେଣୁ ଏହା ବିଛାଇଲା ପରେ ମଧ୍ୟ ତାହାର ସ୍ଥାୟିତ୍ୱକୁ ନେଇ ସନ୍ଦେହ ସୃଷ୍ଟି ହେଲାଣି। ଏହି ପ୍ରକଳ୍ପ ଯୁଯୁମୁରାରେ ହେବାରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀଙ୍କ ପ୍ରମୁଖ ଭୂମିକା ରହିଛି। ସେ ଅନୁଦାନର ବ୍ୟବସ୍ଥା କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ନିର୍ମାଣ କାମ ଏବେ ଚାଲିଛି । ଏହାକୁ ନେଇ ବିଧାୟକ ପୂଜାରୀ ସେ ସମୟରେ ପ୍ରଶଂସା ସାଉଁଟିଥିଲେ। ହେଲେ ଏବେ ବିରୋଧୀ ଓ ଅଞ୍ଚଳବାସୀଙ୍କ ସମାଲୋଚନା ଶିକାର ହେଉଛନ୍ତି। ଇଞ୍ଜିନିୟର ପି.ବି. ବଳିଆର ସିଂ କହିଛନ୍ତି ଯେ, ମିଲର ମେଶିନ ବ୍ୟବହାର କରି ଢଳେଇ କରିବାକୁ ନିୟମ ରହିଛି। ହେଲେ ସମ୍ବଲପୁର ସହରରୁ ଏଠାକୁ କେହି ଆସି କାମ କରିବାକୁ ରାଜି ହେଲେ ନାହିଁ । ଏଣୁ କାମରେ ବିଳମ୍ୱ ହୋଇଛି। ଆସନ୍ତା ଡିସେମ୍ବର ସୁଦ୍ଧା ପ୍ରକଳ୍ପ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ବିଧାୟକ ପୂଜାରୀ କହିଛନ୍ତି ଯେ, ନିମ୍ନମାନର କାମ ହେବା କଥା ନୁହେଁ । ଯୁଯୁମୁରା ବ୍ଲକ୍ ଅଞ୍ଚଳରେ ଅନେକ ହକି ପ୍ରତିଭା ରହିଛନ୍ତି। ସେମାନଙ୍କୁ ଆଖି ଆଗରେ ରଖି ଏଠାରେ ହକି ମିନି ଷ୍ଟାଡିୟମ ନିର୍ମାଣ କରାଯାଉଛି। ଜିଲା ଓ ରାଜ୍ୟ ବାହାରୁ ଏଠାକୁ ଖେଳାଳି ଆସିବେ। ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ହକି ଟୁର୍ନାମେଣ୍ଟ ଆୟୋଜିତ ହେବ। ଏଠାରେ ଖେଳାଳିଙ୍କୁ ତାଲିମ ପ୍ରଦାନ କରାଯିବ। ଖେଳାଳି ମଧ୍ୟ ଅଭ୍ୟାସ କରିପାରିବେ। ସୂଚନାଯୋଗ୍ୟ ଯେ, ୨୦୧୮ରେ ଓଡିଶାରେ ହକି ବିଶ୍ୱକପ୍ ଅନୁଷ୍ଠିତ ହୋଇଥିଲା। ସେ ସମୟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଲାଗିଥିବା ହକି ଟର୍ଫ ପରିବର୍ତ୍ତନ ହୋଇଥିଲା। ସେହି ଟର୍ଫକୁ ଏଠାକୁ ଅଣାଯାଇଛି।


ସମ୍ବଲପୁର ଯୁଯୁମୁରାଠାରେ ହକି ପଡିଆ ନିର୍ମାଣ କାମ ଚାଲିଛି ।



ସମ୍ବଲପୁର ବୁଢ଼ାରଜାଠାରେ ରବିବାର ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ଜୀବନ ସୁରକ୍ଷିତ ଓ ସୁସ୍ଥ ପ୍ଲାକାର୍ଡ ଧରି ସଚେତନ କରାଯାଉଛି।

## ସଂକ୍ଷେପରେ

### ଏଥର ଧମା ପ୍ରସିଦ୍ଧ ବଏଲ ଯାତ୍ରା ବନ୍ଦ

**ଧମା, ୨୭।୯ (ଡି.ଏନ.ଏ.):** ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ୍ ଧମା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଝାଡେଶ୍ୱରୀ ଦେବୀଙ୍କ ବଏଲ ଯାତ୍ରା ତଥା ଝାରିଯାତ୍ରା ତାହା ଏଥର ହେବ ନାହିଁ। ପୂଜା କମିଟି ପକ୍ଷରୁ କରୋନା କଟକଣା ଲାଗି ଏହି ନିଷ୍ପତ୍ତି ନିଆଯାଇଛି। ଭକ୍ତଙ୍କ ପାଇଁ ମନ୍ଦିର ବାରଣା କରାଯାଇଛି। କେବଳ ମା'ଙ୍କ ନୀତିକାନ୍ତି ଭିତରେ ହିଁ ଯାତ୍ରାପର୍ବ ସୀମିତ ରହିବ। ସୂଚନାଯୋଗ୍ୟ, ପୂଜା କମିଟି ପକ୍ଷରୁ କୋଭିଡ୍ ନିୟମ ପାଳନ ପୂର୍ବକ ପରମ୍ପରା ପାଳନ ପାଇଁ ଜିଲା ପ୍ରଶାସନକୁ ଅନୁମତି ମଗାଯାଇଥିଲା। ହେଲେ କେବଳ ମନ୍ଦିର ଭିତରେ ଭକ୍ତ ବିହୀନ ନୀତିକାନ୍ତିକୁ ଅନୁମତି ମିଳିଛି।

### ୩ ଲକ୍ଷ ୨୮ ହଜାର ଜରିମାନା ଆଦାୟ

**ସମ୍ବଲପୁର, ୨୭।୯ (ବ୍ୟୁରୋ):** ସମ୍ବଲପୁର ଜିଲାରେ କରୋନା ସଂକ୍ରମଣ ଯେଭଳି ଭାବେ ବୃଦ୍ଧି ପାଉଛି ଏହାକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ମଧ ପଦକ୍ଷେପ ଗ୍ରହଣ କରୁଛି । ବିଭିନ୍ନ ସ୍ଥାନରେ ମାସ୍କ, ହେଲମେଟ ଓ ବିନା କାରଣରୁ ଘରୁ ବାହାରୁଥିବା ଲୋକମାନଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ରବିବାର ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଯାଞ୍ଚ କରାଯାଇଥିଲା । ମାସ୍କ ନ ପିନ୍ଧିବାରୁ ୧୭୭ ଜଣ, ମୋଟର ଯାନ ପାଇଁ ୨୭୨, କଣ୍ଟେନମେଣ୍ଟ ଜୋନ ନିୟମ ଭଙ୍ଗ କରିବାରେ ୭୮ ଜଣ, ୧୪୪ ଧାରା ଲାଗୁ ସ୍ଥାନରେ ନିୟମ ମାନୁ ନ ଥିବା ୧୨ ଜଣଙ୍କ ପାଖରୁ ମୋଟ ୩ ଲକ୍ଷ ୨୮ ହଜାର ୩ ଶହ ଟଙ୍କା ଜରିମାନା ଅଦାୟ କରାଯାଇଛି ।

### ଜିଲା ବିଜେଡି ଯୁବ ସଭାପତି ସମ୍ବର୍ଦ୍ଧିତ

**ବିନିକା, ୨୭।୯(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କାର୍ଯ୍ୟାଳୟ ପରିସର ମଧରେ ଶନିବାର ଜିଲା ବିଜେଡି ଯୁବ ସଭାପତି ଭାବେ ମନୋନୀତ ଅଶୋକ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ବିନିକା ବ୍ଲକ ବିଜେଡି ଯୁବ ସଭାପତି ପ୍ରତାପ ଚାନ୍ଦ ,ବିନିକା ବ୍ଲକ ସରପଞ୍ଚ ସଂଘ ସଭାପତି ଲକ୍ଷ୍ମଣ ସାହୁ , ସରପଞ୍ଚ ମାନସ ବେହେରା, ବିଜେଡି ନେତା ସୂର୍ଯ୍ୟ ନାରାୟଣ ସାହୁ ,ମହେଶ୍ୱର ମହାକୁର , ମନୋଜ ସାହୁଙ୍କ ସମେତ ବହୁ ଦଳୀୟ ନେତା ଯୋଗଦେଇ ସଭାପତି ନନ୍ଦଙ୍କୁ ପୁଷ୍ପମାଲ୍ୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

### ହିନ୍ତରାଇରେ ଫସଲ ନଷ୍ଟ କଲେ ହାତୀ

**ନାକଟିଦେଉଳ, ୨୭।୯(ଡି.ଏନ.ଏ.):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକର ଡଇଁଚା ପଞ୍ଚାୟତର ହିନ୍ତରାଇ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ହାତୀ ପଲ ଧାନ କ୍ଷେତରେ ପଶି ନଷ୍ଟ କରିଛନ୍ତି। ଯଶୋବନ୍ତ ଗଡ଼ନାୟକ, ପ୍ରଫୁଲ୍ଲ ଗଡ଼ନାୟକ, ଅଚ୍ୟୁତ ଗଡ଼ନାୟକ, ନାରାୟଣ ଗଡ଼ନାୟକ, ଅକ୍ଷୟ ଗଡ଼ନାୟକ, କରୁଣାକର ମାଝି, ବିଷ୍ଣୁ ଚରଣ ମାଝିଙ୍କ ସମେତ ପ୍ରାୟ ୧୦ରୁ ଅଧିକ ଚାଷୀଙ୍କ ଧାନ ଚାଷରେ କ୍ଷତି ଘଟିଛି। ସେହିଭଳି କେତେକ ଚାଷୀ ରାଶି ଚାଷ କରିଥିବାବେଳେ ହାତୀପଲ ତାହା ମଧ ମାଡିଦଳି ନଷ୍ଟ କରିଛନ୍ତି।

### ଟିକିରା ନଦୀରେ ବୁଡ଼ିଗଲେ ଯୁବକ

**ନାକଟିଦେଉଳ, ୨୭।୯(ଡି.ଏନ.ଏ.):** ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅଧୀନ ବାଟଗାଁ ନିକଟସ୍ଥ ଟିକିରା ନଦୀର ଜାମୁନାଳୀଠାରେ ଗାଧୋଉଥିବାବେଳେ ରବିବାର ମଧାହ୍ନରେ ଜଣେ ଯୁବକ ବୁଡ଼ି ଯାଇ ନିଖୋଜ ଅଛନ୍ତି। ଏହି ଯୁବକ ଜଣକ ହେଲେ ବାଟଗାଁ ପଞ୍ଚାୟତ କେଲୋବେର୍ଣ୍ଣି ଗ୍ରାମର ଧନୁ ଧଳଙ୍କ ପୁଅ ଅମିତ ଧଳ (୨୨)। ଗାଁର ଅନ୍ୟ ୫ଜଣ ସାଙ୍ଗଙ୍କ ସହିତ ମିଶି ଟିକିରା ନଦୀର ଜାମୁନାଳୀକୁ ସେ ଭୋଜି କରିଯାଇଥିଲେ। ରୋଷେଇ ସରିବା ପରେ ସମସ୍ତେ ଗାଧୋଉଥିବା ବେଳେ ଅମିତ ବୁଡ଼ି ଯାଇଥିଲେ। ସାଙ୍ଗମାନେ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଘରକୁ ଫେରିବା ପରେ ତାଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଏହି ଖବର ପାଇ ନାକଟିଦେଉଳ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ଅମିତ ମିଳି ନ ଥିଲେ। ତେବେ ସନ୍ଧ୍ୟା ହୋଇ ଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଛି। ସୋମବାର ସକାଳୁ ପୁଣି ଥରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବ।

## ଭୂମିହୀନ ଆଳରେ ସରକାରୀ ଜମି ଜବରଦଖଲ

**ସବ୍‌ଡେଗା, ୨୭।୯ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ସବ୍‌ଡେଗା ବ୍ଲକ୍ ତଥା ସବ୍‌ଡେଗା ତହସିଲ ଅଧୀନ ଜଗତଗଡ ରାସ୍ତା କଡରେ ଥିବା ପଟ୍ଟାଧାରୀଙ୍କ ଜମିଗୁଡିକ ଜବରଦଖଲ ହେଉଛି। ଉକ୍ତ ଜମିଗୁଡ଼ିକର କିଛି ଅଂଶ ସରକାରୀ ଜମି ବୋଲି କହି ଜଣେ ବ୍ୟକ୍ତି ଜୋରଜବରଦସ୍ତ ଦଖଲ କରି ସେଠାରେ ଝୁମ୍ପୁଡି ଘର ତିଆରି କରୁଛନ୍ତି। ଏହା ପଟ୍ଟାଧାରୀ ଲୋକଙ୍କ ମୁଣ୍ଡବ୍ୟଥାର କାରଣ ସାଜିଛି। ସେ ନିଜକୁ ଭୂମିହୀନ କହି ଲୋକଙ୍କ ସ୍ଥିତିବାନ ଜମିକୁ ଲାଗି ରହିଥିବା ସରକାରୀ ଜମିକୁ ଆଖି ପକାଉଛନ୍ତି। ପଟ୍ଟାଧାରୀ ବ୍ୟକ୍ତି ବିରୋଧ କଲେ ଉକ୍ତ ପରିବାରର ମହିଳାମାନେ ଧମକାଉଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଏଭଳି ଭାବେ ଅନେକ ସରକାରୀ ଜାଗା ଜବରଦଖଲ କରି ବହୁ ଘର ତିଆରି କରିଛନ୍ତି। ଉକ୍ତ ଘରଗୁଡ଼ିକରେ ବେଆଇନ କାରବାର ଚାଲିଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଲୋକେ ଏ ନେଇ ପ୍ରଶାସନର ଆଶ୍ରୟ ନେଉଛନ୍ତି । ହେଲେ ସମ୍ପୃକ୍ତ ବ୍ୟକ୍ତି ନିଜକୁ ଭୂମିହୀନ କହି ଅନୁନୟ ବିନୟ ହେଉଛନ୍ତି। ତେବେ ଅତିଶୀଘ୍ର ଜବରଦଖଲ ଉଚ୍ଛେଦ କରାଯିବ ବୋଲି ତହସିଲଦାର ସୁଦୀପ ଟପ୍ପୋ କହିଛନ୍ତି।

## ବିଧାୟିକାଙ୍କୁ ଦାବିପତ୍ର ଦେଲା ମହିଳା ସଂଘ

**ବରପାଲି, ୨୭।୯ (ଡି.ଏନ.ଏ.)**

ବରଗଡ଼ ଜିଲା ବରପାଲି ସହରର କେତେକ ପ୍ରମୁଖ ସମସ୍ୟାର ସମାଧାନ ଦାବିରେ ରବିବାର ସ୍ଥାନୀୟ ମହିଳା ସଂଘ ପକ୍ଷରୁ ବିଜେପୁର ବିଧାୟିକା ରୀତା ସାହୁଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ପ୍ରମୁଖ ଦାବିଗୁଡିକ ମଧରେ ରେଲ୍‌ୱେ ଓଭରବ୍ରିଜ କାମ ଅଧାପନ୍ତରିଆ ଭାବେ ପଡି ରହିବା ଯୋଗୁ ଯାତାୟାତରେ ସମସ୍ୟା ସୃଷ୍ଟି ହେବା ସହ ଛୋଟବଡ଼ ଦୁର୍ଘଟଣା ଘଟୁଛି। ତେଣୁ ଯଥାଶୀଘ୍ର ଏହି କାମ ସମ୍ପୂର୍ଣ୍ଣ କରାଯାଉ। ସେହିପରି ଡାକ୍ତରଖାନା ରାସ୍ତା ଅଣଓସାରିଆ ହୋଇଥିବାରୁ ସହରବାସୀ ଅସୁବିଧା ମଧରେ ଯିବା ଆସିବା କରୁଛନ୍ତି । ଅନ୍ୟପକ୍ଷରେ ପ୍ରମୁଖ ଛକଗୁଡ଼ିକରେ ଟ୍ରାଫିକ୍ ସମସ୍ୟା, ଅସମ୍ପୂର୍ଣ୍ଣ ହୋଇ ପଡି ରହିଥିବା ଗଙ୍ଗାଧରଙ୍କ ସମାଧି ପୀଠ, ଶ୍ମଶାନ ଘାଟ ଓ ଅସ୍ତିତ୍ୱ ହରାଇ ବସିଥିବା ଶିଶୁ ଉଦ୍ୟାନର ପୁନରୁଦ୍ଧାର କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ମହିଳା ସଂଘ ସଭାନେତ୍ରୀ ଲୀଳାବତୀ ତ୍ରିପାଠୀ, ସ୍ନିଗ୍ଧାରାଣୀ ଦେବତା, ଘରଯୁଗି ବାରିକ ଓ ସୁକାନ୍ତି ମେହେର ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ପ୍ଲାଜମା ଦାନ କଲେ ହୋମଗାର୍ଡ଼

**ବରଗଡ଼ ଅଫିସ୍, ୨୭।୯**

ବରଗଡ଼ ଜିଲା ପୋଲିସ ଅଧୀନରେ କାମ କରୁଥିବା ହୋମଗାର୍ଡ଼ ରାଜୀବ ବରିହା ପ୍ଲାଜମା ଦାନ କରିଛନ୍ତି। ଶନିବାର ସେ ବୁର୍ଲାସ୍ଥିତ ଭୀମସାର୍‌କୁ ଯାଇ ପ୍ଲାଜମା ଦାନ କରିଥିଲେ। ବରଗଡ଼ ଏସପି ପଦ୍ମିନୀ ସାହୁ ରାଜୀବଙ୍କୁ ପ୍ରଶଂସା କରି ତାଙ୍କର ଏଭଳି ମାନବିକତା ଯୋଗୁ ଜିଲା ପୋଲିସ ଗର୍ବିତ ବୋଲି କହିଛନ୍ତି ।

## ଟେଣ୍ଡର ପରେ ବି ବାଲି ଚୋରା ଚାଲାଣ

**ଜୁନାଗଡ, ୨୭।୯(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ତହସିଲ ଅଧୀନ ଆଟିଗାଁ ବାଲିଘାଟରେ ଗତ ୩ ବର୍ଷ ହେଲା ବେଆଇନ ଭାବେ ବିନା ରାଜସ୍ୱରେ ବାଲି ଚୋରା ଚାଲାଣ ଚାଲିଛି। ସ୍ଥାନୀୟ କିଛି ମୁଷ୍ଟିମେୟ ବ୍ୟକ୍ତି ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ପିଛା ପ୍ରାୟ ଦେଢ ଶହ ଟଙ୍କା ଆଦାୟ କରୁଛନ୍ତି। ରାଜନୈତିକ ଚାପ ଯୋଗୁ ପ୍ରଶାସନ ମଧ୍ୟ ସେମାନଙ୍କ ବିରୋଧରେ ଆଜିଯାଏ କାର୍ଯ୍ୟାନୁଷ୍ଠାନ ନେବାକୁ ସାହସ କରୁନି। ଫଳରେ ପ୍ରତିଦିନ ଟ୍ରିପ୍ ଟ୍ରିପ୍ ବାଲି ଚାଲାଣ ହେଉଛି। ଏଥିପ୍ରତି ରାଜସ୍ୱ ବିଭାଗ ଠିକ୍‌ରେ ଦୃଷ୍ଟି ଦେଉ ନ ଥିବାରୁ ଗତ ୩ ବର୍ଷରେ ସରକାରଙ୍କ ପ୍ରାୟ ୨୦ଲକ୍ଷରୁ ଅଧିକ ଟଙ୍କା ରାଜସ୍ୱ ହାନି ହେଲାଣି।

ଗତ ମେ ମାସରେ ଆଟିଗାଁ ବାଲି ଘାଟ ଟେଣ୍ଡର ହୋଇଥିଲା। ତେବେ ସରକାରଙ୍କ ଅବହେଳା ଯୋଗୁ ବର୍ତ୍ତମାନ ଯାଏଁ ବିଡରମାନଙ୍କୁ ପରିବେଶ ମଞ୍ଜୁରୀ (ଇସି) ପ୍ରଦାନ କରାଯାଇପାରିନାହିଁ। ଫଳରେ ବିଡରଙ୍କୁ ତହସିଲ ପକ୍ଷରୁ ବାଲି ଉଠାଇବାକୁ ଅନୁମତି ଦିଆଯାଉନାହିଁ। ଏହାର ଫାଇଦା ଉଠାଉଛନ୍ତି ସ୍ଥାନୀୟ କିଛି ମୁଷ୍ଟିମେୟ ବ୍ୟକ୍ତି। ଟ୍ରାକ୍ଟର ମାଲିକମାନେ ବାଧ ହୋଇ ଏମାନଙ୍କୁ ପ୍ରତିଦିନ ଟ୍ରିପ୍ ପିଛା ଦେଢଶହ ଟଙ୍କା ଦେଇ ବାଲି ନେଉଛନ୍ତି। ପ୍ରତିଦିନ ଆଟିଗାଁ ବାଲିଘାଟରେ ୫୦ରୁ ୬୦ ଟ୍ରାକ୍ଟର ଲାଗୁଛି। ହିସାବ ଦେଖିଲେ ଗତ ୩ ବର୍ଷରେ ପ୍ରାୟ ୨୦ଲକ୍ଷ ଟଙ୍କା ରାଜସ୍ୱ ହାନି ହେଲାଣି। ବେଆଇନ ବାଲି ଚାଲାଣ କରି ଏହି ମୁଷ୍ଟିମେୟ ବ୍ୟକ୍ତିମାନେ ଏବେ ମାଲାମାଲ। ଧରାପଡିଲେ ରାଜନୈତିକ ଚାପ ପକାଇ ଖସି ଯାଉଛନ୍ତି। ହେଲେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଟେଣ୍ଡର ପାଇଥିବା ବିଡର ଏବେ ଇସି ଅଭାବରୁ ବାଲି ଉଠାଇ ପାରୁ ନାହାନ୍ତି। ତେବେ ଏ ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଧର୍ମଗଡ ଉପଜିଲାପାଳ ଟି.ଏସ୍. ଦିବାକର କହିଛନ୍ତି।

## ଖବରକାଗଜ ବିତରକ ସଂଘର ଶୋକସଭା

**ବରଗଡ଼ ଅଫିସ୍, ୨୭।୯**

ଭୁବନେଶ୍ୱରର ଖବରକାଗଜ ବିତରକ ଏ.କେ. ନାୟକଙ୍କ ପରଲୋକରେ ବରଗଡ଼ ଜିଲା ଖବରକାଗଜ ବିତରକ ସଂଘ ପକ୍ଷରୁ ରବିବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗାନ୍ଧୀଛକ ନିକଟ ବୀର ସୁରେନ୍ଦ୍ର ସାଏଙ୍କ ମୂର୍ତ୍ତିତଳେ ହୋଇଥିବା ଏହି ଶୋକସଭାରେ ସଂଘ ସଭ୍ୟବୃନ୍ଦ ୨ମିନିଟ୍ ନୀରବ ପ୍ରାର୍ଥନା କରିବା ସହିତ ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ କରିଥିଲେ। ସଂଘ ସଭାପତି ଜୟପ୍ରକାଶ କୁମ୍ଭାର, ସମ୍ପାଦକ ଗଙ୍ଗାଧର କନ୍ଧେର ପ୍ରମୁଖ ଉପସ୍ଥିତ ଥିଲେ।



ବରଗଡ଼ ଜିଲା ଖବରକାଗଜ ବିତରକ ସଂଘ ସଦସ୍ୟବୃନ୍ଦ ନୀରବ ପ୍ରାର୍ଥନା କରୁଛନ୍ତି ।

## ରାଶନ କାର୍ଡ ବଣ୍ଟନର ଶୁଭାରମ୍ଭ

**ବରଗଡ଼ ଅଫିସ୍, ୨୭।୯**

ବରଗଡ଼ ବ୍ଲକ କଳପାଣି ପଞ୍ଚାୟତ କାର୍ଯ୍ୟାଳୟରେ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ଼ ବଣ୍ଟନ କରାଯାଇଛି। ସ୍ଥାନୀୟ ସରପଞ୍ଚ କେ.ଭି ରେଡ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥିଭାବେ ଯୋଗଦେଇ ରାଶନ କାର୍ଡ଼ ବଣ୍ଟନର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଉମେଶ ପଣ୍ଡା, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର, ଆଇନ ପରାମର୍ଶଦାତା ବଳିଷ୍ଠ ପ୍ରଧାନ, ଶିଳ୍ପପତି ବାସୁଦେବ ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରବୀଣ ଗୁପ୍ତା, ମାନକୁନୁ ପ୍ରଧାନ, ବିପିନ ପ୍ରଧାନ, ପ୍ରଦୀପ ସାହୁ, ତେଜରାଜ ବିଶ୍ୱାଳ, ଗୋବିନ୍ଦ ମହାପାତ୍ର ପ୍ରମୁଖ କାଯର୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଜମିହରା ଚାଷୀଙ୍କୁ ମିଳିଲା ପ୍ରଥମ କିସ୍ତି କ୍ଷତିପୂରଣ

**ଭବାନୀପାଟଣା, ୨୭।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ମରୁଡି ପ୍ରପୀଡିତ ଗୋଲାମୁଣ୍ଡା ବ୍ଲକର ମହାଲିଙ୍ଗ ଓ କୁଲିଆପଡା ଅଞ୍ଚଳରେ ଚାଷୀଙ୍କ ସୁବିଧା ପାଇଁ ନିର୍ମାଣାଧୀନ ପଖାନଯୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଲାଗି ଜମି ହରାଇଥିବା ଚାଷୀଙ୍କୁ ପ୍ରଥମ କିସ୍ତି କ୍ଷତିପୂରଣ ଗତ ଶନିବାର ପ୍ରଦାନ କରାଯାଇଛି । ଏହି ପ୍ରକଳ୍ପ ସଂପୂର୍ଣ କାର୍ଯ୍ୟକାରୀ ହେବା ପରେ ଅନେକ ଜମିରେ ଦୁଇଟି ଫସଲ ହୋଇପାରିବ । ଏଥିପାଇଁ ଅନେକ ଚାଷୀଙ୍କ ଜମି ଗତ ତିନିବର୍ଷ ପୂର୍ବେ ଅଧିଗ୍ରହଣ ହୋଇଥିଲା। ତେବେ ସେମାନଙ୍କ ମଧ୍ୟରୁ ପ୍ରଥମ କିସ୍ତିରେ ଚାରିଜଣ ଚାଷୀଙ୍କୁ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କ୍ଷତିପୂରଣ ବାବଦରେ ଚେକ୍ ପ୍ରଦାନ କରିଥିଲେ । ଆଗାମୀ ୧୫ ଦିନ ମଧ୍ୟରେ ସମସ୍ତ କ୍ଷତିଗ୍ରସ୍ତ ଚାଷୀ କ୍ଷତିପୂରଣ ଟଙ୍କା ଚେକ୍ ମାଧ୍ୟମରେ ପାଇଯିବେ ଏହି କାର୍ଯ୍ୟକ୍ରମରେ କ୍ଷୁଦ୍ରଜଳସେଚନ ବିଭାଗ କଳାହାଣ୍ଡି ନିର୍ବାହୀ ଯନ୍ତ୍ରୀ ରମେଶ କୁମାର ସାବତ, ଧୀରେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## ସାମ୍ବାଦିକ ଭବନର ଭୂମିପୂଜା

**ବିନିକା, ୨୭।୯(ଡି.ଏନ.ଏ.)**

ରବିବାର ସକାଳେ ବିନିକା ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ସହରରେ ନିର୍ମିତ ହେବାକୁ ଥିବା ସାମ୍ବାଦିକ ଭବନର ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିନିକା ବ୍ଲକ ଅଧକ୍ଷ ଅଶୋକ ନନ୍ଦ ଭୂମିପୂଜା କରିଥିଲେ । ଏହି ଉତ୍ସବରେ ସଂଘ ସଭାପତି ଅକ୍ଷୟ ପୂଜାରୀ, ଉପ ସଭାପତି ଅଶୋକ ପଣ୍ଡା, ସମ୍ପାଦକ ଦଧିବାମନ ନାୟକ, ସହ ସମ୍ପାଦକ ବିପ୍ଳବ ରଞ୍ଜନ ଦାଶ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧରେ ଖବରଦାତା ବିରେନ୍ଦ୍ର ପୋଢ, ଦିଲୀପ ସାହୁ ,ସନାତନ ପୂଜାହାରୀ, ସୁବ୍ରତ ମିଶ୍ର ,କାହ୍ନୁ ଚରଣ ତ୍ରିପାଠୀ, ଶ୍ରୀବତ୍ସ ମଣ୍ଡଳ, ସଂଗ୍ରାମ ଶେଖର ହୋତା, ଗଙ୍ଗାରାମ ଭୋଇ, ମିଥୁନ ବାରିକ, ରାଜକୁମାର ବାରିକ, ରାଜକୁମାର ମହାକୁର, ବାହାଦୁର ତରିଆଙ୍କ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।


ଭୂମିପୂଜନ ଉତ୍ସବରେ ବ୍ଲକ ଅଧକ୍ଷ ଓ ଅନ୍ୟମାନେ ।

## ଇଚ୍ଛାଶକ୍ତି ଆଗରେ ହାର୍ ମାନିଛି ଦୃଷ୍ଟିବାଧକତା

**ବରଗଡ ଅଫିସ, ୨୭।୯**

ନାଁ ତାଙ୍କର ଡୋଳାମଣି ମହାନନ୍ଦ। ବୟସ ୩୦। ବରଗଡ଼ ଜିଲା ବିଜେପୁର ବ୍ଲକ ଯୋଖିପାଲି ପଞ୍ଚାୟତ ଲିଟିପାଲିରେ ତାଙ୍କ ଘର। ମିଶ୍ର ମହାନନ୍ଦଙ୍କ ଏକମାତ୍ର ପୁଅ ଡୋଳାମଣି ଦୃଷ୍ଟିବାଧିତ। ହେଲେ ତାଙ୍କ ଇଚ୍ଛାଶକ୍ତି ଆଗରେ ସବୁକିଛି ହାର୍ ମାନିଛି । ପିଲାବେଳୁ ଜଣେ ମେଧାବୀ ଛାତ୍ର ଥିବା ଡୋଳାମଣି ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର(ଡିଆଇଟି) ବରଗଡ଼ରେ କୃତିତ୍ୱର ସହିତ ପ୍ରଶିକ୍ଷଣ ସମାପନ ପରେ ଏବେ ଘରେ ଅଛନ୍ତି ।

ଡୋଳାମଣି ଜନ୍ମରୁ ଦୃଷ୍ଟିଶକ୍ତି ହରାଇ ନ ଥିଲେ। ଦୁଇଆଖିକୁ ଭଲ ଦେଖାଯାଉଥିଲା। ତେବେ ସେ ଯେତେବେଳେ ଗ୍ରାମ ନିକଟ ବରିକେଲ ହାଇସ୍କୁଲରେ ନବମ ଶ୍ରେଣୀ ପଢୁଥିଲେ, ସେତେବେଳୁ ଦୃଷ୍ଟିଶକ୍ତି ହରାଇ ବସିଥିଲେ ବୋଲି କହିଛନ୍ତି । ଏଥିପାଇଁ ପରିବାର ଲୋକେ ତାଙ୍କୁ ପଦ୍ମପୁର ଉପଖଣ୍ଡ ଦୀପ୍ତିପୁର ଚକ୍ଷୁ ଚିକିତ୍ସାଳୟକୁ ନେଇଥିଲେ। ପୁଅର ଆଖି ଭଲ ହୋଇଯିବ ବୋଲି ମଧ୍ୟ ଭାବିଥିଲେ। ମାତ୍ର କିଛି ସୁଫଳ ମିଳି ନ ଥିଲା। ତଥାପି ଡୋଳାମଣି ଭାଙ୍ଗି ପଡ଼ି ନ ଥିଲେ। ସ୍କୁଲକୁ ଯିବା ସହିତ ଘରେ ମଧ୍ୟ ପଢ଼ାପଢ଼ି କରିଥିଲେ। ମାଟ୍ରିକ ପରୀକ୍ଷାରେ ପାସ୍ କରି ସ୍ଥାନୀୟ ନଅଗାଁ କଲେଜରେ ସେ ଯୁକ୍ତ ଦୁଇରେ ନାମ ଲେଖାଇଥିଲେ। କିନ୍ତୁ ତାଙ୍କ ପରିବାର ଲୋକେ ନିହାତି ଗରିବ ଶ୍ରେଣୀର ହୋଇଥିବା ଯୋଗୁ ଡୋଳାମଣି ସେଠାରେ ପଢ଼ି ପାରିଲେ ନାହିଁ । ଗତ ୨୦୧୫ରେ ବିଜେପୁର ବ୍ଲକର ତତ୍କାଳୀନ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ(ଡବ୍ଲୁଇଓ) ସଞ୍ଜୟ ଭୋଇଙ୍କ ଦୃଷ୍ଟିରେ ସେ ପଡ଼ିଥିଲେ। ଡୋଳାମଣିଙ୍କ ପାଠପଢ଼ା ପ୍ରତି ଆଗ୍ରହ ଦେଖିବା ଡବ୍ଲୁଇଓ ଭୋଇ ତାଙ୍କୁ ପତ୍ର ବିନିମୟ ପାଠ୍ୟକ୍ରମ(କରେସ୍‌ପଣ୍ଡେନ୍ସ) ମାଧ୍ୟମରେ ଉଚ୍ଚଶିକ୍ଷା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଡୋଳାମଣି ୬୩ପ୍ରତିଶତ ମାର୍କ ରଖି ୨୦୧୭ରେ ଯୁକ୍ତ ଦୁଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏହାପରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ରରେ ନାମ ଲେଖାଇଥିଲେ। ୨୦୧୯ରେ ଏଠାରୁ ମଧ୍ୟ ୭୮ପ୍ରତିଶତ ନମ୍ବର ରଖି ସେ ଉତ୍ତୀର୍ଣ୍ଣ ହୋଇଛନ୍ତି ।

ଦୃଷ୍ଟିବାଧିତ ହେଲେ ସୁଦ୍ଧା ଡୋଳାମଣି ସଫଳତାର ପାହାଚକୁ ଚଢ଼ିବାରେ ଲାଗିଛନ୍ତି। ମାତ୍ର ଚିକିତ୍ସା ସତ୍ତ୍ୱେ ସେ ଦୃଷ୍ଟିଶକ୍ତି ଫେରି ନ ପାଇବା ତାଙ୍କ ପରିବାର ପାଇଁ ଚିନ୍ତା ପାଲଟିଛି। ସେଥିପାଇଁ ଭୁବନେଶ୍ୱରସ୍ଥିତ ଏଲ.ଭି. ପ୍ରସାଦ ଚକ୍ଷୁ ଚିକିତ୍ସାଳୟକୁ ପରିବାର ଲୋକେ ନେଇଛନ୍ତି । ତାଙ୍କୁ ଚେନ୍ନାଇସ୍ଥିତ ଶଙ୍କର ନେତ୍ରାଳୟକୁ ନେଇ ଚିକିତ୍ସା କରାଗଲେ ସେ ଭଲ ହୋଇ ପାରନ୍ତେ ବୋଲି ସେଠାକାର ଡାକ୍ତରମାନେ ପରାମର୍ଶ ଦେଇଥିବା ପରିବାର ଲୋକେ କହିଛନ୍ତି । କିନ୍ତୁ ଡୋଳାମଣିଙ୍କ ପରିବାର ଶ୍ରମଜୀବୀ ଶ୍ରେଣୀର ହୋଇଥିବା ଯୋଗୁ ପୁଅକୁ ଚିକିତ୍ସା ପାଇଁ ଚେନ୍ନାଇ ନେବାରେ ସକ୍ଷମ ହୋଇ ପାରି ନାହାନ୍ତି। ଅର୍ଥ ବାଧକ ସାଜିଛି । ସେଠାରେ ଚିକିତ୍ସା ବ୍ୟବସ୍ଥା ପାଇଁ ସରକାରୀ ସହାୟତା କିମ୍ବା କେହି ସହୃଦୟ ବ୍ୟକ୍ତି ସହଯୋଗର ହାତ ବଢ଼ାଇଲେ ସେ ପୁଣି ଦୃଷ୍ଟିଶକ୍ତି ଫେରି ପାଇବେ ବୋଲି ଆଶାବାଦୀ ଥିବା ଡୋଳାମଣି କହିଛନ୍ତି ।


ଡୋଳାମଣି ମହାନନ୍ଦ ।

# ନିଶିକୋରୀ, ଇସ୍ନରଙ୍କ ବିଜୟ ଅଭିଯାନ

**ପ୍ୟାରିସ୍,୨୭।୯ (ଏପି)**

## ଫ୍ରେଞ୍ଚ୍ ଓପନ୍ ଟେନିସ୍ ଆରମ୍ଭ

ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ କୁହାଯାଉଥିବା ଫ୍ରେଞ୍ଚ୍ ଓପନ୍‌ର ମୁଖ୍ୟ ଡ୍ର' ରବିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ରାଉଣ୍ଡରେ କେତେଜଣ ସିଡେଡ୍ ଖେଳାଳି ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ୧୧ତମ ସିଡ୍ ଖେଳାଳି ବେଲଜିୟମର ଡେଭିଡ୍ ଗଫିନ୍ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ସେ ୧୯ ବର୍ଷୀୟ ଇଟାଲୀ ଖେଳାଳି ଜାନ୍ନିକ ସିନରଙ୍କଠାରୁ ୭-୫, ୬-୦, ୬-୩ ସେଟ୍‌ରେ ପରାସ୍ତ ହୋଇଛନ୍ତି। ସିନର ଦ୍ୱିତୀୟଥର ପାଇଁ ଗଫିନ୍‌ଙ୍କୁ ହରାଇଛନ୍ତି। ଏହାପୂର୍ବରୁ ସେ ରୋଟ୍ଟରଡାମ ହାର୍ଡକୋର୍ଟ ଟୁର୍ନାମେଣ୍ଟରେ ମଧ୍ୟ ଗଫିନଙ୍କୁ ହରାଇଥିଲେ। ସେହିପରି ଆମେରିକାର ୨୧ତମ ସିଡ୍ ଖେଳାଳି ଜନ୍ ଇସ୍ନର ୬-୪, ୬-୧, ୬-୩ ସେଟ୍‌ରେ ସ୍ଥାନୀୟ ଖେଳାଳି ଏଲିଅଟ୍ ବେଞ୍ଚେଟ୍ରିଟ୍‌ଙ୍କ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେ ଏବେ ଆମେରିକାର ସେବାଷ୍ଟିଆନ କୋଡ୍ରାଙ୍କୁ ଭେଟିବେ। କୋଡ୍ରା ପ୍ରଥମ ରାଉଣ୍ଡରେ ଇଟାଲୀର ଆଣ୍ଡ୍ରି ସିପ୍ପିଙ୍କୁ ମାରାଥନ ୬-୨, ୪-୬, ୬-୩, ୬-୩ ସେଟ୍‌ରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ଜାପାନର କେଇ ନିଶିକୋରୀ ୧-୬, ୬-୧, ୭-୬, ୧-୬, ୬-୪ ମାରାଥନ ସେଟ୍‌ରେ ବ୍ରିଟେନର ଡାନିଏଲ ଇଭାନ୍ସଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି।


ଭିକ୍ଟୋରିଆ ଆଜାରେଙ୍କା

## ଦ୍ୱିତୀୟ ରାଉଣ୍ଡରେ ଅସ୍ତ୍ର ଶର୍ମା

### ମହିଳା ସିଙ୍ଗଲ୍ସ: ଭେନସଙ୍କ ବିପର୍ଯ୍ୟୟ: ଦ୍ୱିତୀୟ ରାଉଣ୍ଡରେ ହାଲେପ୍, ଆଜାରେଙ୍କା

ଫ୍ରେଞ୍ଚ୍ ଓପନ ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ବେଲାରୁଷର ଭିକ୍ଟୋରିଆ ଆଜାରେଙ୍କା ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ୧୦ମ ସିଡ୍ ମାନ୍ୟତା ପାଇଥିବା ଆଜାରେଙ୍କା ୬-୧, ୬-୨ ସେଟ୍‌ରେ ମୋଣ୍ଟେନେଗ୍ରୋର ଡାଙ୍କା କୋଭିନିକଙ୍କୁ ସହଜରେ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଆଜାରେଙ୍କା ସ୍ଲୋଭାକିଆର ଆନ୍ନା କାରୋଲିନା ସିମିଏଡୋଲଭାଙ୍କୁ ଭେଟିବେ। ଆନ୍ନା ପ୍ରଥମ ରାଉଣ୍ଡରେ ଆମେରିକାର ଭେନସ ୱିଲିୟମ୍ସଙ୍କୁ ୬-୪, ୬-୪ ସେଟ୍‌ରେ ହରାଇ ବିପର୍ଯ୍ୟୟ ଘଟାଇଛନ୍ତି।

ସେହିପରି ଭାରତୀୟ ବଂଶୋଦ୍ଭବ ଖେଳାଳି ଅଷ୍ଟ୍ରେଲିଆର ଅସ୍ତ୍ର ଶର୍ମା ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୨୫ ବର୍ଷୀୟ ଅସ୍ତ୍ର ପ୍ରଥମ ରାଉଣ୍ଡରେ ରୁଷିଆର ଆନ୍ନା ବ୍ଲିଙ୍କୋଭାଙ୍କୁ ୬-୩, ୨-୬, ୭-୫ ସେଟ୍‌ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ରୁଷିଆର ଏକାଟେରିନା ଆଲେକ୍‌ଜାଣ୍ଡ୍ରୋଭାଙ୍କୁ ଭେଟିବେ। ଏକାଟେରିନା ପ୍ରଥମ ରାଉଣ୍ଡରେ ମାଡିନସନ ଇଂଗିଲିସ୍‌ଙ୍କୁ ୬-୩, ୬-୩ ସେଟ୍‌ରେ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ସେହିପରି ଟପ୍‌ସିଡ୍ ମାନ୍ୟତା ପାଇଥିବା ରୋମାନିଆର ସିମୋନା ହାଲେପ ନିଜ ଜନ୍ମଦିନରେ ୬-୪, ୬-୦ ସେଟ୍‌ରେ ସ୍ପେନ୍‌ର ସାରା ସୋରିବ୍ସ ଟୋର୍ମୋଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ଦ୍ୱିତୀୟ ଜନ୍ମବାର୍ଷିକ ଶୁଭେଚ୍ଛା

ଆରୟାନ୍
ବମିଖାଲ, ଭୁବନେଶ୍ୱର
ଆଜି ତୋର ଦ୍ୱିତୀୟ ଜନ୍ମବାର୍ଷିକରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ।
-:ଶୁଭେଚ୍ଛା ସହ:-
ବାପା-ମାମା, ବନ୍ଧୁ ଓ ପରିବାରବର୍ଗ ।
ଧ-୧୮୪୦୧

4th Birthday Wish


Sanghamitra Patra
42 Mouza, Cuttack
ଆଜି ତୋର ଶୁଭ ଜନ୍ମଦିନ ଅବସରରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ତୋର ବୋଉ, ବାପା, ପାପା, ମାମା, ଛୁଆ ପାପା, ଭାଇ ଓ ଅଜା, ଆଇ।
ଧ-୧୮୪୦୮

## ଶେଫାଳିଙ୍କ ଭଳି ପ୍ରତିଭା ଚିହ୍ନଟ ଉପରେ ଗୁରୁତ୍ୱ ଦିଆଯିବ: ନୀତୁ

**ନୂଆଦିଲ୍ଲୀ,୨୭।୯ (ପି.ଟି.):** ନବ ନିଯୁକ୍ତ ମହିଳା ଚୟନ କମିଟି ମୁଖ୍ୟ ନୀତୁ ଡେଭିଡ୍ ଦାୟିତ୍ୱ ସମ୍ଭାଳିଛନ୍ତି। ଶେଫାଳି ବର୍ମାଙ୍କ ଭଳି ଯୁବ ପ୍ରତିଭା ଚିହ୍ନଟ କରିବା ଉପରେ ଚୟନ କମିଟି ଗୁରୁତ୍ୱ ଦେବ ବୋଲି ସେ କହିଛନ୍ତି। ୧୬ ବର୍ଷୀୟା ଶେଫାଳି ନିଜର ଛକା ମାରିବାର ବିରଳ ଦକ୍ଷତା ପାଇଁ ରାତାରାତି ଷ୍ଟାର ବନିଯାଥିଲେ।

ଆଧୁନିକ କ୍ରିକେଟକୁ ଭାରତର ଏହି ପୂର୍ବତନ ସ୍ପିନର ନୀତୁ ବେଶ୍ ଭଲଭାବେ ବୁଝିଛନ୍ତି। ଭାରତୀୟ କ୍ରିକେଟ ପାଇଁ କ'ଣ ଆବଶ୍ୟକତା ଅଛି ତାହାକୁ ସେ ଭଲ ଭାବେ ହୃଦୟଙ୍ଗମ କରୁଛନ୍ତି। ମାତ୍ର ୧୫ ବର୍ଷରେ ଶେଫାଳିଙ୍କୁ ଗତବର୍ଷ ଦଳରେ ସାମିଲ କରାଯାଇଥିଲା। ଏହାର ୬ ମାସ ପରେ ତାଙ୍କୁ ଭାରତ ପାଇଁ ପଦାର୍ପଣ କରିବାର ସୁଯୋଗ ମିଳିଥିଲା। ଗତ ମାର୍ଚ୍ଚରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ଭାରତକୁ ଫାଇନାଲରେ ପହଞ୍ଚାଇବାରେ ଶେଫାଳି ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ଆମେ ଏବେ ଶେଫାଳିଙ୍କ ଭଳି ଅଧିକ ଖେଳାଳି ଆବଶ୍ୟକ କରୁଛୁ। ପୂର୍ବାପେକ୍ଷା ଏବେକାର କ୍ରିକେଟରେ ବହୁତ ପରିବର୍ତ୍ତନ ହୋଇଛି। ଏବେ ଘରୋଇ କ୍ରିକେଟରେ ମଧ୍ୟ ଆକ୍ରମଣାତ୍ମକ କ୍ରିକେଟ ଖେଳାଯାଉଛି। ତେଣୁ ଆମେ ଆକ୍ରମଣାତ୍ମକ ଶୈଳୀରେ ଖେଳୁଥିବା କ୍ରିକେଟରଙ୍କୁ ସୁଯୋଗ ଦେବାକୁ ପ୍ରୟାସ କରିବୁ ବୋଲି ୪୩ ବର୍ଷୀୟ ନୀତୁ କହିଛନ୍ତି।

# ଇଣ୍ଡିଆନ ସୁପର ଲିଗ୍ ଖେଳିବ ଇଷ୍ଟବେଙ୍ଗଲ

**ମୁମ୍ବାଇ, ୨୭।୯ (ପି.ଟି.)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ପ୍ରବେଶ କରିଛି ଦେଶର ଅନ୍ୟତମ ପୁରାତନ ଫୁଟ୍‌ବଲ କ୍ଲବ ଇଷ୍ଟବେଙ୍ଗଲ। ୨୦୨୦ ସିଜନରୁ ଦଳ ଏହି ବ୍ୟୟବହୁଳ ଟୁର୍ନାମେଣ୍ଟରେ ଭାଗ ନେବ। ଫୁଟ୍‌ବଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡ୍ (ଏଫ୍‌ଏସ୍‌ଡିଏଲ୍) ଅଧ୍ୟକ୍ଷା ନୀତା ଅମ୍ବାନୀ ଏହା ଘୋଷଣା କରିଛନ୍ତି। ସେ ଆଇଏସ୍‌ଏଲ୍‌ରେ ଇଷ୍ଟବେଙ୍ଗଲ ଏଫ୍‌ସିର ପ୍ରବେଶକୁ ସ୍ୱାଗତ କରିଥିବାବେଳେ ଦେଶରେ ଏହି କ୍ଲବର ରହିଥିବା ଲକ୍ଷ ଲକ୍ଷ ସମର୍ଥକଙ୍କ ପାଇଁ ଏହା ଏକ ଖୁସିର ଖବର ବୋଲି ସେ କହିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ହସ୍ତକ୍ଷେପ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଇଷ୍ଟବେଙ୍ଗଲର ଇଣ୍ଡିଆନ ସୁପର ଲିଗ୍‌ର ୧୧ତମ ଦଳ ଭାବେ ତାଲିକାଭୁକ୍ତ ହୋଇଛି। ପୂର୍ବରୁ ମୋହନ ବାଗାନ ଆଇଏସ୍‌ଏଲ୍‌ରେ ଯୋଗ ଦେଇ ସାରିଥିଲା। ଅବଶ୍ୟ ଟୁର୍ନାମେଣ୍ଟର ୩ ଥର ଚାମ୍ପିୟନ ଏଟିକେ ସହ ଏହାର ମିଶ୍ରଣ ଘଟିବା ପରେ ଯାଇ ସମ୍ଭବ ହୋଇଥିଲା। ଚଳିତ ବର୍ଷ ଆଇଏସ୍‌ଏଲ୍ ନଭେମ୍ବରରୁ ଆରମ୍ଭ ହେବ। ଏଫ୍‌ଏସ୍‌ଡିଏଲ୍ ଖୁବ୍‌ଶୀଘ୍ର ଏହାର କାର୍ଯ୍ୟସୂଚୀ ଘୋଷଣା କରିବ। କୋଭିଡ୍-୧୯ ମହାମାରୀ ଯୋଗୁ ଦୀର୍ଘ ୩ ମାସ ଧରି ହେବାକୁ ଥିବା ଏହି ଟୁର୍ନାମେଣ୍ଟ ଗୋଆର ୩ଟି ଭେନ୍ୟୁରେ ନଭେମ୍ବର ମଧ୍ୟଭାଗରୁ ଖେଳାଯିବ। ଦେଶର ଦୁଇ ପୁରାତନ କ୍ଲବକୁ ସାମିଲ କରାଯିବା ଦ୍ୱାରା କେବଳ ଭାରତୀୟ ଫୁଟ୍‌ବଲ ନୁହେଁ ବିଶେଷ କରି ରାଜ୍ୟର ପ୍ରତିଭା ସମ୍ପନ୍ନ ଖେଳାଳିମାନେ ଉପକୃତ ହେବ। ଭାରତରେ ଫୁଟ୍‌ବଲ ଖେଳର ପ୍ରସାର କ୍ଷେତ୍ରରେ ପଶ୍ଚିମବଙ୍ଗର ବିଶେଷ ଅବଦାନ ରହି ଆସିଛି ବୋଲି ନୀତା କହିଛନ୍ତି। ଇଷ୍ଟବେଙ୍ଗଲ କ୍ଲବର ମୁଖ୍ୟ ଅଂଶୀଦାର ଶ୍ରୀ ସିମେଣ୍ଟର ମାଲିକ ତଥା ପରିଚାଳନା ନିର୍ଦ୍ଦେଶକ ହରି ମୋହନ ବାଙ୍ଗୁର କହିଛନ୍ତି, ଆଇଏସ୍‌ଏଲରେ ଶେଷ ମୁହୂର୍ତ୍ତରେ ଇଷ୍ଟବେଙ୍ଗଲକୁ ସାମିଲ କରାଯିବା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କର ବିଶେଷ ଭୂମିକା ରହିଛି। ଟୁର୍ନାମେଣ୍ଟ ଆଉ ଅଳ୍ପ ଦିନ ବାକି ରହିଥିବାରୁ ବର୍ତ୍ତମାନ ଆମକୁ ଦଳ ଚୂଡ଼ାନ୍ତ କରିବାକୁ ହେବ। ଜଣେ କୋଚ୍‌ଙ୍କୁ ନିଯୁକ୍ତି ଦେବାକୁ ପଡ଼ିବ। ଆମ ପାଇଁ ଏହା ଏକ ବଡ଼ ଚ୍ୟାଲେଞ୍ଜ ବୋଲି ସେ କହିଛନ୍ତି। ତେବେ ସେପ୍ଟେମ୍ବର ୩୦ ସୁଦ୍ଧା ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ସେ ଆଶା ପ୍ରକାଶ କରି କହିଛନ୍ତି।

# ରୋହିତ ବନାମ କୋହଲି ମୁକାବିଲା ଆଜି

**ଦୁବାଇ,୨୭।୯(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଦଶମ ମୁକାବିଲାରେ ସୋମବାର ରୋହିତ ଶର୍ମାଙ୍କ ମୁମ୍ବାଇ ଇଣ୍ଡିଆନ୍ସ ଓ ବିରାଟ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପରସ୍ପରକୁ ଭେଟିବେ। ଦ୍ରୁତ ବୋଲିଂକୁ ନେଇ ଚିନ୍ତିତ ଥିବା ବାଙ୍ଗାଲୋର ତା'ର ପ୍ରଥମ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦକୁ ୧୦ ରନରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଥିଲା। ତେବେ ଦ୍ୱିତୀୟ ମ୍ୟାଚ୍‌ରେ କିଙ୍ଗ୍ସ ଏକାଦଶ ପଞ୍ଜାବ ବିପକ୍ଷରେ ବାଙ୍ଗାଲୋର ୯୭ ରନରେ ପରାସ୍ତ ହୋଇ ଏକପ୍ରକାର ଆତ୍ମ ସମର୍ପଣ କରିଥିଲା।

କୋହଲି ଦୁଇଟି ମ୍ୟାଚ୍‌ରେ ବିଫଳ ହୋଇଛନ୍ତି। ସେ ପ୍ରଥମ ମ୍ୟାଚ୍‌ରେ ୧୪ ଓ ଦ୍ୱିତୀୟରେ ୧ ରନକରି ଆଉଟ ହୋଇଥିଲେ। ତେଣୁ ସେ ମିଡିଲ୍ ଅର୍ଡରରେ କିଛି ସମୟ ବିତାଇ ଫର୍ମକୁ ଫେରିବାକୁ ପ୍ରୟାସ କରିବେ। ଯୁବ ଓପନର ଦେବଦତ୍ତ ପଡିକାଲ ଚିତ୍ତାକର୍ଷକ ଅର୍ଦ୍ଧଶତକ ସହ ଆଇପିଏଲ୍‌ରେ ପଦାର୍ପଣ କରିଥିଲେ ମଧ୍ୟ ଦ୍ୱିତୀୟ ମ୍ୟାଚ୍‌ରେ ବିଫଳ ହୋଇଥିଲେ। ତେଣୁ ସେ ସ୍ଥିର ପ୍ରଦର୍ଶନ ଉପରେ ଗୁରୁତ୍ୱ ଦେବେ ବୋଲି ଆଶା କରାଯାଉଛି। ସେହିପରି ଅଷ୍ଟ୍ରେଲୀୟ ସୀମିତ ଓଭର ଅଧିନାୟକ ଆରୋନ ଫିଞ୍ଚ୍ ଭଲ ଷ୍ଟାର୍ଟକୁ ବଡ଼ ସ୍କୋରରେ ପରିଣତ କରି ମ୍ୟାଚ୍ ବିଜୟ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିବେ। ସେହପରି ଭଲ ଫର୍ମରେ ଥିବା ଅଭିଜ୍ଞ ଡିଭିଲର୍ସ ଚିରାଚରିତ ଢଙ୍ଗରେ ବ୍ୟାଟିଂ କରି ଦଳକୁ ବିଜୟୀ କରିବାକୁ ଲକ୍ଷ୍ୟ ରଖିଥିବେ। ବାଙ୍ଗାଲୋରର ଲୋୟର ଅର୍ଡର ମଧ୍ୟ ଭଲ ପ୍ରଦର୍ଶନ କରିବାକୁ ପ୍ରୟାସ କରିବ।




ସାଇଡ୍ ଷ୍ଟ୍ରେନ୍ ଇଞ୍ଜୁରି କାରଣରୁ ପ୍ରଥମ ଦୁଇଟି ମ୍ୟାଚ୍‌ରେ ବେଞ୍ଚ୍‌ରେ ବସିଥିବା ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର କ୍ରିସ୍ ମୋରିସ୍ ଏହି ମ୍ୟାଚ୍‌ରେ ଖେଳିବେ କି ନା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ବୋଲିଂ ବିଭାଗରେ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ ମୁଖ୍ୟ ଭୂମିକା ଗ୍ରହଣ କରିବେ। ଦ୍ରୁତ ବୋଲର ନବଦୀପ ସଇନି ମହଙ୍ଗା ସାବ୍ୟସ୍ତ ହୋଇଥିଲେ ମଧ୍ୟ ତ୍ରୁଟି ସୁଧାରିବେ। ସେହିପରି ଅଭିଜ୍ଞ ଦ୍ରୁତ ବୋଲର ଡେଲ ଷ୍ଟେଇନ୍ ଓ ଉମେଶ ଯାଦବ ମଧ୍ୟ ଗତ ମ୍ୟାଚ୍‌ରେ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଷ୍ଟେଇନ୍ ଏହି ମ୍ୟାଚ୍‌ରେ ନିଜର ସ୍ଥାନ ବଜାୟ ରଖିବେ। ତେବେ ଉମେଶ ଖେଳିବା ନେଇ କିଛି କହି ହେଉନାହିଁ। ଉମେଶଙ୍କ ବଦଳରେ ମହମ୍ମଦ ସିରାଜ ଖେଳିବାର ସମ୍ଭାବନା ରହିଛି। ମିଡିଲ ଅର୍ଡରରେ ଇଂଲଣ୍ଡ ଅଲରାଉଣ୍ଡର ମୋଇନ ଅଲି ସାମିଲ ହେବେ। ଜୋଶ ଫିଲିପ୍ ପୂର୍ବଭଳି ଉଇକେଟକିପର ଦାୟିତ୍ୱ ନିଭାଇବେ। ଯଦି ମୋଇନ ଖେଳନ୍ତି ତା'ହେଲେ ଷ୍ଟେଇନ୍‌ଙ୍କୁ ବାହାରେ ବସିବାକୁ ପଡିବ। ଅପରପକ୍ଷରେ ପ୍ରଥମ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସଠାରୁ ପରାସ୍ତ ହୋଇଥିବା ମୁମ୍ବାଇ ଇଣ୍ଡିଆନ୍ସ ଦ୍ୱିତୀୟ ମ୍ୟାଚ୍‌ରେ ୪୯ ରନରେ କୋଲକାତା ନାଇଟ ରାଇଡର୍ସକୁ ପରାସ୍ତ କରି ପ୍ରତ୍ୟାବର୍ତ୍ତନ କରିଛି।

**ଆଇପିଏଲ୍**
(ସୋମବାର ମ୍ୟାଚ୍)
**ରୟାଲ ଚ୍ୟାଲେଞ୍ଜର୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ**
**ସ୍ଥାନ:** ଦୁବାଇ, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

# ବୋଟାସ୍ ଜିତିଲେ ରୁଷିଆନ୍ ଗ୍ରାଁ ପ୍ରି

**ସୋଚି, ୨୭।୯**

ରବିବାର ଅନୁଷ୍ଠିତ ରୁଷିଆନ ଫର୍ମୁଲା ୱାନ୍ ମୋଟର ରେସିଂରେ ମର୍ସିଡିଜ୍ ଡ୍ରାଇଭର ଭାଲଟେରି ବୋଟାସ ଟାଇଟଲ ବିଜୟୀ ହୋଇଛନ୍ତି। ସିଜନ ୨୦୨୦ରେ ଏହା ହେଉଛି ତାଙ୍କର ଦ୍ୱିତୀୟ ଏବଂ କ୍ୟାରିୟରର ୯ମ ଟାଇଟଲ। ଏହାପୂର୍ବରୁ ସେ ଅଷ୍ଟ୍ରିଆରେ ସିଜନର ପ୍ରଥମ ରେସ୍ ଜିତିଥିଲେ। ସୂଚନାଯୋଗ୍ୟ, ସୋଚିର ଏହି ଟ୍ରାକ୍‌ରେ ସେ ୨୦୧୭ରେ କ୍ୟାରିୟରର ପ୍ରଥମ ବିଜୟ ହାସଲ କରିଥିଲେ। ରେଡ୍‌ବୁଲ୍‌ର ମର୍ସିଡିଜ୍‌ର ଲୁଇସ୍ ହାମିଲଟନଙ୍କ ଆଗରେ ମାକ୍ସ ଭର୍ଷ୍ଟାପେନ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରାକ୍ଟିସ ଷ୍ଟାର୍ଟରେ ତ୍ରୁଟି ପୋଜିଶନ ପାଇଁ ହାମିଲଟନଙ୍କୁ ଦୁଇ ଥର ୫ ସେକେଣ୍ଡ ପେନାଲଟି ହେବାରୁ ସେ ତୃତୀୟ ସ୍ଥାନକୁ ଖସିଯାଇଥିଲେ। ଚାମ୍ପିୟନଶିପ୍ ଲିଡର ହାମିଲଟନ ସୋଚି ଅଟୋଡ୍ରମ୍‌ଠାରେ ପୋଲ୍ ପୋଜିଶନରୁ ରେସ୍ ଆରମ୍ଭ କରିଥିଲେ। କ୍ୟାରିୟରର ୯୧ତମ ଫର୍ମୁଲା ୱାନ ବିଜୟ ସହ ମାଇକେଲ ସୁମାକରଙ୍କ ରେକର୍ଡ ସମକକ୍ଷ ହେବା ଲକ୍ଷ୍ୟରେ ସେ ଥିଲେ। କିନ୍ତୁ ବର୍ତ୍ତମାନ ତାଙ୍କୁ ଆହୁରି କିଛି ସମୟ ଅପେକ୍ଷା କରିବାକୁ ପଡ଼ିବ। ଏଠାରେ ବିଜୟ ଦ୍ୱାରା ଡ୍ରାଇଭର ଚାମ୍ପିୟନଶିପ୍ ଲିଡର ବୋର୍ଡରେ ପ୍ରଥମ ସ୍ଥାନରେ ରହିଥିବା ହାମିଲଟନ ଏବଂ ଦ୍ୱିତୀୟ ସ୍ଥାନରେ ଥିବା ବୋଟାସଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ୪୪କୁ ହ୍ରାସ ପାଇଛି। ତାଲିକାରେ ହାମିଲଟନ ୨୦୫ ପଏଣ୍ଟ ସହ ଶୀର୍ଷରେ ରହିଥିବାବେଳେ ତାଙ୍କ ପଛକୁ ଯଥାକ୍ରମେ ବୋଟାସ (୧୬୧), ଭର୍ଷ୍ଟାପେନ(୧୨୮) ଓ ମ୍ୟାକଲରେନର ଲାଣ୍ଡୋ ନୋରିସ ରହିଛନ୍ତି। ନୋରିସ୍ ରବିବାର ରେସ୍‌ରେ ୧୫ତମ ସ୍ଥାନରେ ରହିଥିଲେ। ରେନଲ୍ଟର ଡାନିଏଲ ରିକାର୍ଡୋ ଏବଂ ଫେରାରିର ଚାର୍ଲ୍ସ ଲେକ୍‌ରେକ୍‌ଙ୍କୁ ଯଥାକ୍ରମେ ପଛରେ ପକାଇ ରେସିଂ ପଏଣ୍ଟର ସର୍ଗିଓ ପେରେଜ ୪ର୍ଥ ହୋଇଥିଲେ।




## ଶୁଟିଂ ବଲ୍ ଆସୋସିଏଶନ କର୍ମକର୍ତ୍ତା ନିର୍ବାଚନ

**ଭୁବନେଶ୍ୱର, ୨୭।୯ (ସ୍ପୋର୍ଟ୍ସ ବ୍ୟୁରୋ):** ପୁରୀସ୍ଥିତ ଝାଡେଶ୍ୱରୀ କ୍ଲବ ପରିସରରେ ଓଡ଼ିଶା ଶୁଟିଂ ବଲ୍ ଆସୋସିଏଶନର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ତଥା ସାଧାରଣ ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଶୁଭାଶିଷ ଖୁଣ୍ଟିଆ ସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ ସିତେନ୍ଦ୍ର ନାଥ ଦାସ ସମ୍ପାଦକ, ଦେବାନନ୍ଦ ଝା ଯୁଗ୍ମ ସମ୍ପାଦକ ଏବଂ ଗୌରୀ ଶଙ୍କର ମିଶ୍ର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ପ୍ରତାପ କୁମାର ଆଚାର୍ଯ୍ୟ, ହମିଦ କୁମାର ମହାପାତ୍ର, ପ୍ରେମାନନ୍ଦ ବରାଳ, ଦିଲୀପ କୁମାର ଦଳାଇ, ପାର୍ଥସାରଥୀ ମହାପାତ୍ର ପ୍ରମୁଖ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ପରିଷଦର ସଦସ୍ୟ ଭାବେ ସତିକାନ୍ତ ପଟ୍ଟନାୟକ, ରୀତେଶ ମହାନ୍ତି ଶଙ୍ଖମିତ୍ର ସିଂଘାରୀ, ପୂର୍ଣ୍ଣଚନ୍ଦ୍ର ଦାଶ ଓ ଦିଲୀପ କୁମାର ରାଉତ ପ୍ରମୁଖ ନିର୍ବାଚିତ ହୋଇଛନ୍ତି।

ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ବାସନ୍ତୀ ମିଶ୍ର (ଲତା)
ଜି.ଇ ୩୫, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର
ଆବିର୍ଭାବ: ୦୧।୦୧।୧୯୬୦
ତିରୋଧାନ: ୧୯।୦୯।୨୦୨୦
ତୁମେ ଆମପାଇଁ ଛାଡ଼ିଯାଇଥିବା ଆଦର୍ଶ, ଶ୍ରଦ୍ଧା ଓ ଦାୟିତ୍ୱବୋଧ ପ୍ରେରଣାର ଉତ୍ସ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ: କୈଳାସ ମିଶ୍ର, ପୁତ୍ର: ଦିବ୍ୟ, ଜ୍ୱାଇଁ: ବିଭୂତି, ସୁଧୀର, ମନ୍ମଥ, ଝିଅ: ମନି, ଟିକିନା, ଟିକି, ବୋହୂ: ରୁବି, ନାତି-ଡିକୁନ, ନାତୁଣୀ-କିଟୁ, ଆରୁ ଓ ଆତ୍ମୀୟସ୍ୱଜନ ।
ଧ-୧୮୩୬୭

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ ଇଂ ଅଶୋକ କୁମାର ପଟ୍ଟନାୟକ
କେନ୍ଦୁଝରଗଡ
ଏନ୍-୩/୧୨୯, ଆଇଆରସି ଭିଲେଜ, ନୟାପଲ୍ଲୀ
ଆବିର୍ଭାବ- ୨୦.୦୧.୧୯୪୯
ତିରୋଧାନ- ୧୮.୦୯.୨୦୨୦
ହେ ଅଜାତଶତ୍ରୁ, ଆଜିତୁମ ଅବର୍ତ୍ତମାନରେ ଆମେ ସମସ୍ତେ ନିଜକୁ ଅସହାୟ ମଣୁଛୁ। ତୁମର ସ୍ନେହ, ତୁମର ଭଲପାଇବା ପ୍ରତି ମୁହୂର୍ତ୍ତରେ ଆମକୁ ଦୁଃଖ ଓ ଅଶେଷ ଯନ୍ତ୍ରଣା ଦେଉଛି। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦ ରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ପତ୍ନୀ-କୃଷ୍ଣା, ପୁତ୍ର-ପିଙ୍ଗୁଲ୍, ଟୁନ୍ନ, ପୁତ୍ରବଧୂ-ନିକି, ସର୍ବାଣୀ, ମୋକ୍ଷ, ପ୍ରାପ୍ତି ଓ ପରିବାରବର୍ଗ
ଧ-୬୯୭୬୨

ଦଶାହ ଉପଲକ୍ଷେ

ସ୍ୱର୍ଗତ କାଳନ୍ଦୀ ଚରଣ ମଲ୍ଲିକ
ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ନିରୀକ୍ଷକ
ଗ୍ରାମ: ଗୋବିନ୍ଦରାମପାଟଣା, ଜି: କଟକ
ଆବିର୍ଭାବ: ୦୬।୦୯।୧୯୩୮
ତିରୋଧାନ: ୧୯।୦୯।୨୦୨୦
ବାପା, ଆପଣ ଆମକୁ ଶୋକସାଗରରେ ଭସାଇ ଦେଇ କେଉଁ ଅଜଣା ରାଇଜକୁ ଚାଲିଗଲ, ଯେଉଁଠି କେହି କେବେ ଫେରନ୍ତି ନାହିଁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ଭଲପାଇବା ଓ ତ୍ୟାଗ ଆମ୍ଭମାନଙ୍କ ପାଇଁ ଚିରନ୍ତନ ପଥ ପ୍ରଦର୍ଶକ ହେଉ। ଆଜିର ଦଶାହ ଦିବସରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ ପରିବାର:-
ପତ୍ନୀ: ରାଧାରାଣୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ଭାଇ, ପୁତୁରା, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନ ।
ଧ-୧୮୪୦୪

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ କ୍ଷୀରୋଦବାସିନୀ ଚୌଧୁରୀ
ଚିନ୍ତାମଣିଶ୍ୱର, ଭୁବନେଶ୍ୱର - ୦୬
ଆବିର୍ଭାବ - ୧୭.୦୨.୧୯୩୪
ତିରୋଧାନ - ୧୮.୦୯.୨୦୨୦
ଆଶ୍ୱିନ ମଳ ଶୁକ୍ଳପକ୍ଷ ପ୍ରତିପଦ ତିଥି
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ପାଇଁ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କର ଚରଣ କମଳରେ ଆମର ଭକ୍ତିପୂତ ନିବେଦନ ଓ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ :
ପୁତ୍ର - ସନ୍ତୋଷ ଚୌଧୁରୀ, ସମରେଶ ଚୌଧୁରୀ, ସଞ୍ଜୟ ଚୌଧୁରୀ ପୁତ୍ରବଧୂ, ଝିଅ-ଜ୍ୱାଇଁ ଓ ନାତିନାତୁଣୀ ଓ ଆତ୍ମୀୟ ସଜନ
ଧ-୧୮୩୬୬

ଧରିତ୍ରୀ DHARITRI
ସୋମବାର, ୨୮ ସେପ୍ଟେମ୍ବର, ୨୦୨୦



# ଉପକାରୀ ପଣସ

## ପଣସରେ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଜାଣନ୍ତୁ ସେ ସମ୍ପର୍କରେ..



- ପଣସରେ ପ୍ରଚୁର ପରିମାଣରେ ଆଇରନ୍ ଭରି ରହିଛି। ଏହା ରକ୍ତହୀନତା ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ। ତା' ସହ ରକ୍ତ ସଞ୍ଚାଳନକୁ ମଧ୍ୟ ସକ୍ରିୟ କରାଇଥାଏ।
- ପଣସରେ ପୋଟାସିୟମ ରହିଛି। ଏହାକୁ ଖାଇଲେ ହୃଦ୍‌ଜନିତ ସମସ୍ୟା କେତେକାଂଶରେ ଦୂର ହୋଇଥାଏ ବୋଲି ବୋଷ୍ଟନ ୟୁନିଭର୍ସିଟିର ଗବେଷକମାନେ ଜାଣିପାରିଛନ୍ତି।
- ଶ୍ୱାସ ରୋଗୀଙ୍କ ପାଇଁ ପଣସ ବେଶ୍ ଉପକାରୀ।
- ପଣସରେ ଥିବା ମ୍ୟାଗ୍ନେସିୟମ ଅସ୍ଥିକୁ ମଜଭୁତ କରିଥାଏ।
- ପଣସରେ ଭିଟାମିନ୍ 'ସି' ଏବଂ 'ଏ' ଭରି ରହିଛି। ଏହା ରୋଗ ପ୍ରତିରୋଧକ ଶକ୍ତିକୁ ଆହୁରି ଦୃଢ଼ କରିଥାଏ।
- ଏଥିରେ ଥିବା ଶର୍କରା ଅଂଶ ଚର୍ବି ଓ କୋଲେଷ୍ଟରଲ ବୃଦ୍ଧି ହେବାକୁ ଦେଇ ନ ଥାଏ।
- ପଣସ ଖାଇବା ଦ୍ୱାରା ଦୃଷ୍ଟିଶକ୍ତି ଆହୁରି ପ୍ରଖର ହୋଇଥାଏ।

# ମସ୍ତିଷ୍କକୁ ସକ୍ରିୟ କରେ ମନ ପସନ୍ଦର ସଙ୍ଗୀତ



ଭାରାକ୍ରାନ୍ତ ମନକୁ ହାଲକା କରିବା ପାଇଁ ଅନେକେ ଗୀତ ଶୁଣିଥାଆନ୍ତି। କେତେକେ ନିଜର ମନ ପସନ୍ଦର ଗୀତ ଶୁଣିବା ଦ୍ୱାରା ସେମାନଙ୍କର ମାନସିକତା ପ୍ରାୟ ସକାରାତ୍ମକ ରହିଥାଏ ଏବଂ ନିଜେ କରୁଥିବା କାମକୁ ସୂଚାରୁ ରୂପେ ସମ୍ପନ୍ନ କରିଥାଆନ୍ତି। ମନ ପସନ୍ଦର ସଙ୍ଗୀତ ଶୁଣିବା ଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ମସ୍ତିଷ୍କ ପୂର୍ବାପେକ୍ଷା ଆହୁରି ସକ୍ରିୟ ଭାବରେ କାମ କରିଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। ଅଧିକାଂଶ ସମୟ ନିଜର ମନ ପସନ୍ଦର ସଙ୍ଗୀତ ଶୁଣୁଥିବା ବ୍ୟକ୍ତିମାନଙ୍କର ମାନସିକତା କିପରି ରହୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା କରିଥିଲେ ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ। ଏହାଦ୍ୱାରା ସେମାନଙ୍କର ମସ୍ତିଷ୍କ ପୂର୍ବାପେକ୍ଷା ଆହୁରି ସକ୍ରିୟ ଥିବାର ସେମାନେ ଜାଣିବାକୁ ପାଇଥିଲେ।

# ଜଳାତଙ୍କର ଯନ୍ତ୍ରଣା

"ଭୂତାଣୁମାନେ ସଂକ୍ରମିତ ପ୍ରାଣୀର ଲାଳରେ ରହିଥିବା ଯୋଗୁ ଏମାନେ କାମୁଡିବା ଦ୍ୱାରା ରୋଗ ହେବା ସ୍ୱାଭାବିକ। ସଂକ୍ରମିତ ପ୍ରାଣୀ କାମୁଡି ଦେଲେ କିମ୍ବା ଚାଟି ପକାଇଲେ ମଧ୍ୟ ରୋଗ ହୋଇପାରେ। ଜଳାତଙ୍କ ଭୂତାଣୁ ସଂକ୍ରମିତ ପ୍ରାଣୀକୁ ବା କୁକୁର, ବିଲୁଆକୁ ଆମେ ପାଗଳା କୁକୁର, ପାଗଳା ବିଲୁଆ ବୋଲି କହିଥାଉ। କିନ୍ତୁ କେଉଁ କୁକୁର ସୁସ୍ଥ ଓ କେଉଁ କୁକୁର ଭୂତାଣୁ ଦ୍ୱାରା ସଂକ୍ରମିତ, ତାହା ଜାଣିବା ଅନେକ ସମୟରେ ସହଜ ହୋଇ ନ ଥାଏ।"



**ପ୍ରତିବର୍ଷ ସେପ୍ଟେମ୍ବର ୨୮ ତାରିଖକୁ 'ବିଶ୍ୱ ଜଳାତଙ୍କ ଦିବସ' ଭାବରେ ପାଳନ କରାଯାଇଥାଏ। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା..**




ଆପଣମାନଙ୍କ ମଧ୍ୟରୁ ଅନେକ ଜଳାତଙ୍କ ରୋଗର ନାଁ ଶୁଣିଥିବେ। ଡାକ୍ତରମାନେ ଏହି ରୋଗକୁ 'ହାଇଡ୍ରୋଫୋବିଆ' କିମ୍ବା 'ରାବିଜ୍' ବୋଲି କହିଥାଆନ୍ତି। ଏହି ରୋଗ ଏକ ଧରଣର ଭୂତାଣୁ ବା 'ଭାଇରସ' ଦ୍ୱାରା ହୋଇଥାଏ। ଭୂତାଣୁ ଆକ୍ରାନ୍ତ କରିଥାଏ ରୋଗୀର ମସ୍ତିଷ୍କ ଓ ସୁଷୁମ୍ନା କାଣ୍ଡକୁ। ରୋଗଟି ଅତି ମାତ୍ରାରେ ମାରାତ୍ମକ।



ଡା. ନିତ୍ୟାନନ୍ଦ ସ୍ୱାଇଁ

ସର୍ବୋତ୍ତମ ଚିକିତ୍ସା ସତ୍ତ୍ୱେ ରୋଗୀମାନେ ମାତ୍ର ଦୁଇ-ତିନି ଦିନରେ ମୃତ୍ୟୁବରଣ କରିଥାଆନ୍ତି।

ଜଳାତଙ୍କ ରୋଗ ଓ ତାହାର ପ୍ରତିକାର ସମ୍ବନ୍ଧରେ ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୨୮ ତାରିଖରେ ପାଳିତ ହୋଇଥାଏ 'ବିଶ୍ୱ ଜଳାତଙ୍କ ଦିବସ' ବା 'ୱାର୍ଲ୍ଡ ରାବିଜ୍ ଡେ'। ଏହି ଦିବସରେ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ଜନସାଧାରଣଙ୍କୁ ଜଳାତଙ୍କ ରୋର କାରଣ ଓ ପ୍ରତିରୋଧର ଉପାୟ ତଥା ଚିକିତ୍ସା ବିଷୟରେ ଅବଗତ ତଥା ସଚେତନ କରାଯାଇଥାଏ। ଜଳାତଙ୍କର ମୂଳୋତ୍ପାଟନ ପାଇଁ ଟିକା ଓ ସମସ୍ତଙ୍କର ସହଯୋଗ ଅପରିହାର୍ଯ୍ୟ। ଅଷ୍ଟ୍ରେଲିଆ, ତାଇୱାନ୍, ସାଇପ୍ରସ, ଆଇସଲାଣ୍ଡ, ଆୟରଲାଣ୍ଡ, ଜାପାନ, ମାଲ୍ଟା, ନ୍ୟୁଜିଲାଣ୍ଡ, ବ୍ରିଟେନ, ଫିନ୍‌ଲାଣ୍ଡ ନରୱେ ଓ ସୁଇଡେନ୍ ଇତ୍ୟାଦି ରାଜ୍ୟ ଜଳାତଙ୍କମୁକ୍ତ।

**କିପରି ବ୍ୟାପେ:** ଜଳାତଙ୍କ ଏକ ଭୂତାଣୁଜନିତ ରୋଗ ବୋଲି ପୂର୍ବରୁ କୁହାଯାଇଛି। ଏହି ଭୂତାଣୁ କୁକୁର, ବିରାଡି, ବିଲୁଆ, ଗଧିଆ ଏବଂ ଏପରି କି ମାଙ୍କଡ, ବାଦୁଡି, ଗୋରୁ, ଘୋଡା, ଛେଳି, ମେଣ୍ଢା ଓ ମୂଷାମାନଙ୍କ ଲାଳରେ ନିଷ୍କାସିତ ହୋଇଥାଏ। କିନ୍ତୁ ଏମାନେ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ନ ଥିଲେ ଏହି ଭୂତାଣୁ ସେମାନଙ୍କର ଲାଳରେ ରହିବାର ସମ୍ଭାବନା ନାହିଁ। ତେବେ କୁକୁର ଓ ବିରାଡି ଏହି ରୋଗ ସଂକ୍ରମଣ ପାଇଁ ମୁଖ୍ୟତଃ ଦାୟୀ। ସୁତରାଂ ସୁସ୍ଥ ଜନ୍ତୁଙ୍କୁ ସଂକ୍ରମିତ ଜନ୍ତୁ କାମୁଡିଲେ ହିଁ ସଂକ୍ରମିତ ଜନ୍ତୁଠାରୁ ଭୂତାଣୁ ଯାଇ ସୁସ୍ଥ ଜନ୍ତୁର ଶରୀରରେ ପ୍ରବେଶ କରେ। ଫଳରେ ସୁସ୍ଥ ଜନ୍ତୁ ସଂକ୍ରମିତ ହୋଇ ଜଳାତଙ୍କର ଶିକାର ହୋଇପଡେ। ଭୂତାଣୁଗୁଡ଼ିକ ସଂକ୍ରମିତ ପ୍ରାଣୀର ଲାଳରେ ରହିଥିବା ଯୋଗୁ ଏମାନେ କାମୁଡିବା ଦ୍ୱାରା ରୋଗ ହେବା ସ୍ୱାଭାବିକ। ସଂକ୍ରମିତ ପ୍ରାଣୀ କାମୁଡି ଦେଲେ କିମ୍ବା ଚାଟି ପକାଇଲେ ମଧ୍ୟ ରୋଗ ହୋଇପାରେ। ଜଳାତଙ୍କ ଭୂତାଣୁ ସଂକ୍ରମିତ ପ୍ରାଣୀକୁ ବା କୁକୁର, ବିଲୁଆକୁ ଆମେ ପାଗଳା କୁକୁର, ପାଗଳା ବିଲୁଆ ବୋଲି କହିଥାଉ। କିନ୍ତୁ କେଉଁ କୁକୁର ସୁସ୍ଥ ଓ କେଉଁ କୁକୁର ଭୂତାଣୁ ଦ୍ୱାରା ସଂକ୍ରମିତ, ତାହା ଜାଣିବା ଅନେକ ସମୟରେ ସହଜ ହୋଇ ନ ଥାଏ। ସଂକ୍ରମିତ କୁକୁର ଆମକୁ କାମୁଡିଲେ କ୍ଷତ ସ୍ଥାନରେ ଜମି ଯାଏ ଭୂତାଣୁ। ସେହି ଭୂତାଣୁଗୁଡିକ ସ୍ନାୟୁବାଟେ ଯାଇ ସୁଷୁମ୍ନା କାଣ୍ଡ ଓ ମସ୍ତିଷ୍କରେ ପହଞ୍ଚି ଯାଇ ରୋଗ ଜାତ କରେ। ପ୍ରାୟ ୯୯ପ୍ରତିଶତ କ୍ଷେତ୍ରରେ ପାଗଳା କୁକୁର କାମୁଡିବା ହିଁ ରୋଗ ସୃଷ୍ଟି ପାଇଁ ଦାୟୀ। ଜଳାତଙ୍କ ରୋଗୀ ମଣିଷକୁ କାମୁଡିଲେ ରୋଗ ଜାତ ହେବା ବିଜ୍ଞାନସମ୍ମତ, ମାତ୍ର ଏହାର ଦୃଷ୍ଟାନ୍ତ ନାହିଁ।

**ଚିକିତ୍ସା:** ଏହି ରୋଗର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। ତେବେ ରୋଗୀକୁ ଏକ ନିସ୍ତବ୍ଧ ଅନ୍ଧାରୁଆ କୋଠରିରେ ଶୀତୁଆ ପବନଠାରୁ ଦୂରେଇ ରଖାଯାଏ। ରୋଗୀକୁ ଦିଆଯାଏ ଟିଟାନସ ଟିକା ଏବଂ ଆଣ୍ଟିବାୟୋଟିକ୍ ଔଷଧ। ପ୍ରାଣୀର ଦାନ୍ତରେ ଲାଗିଥିବା ଜୀବାଣୁମାନ କ୍ଷତ ସ୍ଥାନକୁ ସଂକ୍ରମିତ କରିପକାଇବାର ଆଶଙ୍କା ରହିଥିବାରୁ ଏପରି ପଦକ୍ଷେପ ନିଆଯାଏ। ରୋଗର ଉତ୍କଣ୍ଠା ହ୍ରାସ କରେଇବା ପାଇଁ ମଧ୍ୟ ଔଷଧ ଦିଆଯାଏ। ତେବେ କୁକୁର କାମୁଡି ଦେଲେ, ଚାଟି ଦେଲେ କି ଆମ୍ପୁଡି ଦେଲେ ରୋଗୀକୁ ଡାକ୍ତରଖାନା ନେବା ପୂର୍ବରୁ ତୁରନ୍ତ କ୍ଷତ ସ୍ଥାନକୁ ସାବୁନ ଲଗାଇ ବାରମ୍ବାର ଧୋଇ ପକାଇବା ଉଚିତ। ହାତ କି ଗୋଡକୁ କାମୁଡିଥିଲେ ଅଙ୍ଗର ଆକ୍ରାନ୍ତସ୍ଥଳକୁ କଳ ତଳେ ଦେଖେଇ କଳରୁ ବୋହି ଆସୁଥିବା ଜଳରେ ଧୋଇଦେଲେ ଭୂତାଣୁଗୁଡିକ ଧୋଇହୋଇ ଯାଇ ବେଶି ଉପକାର ମିଳେ। ସାବୁନ ନ ମିଳିଲେ କ୍ଷତ ସ୍ଥାନକୁ ବାରମ୍ବାର ଜଳ ଢାଳି ଧୋଇଦେବା ଦରକାର। ହେଲେ ସାବୁନ ମାରି ଧୋଇଦେବା ଦ୍ୱାରା ଜଳାତଙ୍କ ଜାତ ହେବାର ଆଶଙ୍କା ୮୦ ପ୍ରତିଶତ ହ୍ରାସ ପାଇପାରେ। କ୍ଷତସ୍ଥାନକୁ ଧୋଇ ସାରି ସେଠାରେ ସ୍ପିରିଟ୍ ଢାଳି ଦେବା ଏବଂ ଟିଙ୍କରେ ଆୟୋଡିନ୍ କି ପ୍ରୋଭିଡନ୍ ଆୟୋଡିନ୍ ଢାଳିଦେବା ଆବଶ୍ୟକ। ଏହି ପ୍ରାଥମିକ ଉପଚାର ପରେ କାଳବିଳମ୍ବ ନ କରି ରୋଗୀକୁ ହସ୍‌ପିଟାଲ ନେଇ ଯିବା ଦରକାର।

ଚିକିତ୍ସା ସତ୍ତ୍ୱେ ରୋଗୀ ମାତ୍ର ୨-୩ଦିନ ଭିତରେ ମୃତ୍ୟୁବରଣ କରେ। କାଁ ଭାଁ ରୋଗୀ ୫-୬ଦିନ ପର୍ଯ୍ୟନ୍ତ ବଞ୍ଚିଯାଇପାରନ୍ତି। ସୁତରାଂ ଜଳାତଙ୍କ ରୋଗ ହେଲେ ପ୍ରାୟତଃ ରୋଗୀର ମୃତ୍ୟୁ ହୋଇଥାଏ। ଏଥିରୁ ସୁରକ୍ଷିତ ରହିବା ପାଇଁ ଆଣ୍ଟିରାବିଜ ଭାକସିନ୍ ବା ଏ.ଆର.ଭି. ପ୍ରତିଷେଧକ ଟିକା ନେବା ହିଁ ଏକମାତ୍ର ଉପାୟ। ଏହି ଟିକା ଇଞ୍ଜେକସନ ମାଧ୍ୟମରେ ମାଂସପେଶୀ ଅଭ୍ୟନ୍ତରକୁ ଦିଆଯାଏ।

ଜଳାତଙ୍କ ରୋଗ ଅତିମାତ୍ରରେ ସଂକ୍ରାମକ। ରୋଗୀର ଲାଳ, ବାନ୍ତି, ଲୁହ ଓ ପରିସ୍ରାରେ ଭୂତାଣୁ ରହିଥିବା କିଛି ଅସମ୍ଭବ ନୁହେଁ। ତେଣୁ ରୋଗୀର ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ଚିକିତ୍ସା ସହାୟକମାନେ ନିଜକୁ ସଂକ୍ରମଣମୁକ୍ତ ରଖିବା ପାଇଁ ମାସ୍କ, ଗ୍ଲୋଭସ, ରଙ୍ଗିନ ଚଷମା ଓ ଆପ୍ରୋନ ଇତ୍ୟାଦି ପରିଧାନ କରିବା ଅପରିହାର୍ଯ୍ୟ।

**ପ୍ରତିଷେଧକ ଟିକା**

କୁକୁର କିମ୍ବା ବିରାଡି ଇତ୍ୟାଦି କାମୁଡିଲେ ଡାକ୍ତରଙ୍କ ପାଖରେ ପହଞ୍ଚିବା ଦିନଠାରୁ ଡାକ୍ତର ଆରମ୍ଭ କରିଦିଅନ୍ତି ପ୍ରତିଷେଧକ ଟିକାର ଇଞ୍ଜେକସନ। ଏହି ଇଞ୍ଜେକସନ ଦିଆଯାଏ ପାଞ୍ଚ ଥର- ପ୍ରଥମ ଦିବସ, ତୃତୀୟ ଦିବସ, ସପ୍ତମ ଦିବସ, ୧୪ତମ ଦିବସ ଏବଂ ୨୮ତମ ଦିବସ। ଇଂଜେକସନ ଦିଆଯାଏ ବାହୁର ମାଂସପେଶୀରେ, ପିଚାର ମାଂସପେଶୀରେ ନୁହେଁ। କାରଣ ପିଚାରେ ବେଶି ଚର୍ବି ଥିବାରୁ ତାହା ଟିକା ଉପାଦାନ ଶୋଷଣରେ ବାଧା ଦେଇଥାଏ। ଫଳରେ ପ୍ରତିଷେଧକ ଟିକାର ପ୍ରଭାବରେ ଜାତ ହେଉଥିବା ଆଣ୍ଟିବଡି ପର୍ଯ୍ୟାପ୍ତ ହୋଇପାରେ ନାହିଁ।

ଯେଉଁମାନେ ନିଜ ଘରେ କୁକୁର କି ବିରାଡି ପୋଷିଥାଆନ୍ତି, ସେମାନେ କୁକୁର ଓ ବିରାଡିକୁ ପ୍ରାଣୀ ଚିକିତ୍ସାଳୟକୁ ନେଇ ପ୍ରତିଷେଧକ ଟିକା ଦିଆଇ ଆଣିବା ଆବଶ୍ୟକ। ସେହିପରି ପରିବାର ସମସ୍ତେ ବି ନିବାରଣମୂଳକ ବ୍ୟବସ୍ଥା ସ୍ୱରୂପ ଟିକା ନେବା ବାଞ୍ଛନୀୟ। କୁକୁର, ବିରାଡି ଇତ୍ୟାଦିଙ୍କ ଚିକିତ୍ସା ସହ ସଂପୃକ୍ତ କର୍ମଚାରୀମାନେ ମଧ୍ୟ ଟିକା ନେଇଯିବା ନିରାପଦ। ଏମାନେ ଟିକା ନେଇଥାଆନ୍ତି ତିନି ଥର-୧ମ ଦିବସ, ୭ମ ଦିବସ, ୨୧ତମ ଦିବସ କିମ୍ବା ୨୮ତମ ଦିବସରେ।

*-ଅଭୀପ୍ସା, ସେକ୍ଟର-୬, ପ୍ଲଟ ନଂ- ୧୧୩୧, ଅଭିନବ ବିଡାନାସୀ, କଟକ*
*ମୋ : ୮୩୨୮୯୭୫୧୧୮*

## ରୋଗର ଲକ୍ଷଣ

ପାଗଳା କୁକୁର କାମୁଡିବାର ୨୦-୬୦ଦିନ ଭିତରେ ଏହି ରୋଗର ଲକ୍ଷଣ ପ୍ରକାଶ ପାଇଥାଏ। ପ୍ରଥମେ ପ୍ରକାଶ ପାଇଥାଏ ମୁଣ୍ଡବ୍ୟଥା, ଦେହହାତ ଘୋଳାବିନ୍ଧା, ତଣ୍ଟିରେ ଘାଆ ଓ ସାମାନ୍ୟ ଜ୍ୱର ଭଳି ଇନଫ୍ଲୁଏଞ୍ଜାରେ ପ୍ରକାଶ ପାଉଥିବା ସାଧାରଣ ଲକ୍ଷଣମାନ। ତେଣୁ ଏହି ଲକ୍ଷଣଗୁଡିକ ଜଳାତଙ୍କ ଯୋଗୁ ଜାତ ହୋଇଛି ବୋଲି ନିର୍ଣ୍ଣୟ କରିବା ମୁସ୍କିଲ। କିନ୍ତୁ ରୋଗ ବଢ଼ିଚାଲିଲେ ରୋଗୀ ଉଚ୍ଚ ସ୍ୱରବିଶିଷ୍ଟ ଧ୍ୱନି, ଯେପରି କି ବଡପାଟିରେ କଥାବାର୍ତ୍ତା, ଲାଉଡସ୍ପିକରରୁ ବାହାରୁଥିବା ଶବ୍ଦ, ଗାଡିମୋଟରର ହର୍ଣ୍ଣ ଶବ୍ଦ, ଅତି ଉଜ୍ଜ୍ୱଳ ଆଖିଝଲସିଆ ଆଲୋକ ଓ କାଲୁଆ ପବନକୁ ବି ସହିପାରେନି। ଏଗୁଡିକର ପ୍ରଭାବରେ ରୋଗୀର ଗଳା ଓ ବେକରେ ମାଂସପେଶୀମାନ ହଠାତ୍ ସଂକୁଚିତ ହୋଇପଡନ୍ତି। ପରେ ପରେ ତଣ୍ଟିର ମାଂସପେଶୀ ଅଚଳ ହୋଇପଡେ। ସେ ଖାଦ୍ୟ କି ଜଳକୁ ଆଦୌ ଢ଼ୋକି ପାରେନି। ଏପରି କି ଜଳକୁ ଦେଖିଦେଲେ କଳରୁ ଜଳ ବୋହି ଯିବାର କି ଜଳ ଢାଳି ହୋଇ ଯିବାର ଶବ୍ଦ କାନରେ ବାଜିଲେ ରୋଗୀର ତଣ୍ଟିର ମାଂସପେଶୀମାନ ହଠାତ ସଂକୁଚିତ ହୋଇ ତାକୁ ଅତି ତୀବ୍ର ଭାବରେ କଲବଲ କରିପକାଏ। ଏହି କାରଣରୁ ରୋଗୀ ଜଳ ଦେଖିଲେ ଖୁବ୍ ଆତଙ୍କିତ ହୋଇପଡେ। ସେଥିପାଇଁ ଏହି ରୋଗକୁ ଜଳ ଦ୍ୱାରା ଆତଙ୍କ ବା ଜଳାତଙ୍କ ରୋଗ ନାଁ ଦିଆଯାଇଛି। ଇଂଲିଶରେ କୁହାଯାଉଛି 'ହାଇଡ୍ରୋଫୋବିଆ'- ହାଇଡ୍ରୋର ଅର୍ଥ ଜଳ ଏବଂ ଫୋବିଆର ଅର୍ଥ ଆତଙ୍କ ବା ଭୟ।



# କଥାବାର୍ତ୍ତା ଶୈଳୀ ଓ ବୁଦ୍ଧିମତ୍ତା



କଥାରେ ଅଛି-କହିବ ମଧୁର ବଚନ, କହି ତୋଷିବ ଜନମନ। କଥାବାର୍ତ୍ତା ଶୈଳୀ ଉପରେ ହିଁ ନିଜର ବ୍ୟକ୍ତିତ୍ୱ ନିର୍ଭର କରିଥାଏ। ତେବେ ଏହାର ପ୍ରଭାବ ମଧ୍ୟ ବୁଦ୍ଧିମତ୍ତା ଉପରେ ପଡିଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି। କଥାବାର୍ତ୍ତାରୁ ହିଁ ଜଣେ ବ୍ୟକ୍ତିର ଆଚରଣ ନିର୍ଭର କରିଥାଏ। ଏହି ସର୍ଭେର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କର କଥାବାର୍ତ୍ତା ଶୈଳୀ ଅନ୍ୟମାନଙ୍କ ତୁଳନାରେ ରୁକ୍ଷ ଥିଲା, ସେମାନଙ୍କର ବୁଦ୍ଧିମତ୍ତା କିପରି ରହୁଛି ତାହାକୁ ତନ୍ନ ତନ୍ନ କରି ଉକ୍ତ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ନିରୀକ୍ଷଣ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ସେମାନଙ୍କର ରୁକ୍ଷ କଥାବାର୍ତ୍ତା ଯୋଗୁ ପ୍ରଭାବିତ ହେଉଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଯନ୍ତ୍ରଣା କମାଇବାର ସହଜ ଉପାୟ



ସାଧାରଣତଃ ଆମ ଶରୀରରେ ଯନ୍ତ୍ରଣା ଅନୁଭବ କଲେ ଆମେ ତାହାର ତୁରନ୍ତ ଉପଚାର କରିଥାଉ। ବେଳେବେଳେ ଏଥିପାଇଁ ଘରୋଇ ଉପାୟ ଅବଲମ୍ବନ କରିବାକୁ ପଡେ। ଅନ୍ୟପକ୍ଷରେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବାକୁ ହୋଇଥାଏ। ତେବେ ଏପରି ଏକ ଉପାୟ ରହିଛି, ଯାହାଦ୍ୱାରା ଜଣେ ବ୍ୟକ୍ତି ଏପରି ଯନ୍ତ୍ରଣାରୁ କେତେକାଂଶରେ ଉପଶମ ପାଇପାରିବ। ତାହା ମଧ୍ୟ ବେଶ୍ ସରଳ ଆଉ ସହଜ। ସେହି ଉପାୟଟି ହେଲା ଉପଯୁକ୍ତ ଦେଖାଶୁଣା। ଅର୍ଥାତ୍, ଯନ୍ତ୍ରଣା ଅନୁଭବ କରୁଥିବା ବ୍ୟକ୍ତିଙ୍କର ଯଦି ଉପଯୁକ୍ତ ଦେଖାଶୁଣା କରାଯାଏ ତେବେ ତାଙ୍କୁ ସେଥିରୁ କେତେକାଂଶରେ ଉପଶମ ମିଳିଥାଏ। ଏପରି ବିଷୟବସ୍ତୁକୁ ନେଇ ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ଯନ୍ତ୍ରଣା ଅନୁଭବ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କର ଉପଯୁକ୍ତ ଦେଖାଶୁଣା କରାଯାଉଥିଲା ସେମାନଙ୍କ ମଧ୍ୟରୁ କେତେକ ଏଥିରୁ କିଛି ଅଂଶରେ ଉପଶମ ଲାଭ କରୁଥିବାର ଦେଖିବାକୁ ମିଳିଥିଲା ବୋଲି ପ୍ରକାଶିତ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ସ୍ୱାସ୍ଥ୍ୟ ସୂଚନା



- ନିଜକୁ ସୁସ୍ଥ ରଖିବା ପାଇଁ ଖାଦ୍ୟପେୟ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ।
- ଫାଷ୍ଟଫୁଡ୍ ହେଉ ଅବା ତେଲଜାତୀୟ ଖାଦ୍ୟ-ଏଗୁଡିକ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ସବୁବେଳେ ଏପରି ଖାଦ୍ୟ ଖାଆନ୍ତୁ, ଯାହାଦ୍ୱାରା ପାଚନ କ୍ରିୟା ଆଦୌ ପ୍ରଭାବିତ ହେବ ନାହିଁ।
- ବେଳେବେଳେ ମନଲୋଭା ଖାଦ୍ୟ ଅଧିକ ପରିମାଣର ଖାଇଦେଲେ ପେଟଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ଏଥିପ୍ରତି ଯେତେ ସତର୍କ ରହିବେ ସେତେ ଭଲ।
- କେତେଗୁଡିଏ ରୋଗର ପ୍ରାକୃତିକ ଉପଚାର ରହିଛି। ସେଗୁଡକୁ ଆପଣେଇବାକୁ ଚେଷ୍ଟା କରନ୍ତୁ।
- କୌଣସି ରୋଗର ଲକ୍ଷଣ ବିଷୟରେ ଅବଗତ ହେବା ପରେ ତାହାକୁ ଆଦୌ ଅବହେଳା କରନ୍ତୁ ନାହିଁ। ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଆନ୍ତୁ।
- ଖାଦ୍ୟପେୟ ପ୍ରତି ସତର୍କ ହେବା ସହ ପ୍ରତିଦିନ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ।
- ନିଜକୁ ସୁସ୍ଥ ରଖିବା ପଛରେ ନିଦ୍ରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ପ୍ରତିଦିନ ରାତିରେ ଅତିକମ୍‌ରେ ୬-୭ ଘଣ୍ଟା ଶୁଅନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୨୮/୨୦୨୦ Sambalpur, Monday, September 28/2020




# ରାଜସ୍ଥାନର ଜବରଦସ୍ତ ବିଜୟ

**ଶାରଜା,୨୭।୯(ପି.ଟି.)**

ସ୍ଥାନୀୟ ଶାରଜା କ୍ରିକେଟ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଏକ ହାଇସ୍କୋରିଂ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଦମ୍‌ଦାର ପ୍ରଦର୍ଶନ କରି କିଙ୍ଗ୍ସ ଏକାଦଶ ପଞ୍ଜାବ ବିପକ୍ଷରେ ଜବରଦସ୍ତ ବିଜୟ ହାସଲ କରିଛି। ଶାରଜାର ଅପେକ୍ଷାକୃତ ଏହି ଛୋଟ ଗ୍ରାଉଣ୍ଡରେ ଉଭୟ ଇନିଂସରେ ଛକା ଓ ଚୌକାର ବର୍ଷା ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ପଞ୍ଜାବ ୨୦ ଓଭରରେ ୨ ଉଇକେଟ ହରାଇ ୨୨୩ ରନ ସଂଗ୍ରହ କରିଥିଲା।

## ରାହୁଲ ଟେୱାଟିଆଙ୍କ ବିସ୍ଫୋରକ ବ୍ୟାଟିଂ

ଜବାବରେ ରାଜସ୍ଥାନ ୧୯.୩ ଓଭରରେ ୬ ଉଇକେଟ ହରାଇ ୨୨୬ ରନ କରି ବଜୟୀ ହୋଇଥିଲା। ୧୮ତମ ଓଭରରେ ସେଲଡନ କଟ୍ରେଲଙ୍କୁ ୫ଟି ଛକା ମାରି ରାହୁଲ ଟେୱାଟିଆ ପଞ୍ଜାବ ହାତରୁ ମ୍ୟାଚ୍ ଛଡାଇ ନେଇଥିଲେ। ଦଳ ତରଫରୁ ଇନ୍‌ଫର୍ମ ସଞ୍ଜୁ ସାମସନ ୮୫ ରନ (୪୨ ବଲ, ୪ ଚୌକା, ୭ ଛକା), ଷ୍ଟିଭ୍ ସ୍ମିଥ ୫୦ ରନ (୨୭ ବଲ, ୭ ଚୌକା, ୨ ଛକା), ଟେୱାଟିଆ ୫୩ ରନ (୩୧ ବଲ, ୭ ଛକା) କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରଥିଲେ। ରବିନ୍ ଉଥାପ୍ପା ୯ ରନକରି ଆଉଟ ହୋଇଥିବା ବେଳେ ଜୋଫ୍ରା ଆର୍ଚର ୩ ବଲରୁ ୨ ଛକା ସହ ୧୩ ରନକରି ଅପରାଜିତ ରହି ଦଳ ବିଜୟରେ ମୁଣ୍ଡି ମାରିଥିଲେ। ଏକଦା ପଞ୍ଜାବ ସହଜରେ ବିଜୟ ହାସଲ କରିବ ବୋଲି ମନେ ହେଉଥିଲା। ତେବେ ସାମ୍‌ସନ୍‌ଙ୍କ ପରେ ଟେୱାଟିଆ ବିସ୍ଫୋରକ ବ୍ୟାଟିଂ କରି ଚତୁର୍ଦ୍ଦିଗକୁ ଶଟ୍‌ମାନ ଖେଳିଥିଲେ। ଧୀମା ଆରମ୍ଭ କରିଥିଲେ ମଧ୍ୟ ଟେୱାଟିଆ ପରେ ଛକା ବୃଷ୍ଟିକରି ରାଜସ୍ଥାନକୁ ଟ୍ରାକ୍‌କୁ ଆଣିଥିଲେ। କଟ୍ରେଲଙ୍କ ଗୋଟିଏ ଓଭରରେ ପାଞ୍ଚୋଟି ଛକା ମାରିଥିଲେ। ଆଉ ଗୋଟିଏ ଛକା ମାରିଥିଲେ ସେ ଯୁବରାଜ ସିଂଙ୍କ ଟି୨୦ ରେକର୍ଡର ସମକକ୍ଷ ହୋଇଥାନ୍ତେ। ବୋଲିଂରେ ମହମ୍ମଦ ସାମି ୩, କଟ୍ରେଲ, ନିଶାମ ଓ ମୁରୁଗାନ ଅଶ୍ୱିନ ଗୋଟଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଶତକୀୟ ଇନିଂସ୍ ଅବସରରେ ମୟଙ୍କ ଅଗ୍ରୱାଲ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ପଞ୍ଜାବର ଦୁଇ ଓପନର ରାହୁଲ ଓ ମୟଙ୍କ ଆରମ୍ଭରୁ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ବୋଲିଂକୁ ମାମୁଲି ସାବ୍ୟସ୍ତ କରି ଏହି ଦୁଇ ବ୍ୟାଟ୍ସମ୍ୟାନ ପ୍ରଥମ ଉଇକେଟରେ ୧୦୦ଟି ବଲର ସମ୍ମୁଖୀନ ହୋଇ ୧୮୩ ରନ ସଂଗ୍ରହ କରିଥିଲେ। ଏଥିସହ ଏହି ଦୁଇ ଓପନର ଚଳିତ ସଂସ୍କରଣ ପାଇଁ ପ୍ରଥମ ଉଇକେଟ ଯୋଡିରେ ସର୍ବାଧିକ ରନ୍ ସଂଗ୍ରହ କରି ରେକର୍ଡ କରିଛନ୍ତି। ତେବେ ଆଉ ୨ ରନ କରିଥିଲେ ଏମାନେ ଆଇପିଏଲ୍ ଇତିହାସରେ ସର୍ବାଧିକ ଓପନିଂ ଉଇକେଟ ପାର୍ଟନରଶିପ୍ କରିଥାନ୍ତେ। ତେବେ ମୟଙ୍କ ୫୦ ବଲରୁ ୧୦ ଚୌକା ଓ ୭ ଛକା ସହ ୧୦୬ ରନର ଶତକୀୟ ଇନିଂସ ଖେଳି ପ୍ୟାଭିଲିୟନ ଫେରିଥିଲେ। ସେ ଟମ୍ କୁରାନଙ୍କ ବଲ୍‌ରେ ଛକା ମାରିବାକୁ ପ୍ରୟାସ କରି ଡିପ୍ ମିଡ୍ ଉଇକେଟରେ ସଞ୍ଜୁ ସାମସନଙ୍କ ହାତରେ ଧରା ପଡିଥିଲେ। ଏଥି ସହ ମୟଙ୍କ କ୍ୟାରିୟର ପ୍ରଥମ ଶତକ ହାସଲ କରିଛନ୍ତି ଓ ଚଳିତ ଆଇପିଏଲ୍‌ର ଦ୍ୱିତୀୟ ଶତକ ଅର୍ଜନ କରିଛନ୍ତି। ଏହାପୂର୍ବରୁ ରାହୁଲ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ଚଳିତ ଆଇପିଏଲ୍‌ର ୧୩୨ ରନ ସଂଗ୍ରହ କରି ପ୍ରଥମ ଶତକ ହାସଲ କରିଥିଲେ। ମୟଙ୍କ ମାତ୍ର ୨୬ ବଲରୁ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ଆଉଟ ହେବା ପରେ ରାହୁଲ ୫୪ ବଲର ସମ୍ମୁଖୀନ ହୋଇ ୭ ଚୌକା ଓ ୧ ଛକା ସହ ୬୯ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅଙ୍କିତ ରାଜପୁତଙ୍କ ବଲ୍‌ରେ ଥାର୍ଡମ୍ୟାନ ବାଉଣ୍ଡାରିରେ ଶ୍ରେୟାସ ଗୋପାଲଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ନିକୋଲାସ ପୁରନ ୮ଟି ବଲ୍ ଖେଳି ୧ ଚୌକା ଓ ୩ ଛକା ସହ ୨୫ ଓ ଅଲରାଉଣ୍ଡର ମ୍ୟାକ୍ସୱେଲ ୯ ବଲରୁ ୨ ଚୌକା ସହ ୧୩ ରନ କରି ଅପରାଜିତ ରହିବା ସହ ଦଳକୁ ବୃହତ୍ ୨୨୩ ରନରେ ପହଞ୍ଚାଇଥିଲେ। ବୋଲିଂରେ ରାଜପୁତ ଓ କୁରାନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

କିଙ୍ଗ୍ସ ଏକାଦଶ ପଞ୍ଜାବ ୨୦ ଓଭରରେ ୨୨୩/୨
(ମୟଙ୍କ- ୧୦୬, ରାହୁଲ- ୬୯, ପୁରନ- ୨୫*, ରାଜପୁତ- ୧/ ୩୯, କୁରାନ- ୧/୪୪)।
ରାଜସ୍ଥାନ ରୟାଲ୍ସ ୧୯.୩ ଓଭରରେ ୨୨୬/୬, (ସ୍ମିଥ୍- ୫୦, ସାମସନ- ୮୫, ଟେୱାଟିଆ- ୫୩, ନିଶାମ- ୧/୪୦, କଟ୍ରେଲ- ୧/୫୨, ସାମି- ୩/୫୩, ମୁରୁଗାନ ଅଶ୍ୱିନ- ୧/୧୬, ନିଶାମ- ୧/୪୦ )।

**ସଞ୍ଜୁ ସାମ୍‌ସନ ମ୍ୟାନ୍ ଅଫ୍ ଦି ମ୍ୟାଚ୍**




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ